# ଧରିତ୍ରୀ DHARITRI

ବାଲେଶ୍ୱର, ମଙ୍ଗଳବାର, ଏପ୍ରିଲ ୫/୨୦୨୨ (୧୨ ପୃଷ୍ଠା) | Balasore, Tuesday, April 5/2022 | Page 12 | ₹ 7.00 | ★★★★

୪୮ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅନନ୍ୟାଙ୍କ ବ୍ରେକ୍‌ଅପ୍**

୩ ବର୍ଷ ଧରି ରିଲେସନଶିପ୍‌ରେ ରହିବା ପରେ ପ୍ରେମିକ ଇଶାନ ଖଟ୍ଟରଙ୍କ ସହ ବ୍ରେକ୍‌ଅପ୍ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ।

୦୯

୧୨

**କେଶବ ମହାରାଜଙ୍କୁ ୭ ଉଇକେଟ**

ଡର୍ବାନରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୭ ଉଇକେଟ ନେଇଛନ୍ତି ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ।



# ଚାଷକୁ ନାହିଁ, ଶୋଷୁଛନ୍ତି ଶିଳ୍ପ

## ୧୪୪୧.୮୩ କୋଟି ରାଜସ୍ୱ ହାନି

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ ଚାଷଜମିକୁ ସମ୍ପୂର୍ଣ୍ଣ ଜଳସେଚନ ସୁବିଧା ଯୋଗାଇଦେବା ରାଜ୍ୟ ସରକାରଙ୍କ ପକ୍ଷେ କାଠିକର ପାଠ ହେଉଛି। ଏ ବାବଦରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଜମିକୁ ଜଳସେଚନ ସୁବିଧା ମିଳିପାରୁନାହିଁ। ଭୁଲ୍ ଡିଜାଇନ, ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)ରେ ତ୍ରୁଟି, ଜମି ଅଧିଗ୍ରହଣରେ ବିଳମ୍ବ, ଆର୍ଥିକ ପରିଚାଳନାରେ ଅନିୟମିତତା ଯୋଗୁ ପ୍ରକଳ୍ପ ନିର୍ମାଣରେ ୧୩ରୁ ୪୩ ବର୍ଷ ପର୍ଯ୍ୟନ୍ତ ଲାଗି ଯାଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ଜଳସେଚନ ପାଇଁ ୧୨,୭୪୨.୧୧ କୋଟି ଟଙ୍କା ବ୍ୟୟରେ ୫,୦୨,୮୪୨ ହେକ୍ଟର ଜମିରେ ଜଳସେଚନ କରିବା ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୨,୨୨,୪୧୮ ହେକ୍ଟର ଅର୍ଥାତ୍ ୨୪ ପ୍ରତିଶତ ଜଳସେଚନ ସମ୍ଭବ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଜଳସେଚନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପରୁ ଜମିକୁ ଜଳଯୋଗାଣ ସମ୍ଭବ ହୋଇ ନ ଥିବା ବେଳେ ଶିଳ୍ପସଂସ୍ଥା ଜଳ ଶୋଷି ନେଉଛନ୍ତି। କୌଣସି ଚୁକ୍ତି ନ ଥାଇ ଶିଳ୍ପସଂସ୍ଥା ଜଳ ଉତ୍ତୋଳନ କରୁଥିବା ଯୋଗୁ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ ଫାଙ୍କି ଦେଉଛନ୍ତି। ନିକଟରେ ବିଧାନସଭାରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରୁ ଏଭଳି ତଥ୍ୟ ପ୍ରଘଟ ହୋଇଛି।



ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପ ଚାଷଜମିକୁ ଜଳସେଚିତ କରିବାକୁ ଉଦ୍ଦିଷ୍ଟ ଥିବାବେଳେ ଚଞ୍ଚକତା କରାଯାଇ ଶିଳ୍ପଗୁଡ଼ିକୁ ଜଳ ପାଇଁ ଅନୁମତି ଦିଆଯାଇଛି। ଏହି ପ୍ରକଳ୍ପରୁ ଶିଳ୍ପକୁ ଜଳ ଯୋଗାଇଦେବା ସକାଶେ ପ୍ରସ୍ତୁତ ଡିପିଆର୍‌ରେ କୌଣସି ବିଷୟ ଉଲ୍ଲେଖ କରାଯାଇନାହିଁ। କେନାଲ ନିର୍ମାଣରେ ବିଳମ୍ବ ଯୋଗୁ ପରିକଳ୍ପିତ କ୍ଷେତ୍ରକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପରୁ ଶିଳ୍ପକୁ ଜଳ ବ୍ୟବହାର ଲାଗି ଅନୁମତି ଦିଆଯାଇଥିଲା। କେବଳ ସେତିକି ନୁହେଁ, ଜଳସେଚନ ନିୟମ ଉଲ୍ଲଂଘନ କରି ପାଣି ନେବାକୁ ଅନୁମତି ଦିଆଯାଇଥିବା ବେଳେ ଶିଳ୍ପଗୁଡ଼ିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସକୁ ମଧ୍ୟ ଫାଙ୍କି ଦେଇଛନ୍ତି। ଏ ବାବଦରେ ସରକାରଙ୍କୁ ୧୪୪୧.୮୩ କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

ଓଡ଼ିଶା ଜଳସେଚନ ନିୟମଅନୁଯାୟୀ, ଜଳକର ପ୍ରଦାନରେ ବିଳମ୍ବ ହେଲେ ମାସିକ ୨ ପ୍ରତିଶତ ସୁଧ ହିସାବରେ ଅସୁଲ କରିବା ବ୍ୟବସ୍ଥା ରହିଛି। ୨୦୦୬ ମେ'ରେ ବ୍ରାହ୍ମଣୀ ବାମ ବେସିନ ପରିଚାଳକ ତଥା ସାମଲ ବ୍ୟାରେଜ୍ ମୁଖ୍ୟଯନ୍ତ୍ରୀ ସାମଲ ବ୍ୟାରେଜ ବାମ ହେଡ୍, ରେଗୁଲେଟରର ନିମ୍ନସ୍ରୋତର ୧୧୦ କିମିଠାରେ ଗ୍ୟାଲୋନ୍ ପ୍ରତି ୬୦ ଟଙ୍କା ଦରରେ ଆସନ୍ତା ୩୦ ବର୍ଷ ପାଇଁ ଓଡ଼ିଶା ପାୱାର କନ୍‌ସୋର୍ଟିୟମ ଲିମିଟେଡ୍(ଓପିସିଏଲ) ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଉକ୍ତ ସଂସ୍ଥା ୨୦୦୯ରୁ ୨୦୧୦ ସେପ୍ଟେମ୍ବର ମଧ୍ୟରେ ୪୯.୯୩ ଲକ୍ଷ ଗ୍ୟାଲୋନ୍ ଜଳ ଉଠାଣ କରିଥିଲା। ମାତ୍ର ସେହି ସଂସ୍ଥାଠାରୁ ଜଳକର ଓ ମାସିକ ୨ ପ୍ରତିଶତ ସୁଧ ହିସାବରେ ୨୪୬.୧୪ କୋଟି ଟଙ୍କା ଆଦାୟ କରାଯାଇ ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ସେହିପରି ୩ଟି ଶିଳ୍ପସଂସ୍ଥା ସାମଲ ବ୍ୟାରେଜ୍‌ରୁ ୨୦୧୬ରୁ ଜଳ ନେବା ସହ ୟୁନିଟ୍ ପ୍ରତି ୫.୬୦ ଟଙ୍କା ହାରରେ ଜଳକର ପଇଠ କରୁଥିଲେ। ତେବେ ପରବର୍ତ୍ତୀ ଆଦେଶ ଅନୁଯାୟୀ, ୨୦୧୮ରୁ ୨୦୨୦ ମଧ୍ୟରେ ଜଳକର ୟୁନିଟ୍ ପିଛା ୬.୭୮ ଓ ୭.୪୬ ବଦଳରେ ୬.୭୨ ଓ ୭.୨୮ ଟଙ୍କା ଆଦାୟ କରାଯାଉଥିଲା। ଏଥିଯୋଗୁ ଏହି ସମୟ ମଧ୍ୟରେ ୨,୩୯୮.୫୦ ଲକ୍ଷ ୟୁନିଟ୍ ଜଳ ବାବଦରେ ମାତ୍ର ୨.୪୦ କୋଟି ଟଙ୍କା ଆଦାୟ କରାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଟିକସ ମୂଲ୍ୟ ୧୦ ପ୍ରତିଶତ ହାରରେ ବୃଦ୍ଧି କରାଯିବା କଥା। ମାତ୍ର ତାହା କରାଯାଇନାହିଁ। କେବଳ ସେତିକି ନୁହେଁ, ଗୋଟିଏ ଶିଳ୍ପସଂସ୍ଥା କୌଣସି ଚୁକ୍ତିନାମା ନ କରି ୪୭,୬୭୬ କ୍ୟୁସେକ୍ ଜଳ ଉଠାଣ କରିଥିଲା। ଉକ୍ତ ସଂସ୍ଥାଠାରୁ ୨୦୧୪ରୁ ୨୦୧୯ ମଧ୍ୟରେ ୬ ଗୁଣ ଅର୍ଥଦଣ୍ଡ ବାବଦରେ ୫୦୫.୦୮ କୋଟି ଟଙ୍କା ଆଦାୟ କରାଯାଇ ନ ଥିଲା। ଜଳସେଚନ ନିୟମାବଳୀ ଅନୁଯାୟୀ, ଜଳକର ଫାଙ୍କୁଥିବା ଶିଳ୍ପସଂସ୍ଥାଠାରୁ ମୂଳ ସହିତ ୨ ପ୍ରତିଶତ ଚକ୍ରବର୍ଦ୍ଧୀ ସୁଧହାରରେ ଅସୁଲ କରାଯିବ। ୧୯୯୯ରୁ ଗୋଟିଏ ଶିଳ୍ପସଂସ୍ଥା ୪୭,୬୭୬ କ୍ୟୁସେକ୍ ଜଳ ଉତ୍ତୋଳନ କରିଥିଲା। ମାତ୍ର ଏହି ସଂସ୍ଥା ଟିକସ ପଇଠ କରି ନ ଥିଲା। ଫଳରେ ସରକାରଙ୍କୁ ୬୪୪.୬୭ କୋଟି ଟଙ୍କାର ରାଜସ୍ୱ ହାନି ସହିବାକୁ ପଡିଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଏଜି ସୁପାରିସ କରିଛନ୍ତି।

# ‘ରୋଷଘରେ ଲୁଚି ରହି ଚୁଲି ଭାଙ୍ଗିଛନ୍ତି’

## ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି

- ଏଣିକି ରାତିରେ ମନ୍ଦିର ପରିସର ଖାଲି କରାଯିବ
- ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ପରେ ତଦନ୍ତ ଆରମ୍ଭ
- ସୁଆର ମହାସୁଆର ନିଯୋଗ ସହ ଜିଲାପାଳଙ୍କ ଆଲୋଚନା

ପୁରୀ ଅଫିସ, ୪।୪

ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗା ଘଟଣାକୁ ୪୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୋଷୀଙ୍କୁ ଚିହ୍ନଟ କରିବାରେ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହୋଇଛି। ତେବେ ଏ ନେଇ ସୋମବାର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ପାଞ୍ଚଜଣିଆ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜି) ସୁନିଲ ବଂଶଲ ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆସି ସ୍ଥିତି ଅନୁଧ୍ୟାନ କରିବା ସହ ସେବାୟତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

ମୁଖ୍ୟ ଶାସନ ସଚିବ ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ଏବଂ ଡିଜିପି ଶ୍ରୀମନ୍ଦିର ରୋଷଘର ନିକଟ ଅଗଣାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାତିରେ ରୋଷଘରେ କେହି ଲୁଚି ରହି ଚୁଲି ଭାଙ୍ଗିଥିବା ଅନୁମାନ କରାଯାଉଛି। ଯାହା ଜଣାପଡୁଛି, ଚୁଲି ଭାଙ୍ଗିବା ଭିତରେ ସେମିତି କିଛି ଉଦ୍ଦେଶ୍ୟ ନାହିଁ। ସୁଆର ମହାସୁଆର ସେବାୟତଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ଘଟଣା ସମ୍ପର୍କରେ ଜେଟିପି ଷ୍ଟାଫଙ୍କୁ ପଚରାଉଚରା ଚାଲିଛି। ସିସିଟିଭି ଫୁଟେଜ୍‌ରୁ କିଛି ସୁରାକ ମିଳିଛି। ☞ପୃଷ୍ଠା-୪



# ରାଜଧାନୀରେ ସିରିଜ୍ ଦୁର୍ଘଟଣା

## ହାଇୱା ଧକ୍କାରେ କାର୍ ଚୂର୍‌ମାର, ଜଣେ ମୃତ



ଦୁର୍ଘଟଣାରେ ଚୂର୍‌ମାର ହୋଇଥିବା କାର୍। ମୃତକ ଶ୍ରୀମନ୍ତ କୁମାର ଦାସ (ଇନ୍‌ସେଟ୍)

ଭୁବନେଶ୍ୱର,୪।୪ (ବ୍ୟୁରୋ)

ରାଜଧାନୀରେ ସୋମବାର ସକାଳେ ଭୟଙ୍କର ଦୁର୍ଘଟଣା ଘଟିଛି। ମଞ୍ଚେଶ୍ୱର ଥାନା ପଳାଶୁଣି ନିକଟ ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା ଯୋଗୁ ଗୋଟିଏ କାର୍ ଚୂର୍‌ମାର ହୋଇଯାଇଥିବାବେଳେ ଅନ୍ୟ ୩ରୁ ଊର୍ଦ୍ଧ୍ୱ କାର୍, ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ କାର୍‌ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଟ୍ରାଫିକ୍ ଜାମ୍ ଯୋଗୁ ଗାଡ଼ିଗୁଡ଼ିକ ପଛକୁ ପଛ ରହିଥିବା ସମୟରେ ରସୁଲଗଡ଼ ଓଭରବ୍ରିଜ୍‌ରୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଏହି ଦୁର୍ଘଟଣା ଘଟାଇଥିଲା। ପ୍ରାଣ ହରାଇଥିବା କାର୍ ଚାଳକ ହେଲେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ରାଜକନିକା ଥାନା ଲକ୍ଷୁଣି ଗ୍ରାମର ଶ୍ରୀମନ୍ତ କୁମାର ଦାସ (୩୭)। ସେ ଯାଜପୁର ଜିଲା ଜାରକା ବିଦ୍ୟୁତ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଥିଲେ। ଦୁଇ ହାଇୱା ମଧ୍ୟରେ କାର୍‌ଟି ଚାପି ହୋଇଯିବାରୁ ଅଗ୍ନିଶମ ବାହିନୀ ଓ ପୋଲିସ ଗ୍ୟାସ୍ କଟର୍ ☞ପୃଷ୍ଠା-୪

# ୧୪ ଦିନରେ ୯ ଟଙ୍କା ବୃଦ୍ଧି

## ପେଟ୍ରୋଲ ୪୩, ଡିଜେଲ ୪୨ ପଇସା



ଭୁବନେଶ୍ୱର,୪।୪: ଅନ୍ତର୍ଜାତୀୟ ବଜାରରେ କ୍ରମାଗତ ଭାବେ ଅଶୋଧିତ ତୈଳ ଦର ପରିବର୍ତ୍ତନ ହେବାରୁ ଭାରତ ବଜାର ଉପରେ ତା'ର ପ୍ରଭାବ ଦେଖିବାକୁ ମିଳୁଛି। ଏପରିକି ଦୀର୍ଘ ୧୩ଦିନ ପରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଖସିଥିଲେ ମଧ୍ୟ ଦର ବୃଦ୍ଧିରେ କୌଣସି ପରିବର୍ତ୍ତନ ହେଉନାହିଁ। କ୍ରମାଗତ ୩ୟ ଦିନ ଲାଗି ସାରା ଦେଶରେ ତୈଳ ଦର ବୃଦ୍ଧି ଘଟିଛି। ଗତ ୧୪ ଦିନ ମଧ୍ୟରେ ୧୨ଥର ତୈଳ ଦର ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୪୩ ପଇସା ଏବଂ ଡିଜେଲ ୪୨ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୧୦.୭୯ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୧୦୦.୫୪ ଟଙ୍କାରେ କାରବାର ହେଉଛି। ଗତ ୧୨ ଥରରେ ତେଲ ଦର ପ୍ରାୟ ୯ଟଙ୍କା ବଢ଼ିଲାଣି। ଇତି ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶ୍ରୀଲଙ୍କା ସଙ୍କଟ**

# ‘ଯୌତୁକ ଯୋଗୁ ବାହା ହୋଇପାରୁଛନ୍ତି ଅସୁନ୍ଦରୀ’

## ବିବାଦରେ ପାଠ୍ୟପୁସ୍ତକ

ନୂଆଦିଲ୍ଲୀ,୪।୪

ଭାରତରେ ଯୌତୁକକୁ ଅପରାଧ କୁହାଯାଉଥିବା ବେଳେ ପାଠ୍ୟପୁସ୍ତକରେ ଏହାର ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ପଢ଼ାଯାଉଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ବହିରେ ଯୌତୁକର ଉପଯୋଗିତା ବିଷୟରେ ଉଲ୍ଲେଖ ରହିଥିବା ପୃଷ୍ଠାର ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଏହା ଆଇଏନ୍‌ସି (ଭାରତୀୟ ନର୍ସିଂ କାଉନସିଲ୍) ପାଠ୍ୟକ୍ରମରେ ସାମିଲ ହୋଇଥିବା ଟି.କେ. ଇନ୍ଦ୍ରାଣୀଙ୍କ ଲିଖିତ ସୋସିଓଲଜି ବହି ବୋଲି କେତେଜଣ ଇଣ୍ଟରନେଟ ୟୁଜର କହିଛନ୍ତି। ନର୍ସିଂ ଛାତ୍ରୀଛାତ୍ର ପଢୁଥିବା ଉକ୍ତ ବହିରେ ଡାଉରିର ଭଲ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି। ସେଥିରେ ଲେଖାଅଛି ଯୌତୁକ ବାବଦରେ ଘରକୁ ନୂଆ ଆସବାବପତ୍ର, ଫ୍ରିଜ୍, ଗାଡ଼ି ଆଦି ଆସୁଥିବାବେଳେ ଏହାଦ୍ୱାରା ପୈତୃକ ସମ୍ପତ୍ତିରୁ ଝିଅ ନିଜ ଭାଗ ଆଣିପାରୁଛନ୍ତି। ସେହିପରି ଯୌତୁକ ଯୋଗୁ ଅସୁନ୍ଦର ଝିଅମାନେ ବାହା ହୋଇପାରୁଥିବା ଉକ୍ତ ପୃଷ୍ଠାରେ ଉଲ୍ଲେଖ କରାଯାଇଛି।




ଉକ୍ତ ବିବାଦୀୟ ପୃଷ୍ଠାର ଏକ ଫଟୋ ଶିବସେନା ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ପ୍ରିୟଙ୍କା ଚର୍ତୁବେଦୀ ଟୁଇଟରରେ ଶେୟାର କରିଛନ୍ତି। ଦେଶରେ ଯୌତୁକ ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସରକାର ବିଭିନ୍ନ ଆଇନ କାର୍ଯ୍ୟକାରୀ କରିଥିଲେ ହେଁ ଏହା ପୂର୍ବ ପ୍ରକାରେ ଜାରି ରହିଛି। ଆଜିର ଦିନରେ ଯୌତୁକ ଦାବି ବଢ଼ିବାରେ ଲାଗିଛି। ☞ପୃଷ୍ଠା-୪




PATANJALI Nutrela™ NUTRITION

Ruchi — RUCHI SOYA INDUSTRIES LIMITED

**ପୋଷଣ ଏବଂ ଭିଟାମିନ୍ସର ଅଭାବ ଅନେକ ବିପଜ୍ଜନକ ରୋଗର କାରଣ ସାଜିପାରେ । ନ୍ୟୁଟ୍ରେଲା ନ୍ୟୁଟ୍ରିସନ୍ ଏକ ପ୍ରାକୃତିକ ଅର୍ଗାନିକ୍ ସମାଧାନ ଅଟେ ।**

| ପୋଷକ ତତ୍ତ୍ୱ | ଅଭାବ କାରଣରୁ ରୋଗ |
|---|---|
| ଭିଟାମିନ୍ ଏ | ଭିଟାମିନ୍ ଏ ଅଭାବ କାରଣରୁ ଦୁର୍ବଳ ଦୃଷ୍ଟିଶକ୍ତି, କ୍ଳାନ୍ତି, ଚର୍ମର ଶୁଷ୍କତା ଏବଂ ବାରମ୍ବାର ଅସୁସ୍ଥତା ଭଳି ସମସ୍ୟା ଦେଖାଦେଇପାରେ । |
| ଭିଟାମିନ୍ ସି | ଭିଟାମିନ୍ ସି'ର ଅଭାବ ମାଂସପେଶୀ ଦୁର୍ବଳତା, ଗଣ୍ଠି ଓ ମାଂସପେଶୀ ବ୍ୟଥା, ମାଢ଼ିରୁ ରକ୍ତକ୍ଷରଣ ଆଦି ସମସ୍ୟା ସୃଷ୍ଟି କରିପାରେ । |
| ଭିଟାମିନ୍ ଡି | ଶରୀରରେ କ୍ୟାଲ୍‌ସିୟମ୍ ଏବଂ ଫସ୍‌ଫେଟ୍‌ର ନିୟନ୍ତ୍ରଣରେ ସହାୟକ । ଏହାର ଅଭାବ କାରଣରୁ କ୍ଳାନ୍ତି ଏବଂ ଅସ୍ଥି ଦୁର୍ବଳତା ଦେଖାଦେଇପାରେ । |
| ଭିଟାମିନ୍ ଇ | ଉପାଦେୟ ଆଣ୍ଟିଅକ୍ସିଡାଣ୍ଟସ୍ ଏବଂ କୋଷିକା ଝିଲ୍ଲୀର ସ୍ଥିରତା ବଜାୟ ରଖିବାରେ ସହାୟକ । ଏହାର ଅଭାବ କାରଣରୁ ଚର୍ମ ସମସ୍ୟା ଏବଂ କେଶହାନି ଘଟିପାରେ । |
| ଭିଟାମିନ୍ କେ | ଭିଟାମିନ୍ କେ ରକ୍ତ ସଞ୍ଚାଳନ ପାଇଁ ଉପାଦେୟ ଅଟେ । ଏହାର ଅଭାବ କାରଣରୁ ଅସ୍ଥି ଘନତ୍ୱ ହ୍ରାସ ପାଇଥାଏ । |
| ଭିଟାମିନ୍ ବି1 | ଭିଟାମିନ୍ ବି1 ଖାଦ୍ୟକୁ ଶକ୍ତିରେ ରୂପାନ୍ତରିତ କରିଥାଏ । ଏହାର ଅଭାବ ଡିମେନ୍ସିଆ, ଆଲ୍‌ଜାଇମର୍ସ, କ୍ୟାନ୍‌ସର୍ ଏବଂ ମେଟାବଲିଜିମ୍ ସମ୍ବନ୍ଧୀୟ ସମସ୍ୟାର କାରଣ ସାଜିପାରେ । |
| ଭିଟାମିନ୍ ବି2 | ଭିଟାମିନ୍ ବି2 ଇମ୍ୟୁନିଟି ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ଅଭାବ କାରଣରୁ ସ୍ନାୟବିକ ରୋଗ, ରକ୍ତହୀନତା ଏବଂ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । |
| ଭିଟାମିନ୍ ବି12 | ଭିଟାମିନ୍ ବି12 ଅଭାବ ଦ୍ୱାରା ମସ୍ତିଷ୍କ, ସ୍ନାୟୁତନ୍ତ୍ର ଏବଂ ରକ୍ତଚାପ ପ୍ରଭାବିତ ହୋଇପାରେ । ଏହା ଶରୀରରେ ଲୋହିତ ରକ୍ତକୋଷିକା ଗଢ଼ିବାରେ ସହାୟତା କରିଥାଏ । |

ପ୍ରତିପୂର୍ତ୍ତି ପାଇଁ






ମକା, ସଜନା ଓ ଏଲୋଭେରାରେ ପ୍ରସ୍ତୁତ ମସ୍ତିଷ୍କ, ସ୍ନାୟବିକ ତନ୍ତ୍ର ଓ ନିମ୍ନ ରକ୍ତଚାପ ବିକାର ପାଇଁ ଉପାଦେୟ
**ଭିଟାମିନ୍ ବି-12**

ଅର୍ଗାନିକ୍ ଲାଇଚେନ୍‌ରେ ତିଆରି, ଯାହା ମାଂସପେଶୀ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ
**ଭିଟାମିନ୍ ଡି-2କେ**

ସ୍ପିନାକ୍, ରୋଜହିପ୍ ନିର୍ଯାସ ଏବଂ ପ୍ରାକୃତିକ ମନ୍ଦୁର ଭସ୍ମରେ ପ୍ରସ୍ତୁତ, ଯାହା ରକ୍ତହୀନତା, ଦୁର୍ବଳତା ଏବଂ କ୍ଳାନ୍ତିରେ ତତ୍କାଳୀନ ଲାଭ ଦେଇଥାଏ
**ଆଇରନ୍ କମ୍ପ୍ଲେକ୍ସ**

ମୁକ୍ତା ପିଷ୍ଟି ଭସ୍ମ, ମୋତି ପିଷ୍ଟି ଏବଂ ଶୈଳେୟରେ ପ୍ରସ୍ତୁତ, ଅସ୍ଥିଭଙ୍ଗୁରତା, ସ୍ନାୟୁର କାର୍ଯ୍ୟକ୍ଷମତା ଓ ପ୍ରାକୃତିକ ହାଡ଼ର ସ୍ୱାସ୍ଥ୍ୟ ପାଇଁ ଉପାଦେୟ
**ବୋନ୍ ହେଲ୍‌ଥ**

ଅଁଳା, ରୋଜହିପ୍ ଏବଂ କଖାରୁ ମଞ୍ଜି ନିର୍ଯାସରେ ପ୍ରସ୍ତୁତ, ଏଥିରେ ଅଛି ଆଣ୍ଟିଅକ୍ସିଡାଣ୍ଟ, ଇମ୍ୟୁନିଟି ବର୍ଦ୍ଧକ ଓ ବାର୍ଦ୍ଧକ୍ୟ ନିରୋଧୀ ଗୁଣଧର୍ମ ଓ ଏହା ଗଣ୍ଠିଗୁଡ଼ିକ ପାଇଁ ଉପାଦେୟ
**ଭିଟାମିନ୍ ସି ଆଣ୍ଡ ଜିଙ୍କ୍**

ସଜନା, ଅଁଳା ଏବଂ ଅଶ୍ୱଗନ୍ଧାରେ ପ୍ରସ୍ତୁତ, ଏହା ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ, ଯାହା ପାଚନକ୍ରିୟା, ଷ୍ଟାମିନା ଏବଂ ଶରୀରର କୋଲେଷ୍ଟରଲ୍‌ରେ ଲାଭଦାୟକ ହୋଇଥାଏ
**ନାଚୁରାଲ୍ ସ୍ପିରୁଲିନା**

ନ୍ୟୁଟ୍ରେଲା ନ୍ୟୁଟ୍ରିସନ୍‌ର ସମ୍ପୂର୍ଣ୍ଣ ରେଞ୍ଜ **ପତଞ୍ଜଳି** ଏକ୍ସକ୍ଲୁସିଭ୍ ଷ୍ଟୋର, ମେଡିକାଲ୍ ଷ୍ଟୋର ଏବଂ ଆପଣଙ୍କ ନିକଟତମ ସମସ୍ତ ଅଗ୍ରଣୀ ଷ୍ଟୋରରେ ଉପଲବ୍ଧ ।

www.nutrelanutrition.com ରେ ଅନ୍‌ଲାଇନ୍ ଅର୍ଡର କରନ୍ତୁ କିମ୍ବା ଅର୍ଡର ମି ଆପ୍ ଡାଉନଲୋଡ୍ କରନ୍ତୁ: ORDER ME

## ଅଷ୍ଟ୍ରେଲିଆରେ ଭୂସ୍ଖଳନ : ୨ ମୃତ

ଅଷ୍ଟ୍ରେଲିଆର ୱେନ୍ଥୱର୍ଥରେ ସୋମବାର ଭୂସ୍ଖଳନ କାରଣରୁ ବ୍ଲୁ ମାଉଣ୍ଟେନସ୍ ନ୍ୟାଶନାଲ ପାର୍କରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧରେ ଜଣେ ନାବାଳକ ଅଛନ୍ତି। ସୂଚନାନୁସାରେ ଭୂସ୍ଖଳନ କାରଣରୁ ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଓଦାଳିଆ ପାଗ ପାଇଁ ସିଡ୍‌ନୀରେ ଭୂସ୍ଖଳନ ହେଉଥିବା କୁହାଯାଉଥିବାବେଳେ ପ୍ରତିବର୍ଷ ୪୦ ଲକ୍ଷରୁ ଅଧିକ ଲୋକ ବ୍ଲୁ ମାଉଣ୍ଟେନ୍ସ ବୁଲିବା ପାଇଁ ଆସିଥାନ୍ତି।

## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ଯବାନ ଶହୀଦ

**ଶ୍ରୀନଗର,୪।୪:** ଆତଙ୍କବାଦୀଙ୍କ ଆକ୍ରମଣରେ ସୋମବାର ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ୟଜଣେ ଯବାନ ଆହତ ହୋଇଛନ୍ତି। ଆତଙ୍କବାଦୀ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିବାବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ଓ ସେନା ମିଳିତ ଭାବେ ସର୍ଚ୍ଚ ଅପରେଶନ୍ ଜାରି ରଖିଛି। ସେହିପରି ଶୋପିଆନ୍ ଜିଲା ଅନ୍ତର୍ଗତ ଚୋଟୋଗାମ୍ ଅଞ୍ଚଳରେ ଦୋକାନ କରିଥିବା ଜଣେ କଶ୍ମୀରୀ ପଣ୍ଡିତଙ୍କୁ ସୋମବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଗୁଳି କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲ୍‌ୱାମାରେ ୪ ବାହାର ଶ୍ରମିକ ଏବଂ ଶ୍ରୀନଗରରେ ୨ ସିଆର୍‌ପିଏଫ୍ ଯବାନଙ୍କ ସମେତ ୨୪ ଘଣ୍ଟା ମଧରେ ୭ ଜଣଙ୍କୁ ଗୁଳି କରାଗଲାଣି।

### ବିନୟ କ୍ୱାତ୍ରା ନୂଆ ବହିର୍ବ୍ୟାପାର ସଚିବ



**ନୂଆଦିଲ୍ଲୀ,୪।୪:** ନେପାଳରେ ଭାରତର ରାଷ୍ଟ୍ରଦୂତ ଥିବା ବିନୟ କ୍ୱାତ୍ରାଙ୍କୁ ସୋମବାର କେନ୍ଦ୍ର ସରକାର ନୂଆ ବହିର୍ବ୍ୟାପାର ସଚିବ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ବର୍ତ୍ତମାନର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏପ୍ରିଲ ୩୦ରେ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ କ୍ୱାତ୍ରା ମେ' ମାସରେ ଦାୟିତ୍ୱ ଗ୍ରହଣ କରିବେ। କ୍ୱାତ୍ରାଙ୍କ ନିଯୁକ୍ତିକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ନେପାଳରେ ଭାରତର ରାଷ୍ଟ୍ରଦୂତ ହେବା ପୂର୍ବରୁ ସେ ଫ୍ରାନ୍ସରେ ରାଷ୍ଟ୍ରଦୂତ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ।

### ଆଧାରରେ ଅଜବ ନାଁ ଯୋଗୁ ହୋଇପାରିଲାନି ନାମଲେଖା

**ଲକ୍ଷ୍ନୌ,୪।୪:** ଉତ୍ତର ପ୍ରଦେଶ ବୁଦାଉନାରେ ଏକ ଅସ୍ୱାଭାବିକ ଘଟଣା ଦେଖିବାକୁ ମିଳିଛି। ନିଜର ଅଜବ ନାଁ ପାଇଁ ଆରତୀ ସ୍କୁଲରେ ନାମ ଲେଖାରୁ ବଞ୍ଚିତ ହୋଇଛନ୍ତି। ୟୁପି ବିଲସି ତହସିଲ ଅନ୍ତର୍ଗତ ରାଇପୁର ଗ୍ରାମରେ ଦିନେଶଙ୍କ ଘର। ଶନିବାର ସେ ତାଙ୍କ ଝିଅ ଆରତୀଙ୍କ ନାମ ଲେଖାଇବା ପାଇଁ ନିକଟସ୍ଥ ସରକାରୀ ବିଦ୍ୟାଳୟକୁ ଯାଇଥିଲେ। ଆଧାରକାର୍ଡରେ ଆରତୀଙ୍କ ନାମ ବଦଳରେ 'ବେବି ଫାଇଭ୍ ଅଫ୍ ମଧୁ' ଲେଖାଥିବା କାରଣରୁ ସ୍କୁଲ ଶିକ୍ଷୟିତ୍ରୀ ଏକତା ଭର୍ଶନୀ ଆରତୀଙ୍କ ନାମ ଲେଖିବା ପାଇଁ ମନା କରିଥିଲେ। ତେବେ ଆଧାର କାର୍ଡର କୌଣସି ନମ୍ବର ନ ଥିବା ମଧ ଅଭିଯୋଗ ହୋଇଛି। ସ୍ଥାନୀୟ ପୋଷ୍ଟ ଅଫିସ ଏବଂ ବ୍ୟାଙ୍କରେ ଆଧାର କାର୍ଡ କରାଯାଉଥିବାବେଳେ ଏହା ଏକ ବଡ଼ ଧରଣର ତ୍ରୁଟି ବୋଲି ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଦୀପା ରଞ୍ଜନ କହିଛନ୍ତି। ଏ ନେଇ ଯେଉଁମାନେ ଦାୟୀ ,ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଆଧାରକାର୍ଡର ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି।

### ପୋଲିସଙ୍କୁ ଆଇଆଇଟି ସ୍ନାତକଙ୍କ ଆକ୍ରମଣ

**ଲକ୍ଷ୍ନୌ,୪।୪:** ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗୋରଖନାଥ ମନ୍ଦିର ବାହାରେ ରବିବାର ସନ୍ଧ୍ୟାରେ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଜଣେ ଆଇଆଇଟି ସ୍ନାତକ ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିବା ସହ ଧର୍ମୀୟ ସ୍ଲୋଗାନ ଦେଇଥିଲେ। ଅନ୍ୟମାନେ ଉକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। ଏହା ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ୟୁପି ପୋଲିସ କହିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଗୋରଖନାଥ ମଠ ମୁଖ୍ୟାଳୟ ବାହାରେ ଏଭଳି ଆକ୍ରମଣ ହୋଇଛି। ଅହମଦ ମୁର୍ତାଜା ଆବାସି ନାମକ ଯୁବକ ଏକ ଧାରୁଆ ଅସ୍ତ୍ର ଧରି ସ୍ଲୋଗାନ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ମୁର୍ତାଜା ଗୋରଖପୁରର ବାସିନ୍ଦା। ସେ ୨୦୧୫ରେ ବମ୍ବେ ଆଇଆଇଟିରୁ ସ୍ନାତକ କରିଛନ୍ତି। ତାଙ୍କ ନିକଟରୁ ଲାପ୍‌ଟପ, ଫୋନ୍ ଓ ଏକ ଟିକେଟ ମିଳିଛି। ଆକ୍ରମଣ ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର କହିଛନ୍ତି। ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

# ଶ୍ରୀଲଙ୍କା ମନ୍ତ୍ରୀଙ୍କ ସମୂହ ଇସ୍ତଫା

**କଲମ୍ବୋ,୪।୪**

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ କାରଣରୁ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ କର୍ଫ୍ୟୁ ସତ୍ତ୍ୱେ ଆନ୍ଦୋଳନ ଜାରି ରହିଛି। ସରକାର ବଞ୍ଚାଇବା ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଉଦ୍ୟମ ଚଳାଇଥିବାବେଳେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବ୍ୟତୀତ ସମସ୍ତ ୨୬ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ମିଳିତ ମନ୍ତ୍ରିମଣ୍ଡଳରେ ସାମିଲ ହେବା ଲାଗି ରାଷ୍ଟ୍ରପତି ବିରୋଧୀ ଦଳଗୁଡ଼ିକୁ ଆମନ୍ତ୍ରଣ କରିଥିଲେ। ଦୁଇ ବିରୋଧୀ ଦଳ ସାମାଗି ଜନ ବଲଭେଗାୟ (ଏସ୍‌ଜେବି) ଏବଂ ଜନଥା ବିମୁକ୍ତି ପେରାମୁନା (ଜେଭିପି) ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏହା ବଦଳରେ ରାଷ୍ଟ୍ରପତି ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ରବିବାର ବିଭିନ୍ନ ସହରରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବି




ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ।

କରିଛନ୍ତି। ଦେଶର ଗମ୍ଭୀର ଆର୍ଥିକ ସ୍ଥିତି ଲାଗି ରାଷ୍ଟ୍ରପତି ଓ ତାଙ୍କ ପରିବାରକୁ ଆନ୍ଦୋଳନକାରୀମାନେ ଦାୟୀ କରିଛନ୍ତି।

ସୋମବାର ଇସ୍ତଫା ଦେଇଥିବା ୨୬ ମନ୍ତ୍ରୀଙ୍କ ମଧରେ ପ୍ରଧାନମନ୍ତ୍ରୀଙ୍କ ପୁଅ ନମଲ ରାଜପାକ୍‌ସେ ଅଛନ୍ତି। ସେମାନଙ୍କ ଇସ୍ତଫା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ଥିର ସରକାର ଗଠନରେ ସହାୟକ ହେବ ବୋଲି ନମଲ ଟୁଇଟ୍ କରି ଆଶାବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତିଙ୍କ ଭାଇ ବାସିଲ ରାଜପାକ୍‌ସେଙ୍କ ସ୍ଥାନରେ ପୂର୍ବ ସରକାରରେ ଆଇନମନ୍ତ୍ରୀ ଥିବା ସାବ୍ରିଙ୍କୁ ଅର୍ଥମନ୍ତ୍ରୀ ନିଯୁକ୍ତ କରାଯାଇଛି। ଋଣ ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ସହ କଥା ହେବା ନିମନ୍ତେ ବାସିଲ୍ ୱାଶିଂଟନ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ପୂର୍ବରୁ ବିଭିନ୍ନ ବିଭାଗରେ ଯେଉଁମାନେ ମନ୍ତ୍ରୀ ଥିଲେ ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ଗୁରୁବାର ରାତିରେ ରାଷ୍ଟ୍ରପତିଙ୍କ ବାସଭବନ ବାହାରେ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଦେଶରେ ଜରୁରୀ ସ୍ଥିତି ଜାରି ହୋଇଥିଲା। ରବିବାର ଆନ୍ଦୋଳନକୁ ରୋକିବା ପାଇଁ କର୍ଫ୍ୟୁ ଜାରି ହେବା ସହ ସୋସିଆଲ ମିଡିଆକୁ ନିଷିଦ୍ଧ କରାଯାଇଥିଲା। ଏହା ସତ୍ତ୍ୱେ ଲକ୍ଷ ଲକ୍ଷ ଲୋକ କର୍ଫ୍ୟୁକୁ ଖାତିର ନ କରି ରାସ୍ତାକୁ ଓହ୍ଲାଇଥିଲେ।

ଶ୍ରୀଲଙ୍କାରେ ବିଦେଶୀ ମୁଦ୍ରା ସଙ୍କଟ ଉତ୍କଟ ହୋଇଛି। ଫଳରେ ବିଦେଶରୁ ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରିବାରେ ସମସ୍ୟା ଦେଖାଦେଇଛି। ୧୯୪୮ରେ

### ମନ୍ତ୍ରିମଣ୍ଡଳରେ ସାମିଲ ଆମନ୍ତ୍ରଣକୁ ବିରୋଧୀଙ୍କ ଅଗ୍ରାହ୍ୟ

ବ୍ରିଟିଶ୍ ଶାସନରୁ ଶ୍ରୀଲଙ୍କା ମୁକ୍ତ ହେବା ପରେ କେବେ ଏଭଳି ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ନ ଥିଲା। ଇନ୍ଧନ ଅଭାବରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଫଳରେ ଦୈନିକ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ ହେଉଛି। ଏହା ବ୍ୟତୀତ ଖାଦ୍ୟ, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦୁଷ୍ପ୍ରାପ୍ୟ ହୋଇଛି। ଏହାକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି।

ସଙ୍କଟରେ ଥିବା ଶ୍ରୀଲଙ୍କାକୁ ଭାରତ ଚାଉଳ ଓ ଡିଜେଲ ଯୋଗାଇଦେଇଛି। ଏଥିସହିତ ୧ ବିଲିୟନ ଡଲାର ଋଣ ସହାୟତା ଯୋଗାଇ ଦେବା ଲାଗି ନିକଟରେ ନୂଆଦିଲ୍ଲୀ ଘୋଷଣା କରିଥିଲା। ସେଠାର ଆର୍ଥିକ ସ୍ଥିତିରେ ସୁଧାର ଲାଗି ଭାରତ ପକ୍ଷରୁ ସହାୟତା ଜାରି ରହିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ।

## ପଦ ଛାଡ଼ିଲେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର

ଶ୍ରୀଲଙ୍କା ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଏହାର କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତି ସମ୍ପର୍କିତ ନିଷ୍ପତ୍ତି ନେବାର ଦିନକ ପୂର୍ବରୁ ଗଭର୍ନର ଅଜିଥ ନିଭାର୍ଡ କାବ୍ରାଲ୍ ଇସ୍ତଫା ଦେଇଛନ୍ତି। ଦେଶର ସମସ୍ତ କ୍ୟାବିନେଟ ମନ୍ତ୍ରୀ ଇସ୍ତଫା ଦେବା ପରେ ସେ ଏଭଳି ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ମୁଦ୍ରାନୀତି ଘୋଷଣା ବେଳେ ଶ୍ରୀଲଙ୍କା ମୁଦ୍ରାକୁ ସ୍ଥିର ରଖିବା ଲାଗି ମୁଖ୍ୟ ସୁଧ ହାର ୨ ପ୍ରତିଶତ ବଢ଼ାଯାଇପାରେ ବୋଲି ଆଶା କରାଯାଉଛି। ଗତ ମାସଠାରୁ ଶ୍ରୀଲଙ୍କା ମୁଦ୍ରା ମୂଲ୍ୟ ଆମେରିକା ଡଲାର ମୂଲ୍ୟ ତୁଳନାରେ ୩୦ ପ୍ରତିଶତରୁ ଅଧିକ ହ୍ରାସ ପାଇଲାଣି। ଅଜିଥଙ୍କ ଇସ୍ତଫା ପରେ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ କିଏ କେନ୍ଦ୍ରୀୟ ବ୍ୟାଙ୍କର ପରବର୍ତ୍ତୀ ମୁଖ୍ୟ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ମହିନ୍ଦାଙ୍କ ଘର ଆଗରେ ବିକ୍ଷୋଭ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବାସଭବନ ବାହାରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କ ଇସ୍ତଫା ଦାବି କରିଥିଲେ। ସେମାନେ ରାଜପାକ୍‌ସେ ବିରୋଧୀ ସ୍ଲୋଗାନ ଦେବା ସହ ବାରିକେଡ୍ ଭାଙ୍ଗିଦେଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣି ମାଡ଼ କରିଥିଲା। ଉତ୍ତ୍ୟକ୍ତ ଲୋକେ ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇ ତାଙ୍କ ଗେଟ୍ ନିକଟକୁ ଦୌଡୁଥିବା ଦେଖାଯାଇଥିଲା। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ନୀତି ଯୋଗୁ ଦେଶରେ ଗୁରୁତର ଆର୍ଥିକ ସଙ୍କଟ ଦେଖାଦେଇଛି, ଯେଉଁଥିପାଇଁ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବା ସହ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି।

## ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୪।୪**

ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍, ୨୦୨୨ ସୋମବାର ଲୋକ ସଭାରେ ଧ୍ୱନିମତରେ ଗୃହୀତ ହୋଇଛି। ଏହି ବିଲ୍ ପୋଲିସ ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ଅପରାଧୀଙ୍କଠାରୁ ଦୁଇପାଦ ଆଗରେ ରଖିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। ବିରୋଧୀ ଦଳଗୁଡ଼ିକ ବିଲ୍‌କୁ ବିରୋଧ କରିବା ସହ ମାନବାଧିକାର ପ୍ରସଙ୍ଗ ଉଠାଇଥିଲେ। ଅନ୍ୟପକ୍ଷରେ ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଆଇନ ଶୃଙ୍ଖଳାକୁ ମଜଭୁତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଚିଠା ବିଧେୟକରେ ମାନବୀୟ ଏବଂ ବ୍ୟକ୍ତିଗତ ଅଧିକାରର ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇଥିବା ଶାହା କହିଛନ୍ତି। ପ୍ରସ୍ତାବିତ ଆଇନ ପୋଲିସକୁ ଅପରାଧୀ ଓ ଅଭିଯୁକ୍ତମାନଙ୍କ ଶାରୀରିକ ଓ ଜୈବିକ ନମୁନା ସଂଗ୍ରହ କରିବା ଲାଗି କ୍ଷମତା ପ୍ରଦାନ କରିବ।

## ମସ୍‌ଜିଦରେ ଡାକବାଜି ଯନ୍ତ୍ର ବନ୍ଦ ଦାବି

**ବେଙ୍ଗାଲୁରୁ,୪।୪**

କର୍ନାଟକର ମସ୍‌ଜିଦଗୁଡ଼ିକରେ ଡାକବାଜି ଯନ୍ତ୍ର ବନ୍ଦ କରିବା ଲାଗି ବଜରଙ୍ଗ ଦଳ ଓ ଶ୍ରୀରାମ ସେନା ପକ୍ଷରୁ ଦାବି ହୋଇଛି। ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକ୍‌ରେ ମସ୍‌ଜିଦରେ ମାଇକ୍ ବନ୍ଦ କରିବା ପାଇଁ ଶନିବାର ଦାବି କରିଥିବା ବେଳେ ଏହାକୁ ଦକ୍ଷିଣପନ୍ଥୀ ସଂଗଠନଗୁଡ଼ିକ ସମର୍ଥନ ଜଣାଇଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ମସ୍‌ଜିଦଗୁଡ଼ିକରେ ଡାକବାଜି ଯନ୍ତ୍ର ବନ୍ଦ କରିବା ପାଇଁ ଶ୍ରୀରାମ ସେନାର ଆବାହକ ପ୍ରମୋଦ ମୁଥାଲିକ୍ ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି।

# ନିର୍ବାଚନ ଲଢ଼ିବେନି କ୍ୟାରି ଲାମ୍

**ହଂକଂ, ୪।୪**

ହଂକଂ ଲିଡର କ୍ୟାରି ଲାମ୍ ଦ୍ୱିତୀୟ ଥର ଶାସନରେ ରହିବା ନିମନ୍ତେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୋମବାର ଘୋଷଣା କରିଛନ୍ତି। ଜୁନ୍ ୩୦ରେ ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏଥିସହ ୪୨ ବର୍ଷ ଧରି ଜନସାଧାରଣଙ୍କ ସେବାରୁ ବିରତି ନେବେ ବୋଲି ୬୪ ବର୍ଷୀୟା ଲାମ୍ କହିଛନ୍ତି। ଆସନ୍ତା ମେ'ରେ ପରବର୍ତ୍ତୀ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀ ପାଇଁ ନିର୍ବାଚନ ହେବ। ହଂକଂର ଚିଫ୍ ଏକ୍‌ଜିକ୍ୟୁଟିଭ୍



ନିର୍ବାଚନ ପ୍ରତ୍ୟକ୍ଷ ଭାବେ କରିବା ଦାବିରେ ୨୦୧୯ରେ ତାଙ୍କ ସରକାର ବିରୋଧରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବେଜିଂ ସେଠାରେ କଠୋର ଜାତୀୟ ସୁରକ୍ଷା କାନୁନ ଲାଗୁ କରି ବିରୋଧକୁ ଚପାଇବାକୁ ଉଦ୍ୟମ କରିଥିଲା। ହଂକଂ ମିଡିଆ ରିପୋର୍ଟ ଅନୁସାରେ, ତାଙ୍କ ପରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଧିକାରୀ ତଥା ମୁଖ୍ୟ ଶାସନ ସଚିବ ଜନ୍ ଲି ପରବର୍ତ୍ତୀ ନେତା ଦୌଡ଼ରେ ସାମିଲ ହୋଇପାରନ୍ତି। କୌଣସି କମିଟି ବଦଳରେ ୨୦୧୯ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଲି ସହରର ସୁରକ୍ଷା ପ୍ରମୁଖ ଥିଲେ। ସୂଚନାଯୋଗ୍ୟ, ହଂକଂ ନେତାଙ୍କ ନିର୍ବାଚନ ଏକ କମିଟି ଦ୍ୱାରା ହୋଇଥାଏ। ଏଥିରେ ଏମ୍‌ପି, ବିଭିନ୍ନ ଉଦ୍ୟୋଗର ପ୍ରତିନିଧି, ବେଜିଂ ସମର୍ଥକଙ୍କ ପ୍ରତିନିଧି ରହିଥାନ୍ତି।

# ଦୁଇ ଭାରତୀୟଙ୍କୁ ଗ୍ରାମୀ ଆୱାର୍ଡ

**ୱାଶିଂଟନ, ୪।୪**

ସଙ୍ଗୀତର ସବୁଠାରୁ ବଡ଼ ଆୱାର୍ଡ ସମାରୋହ 'ଗ୍ରାମୀ ଆୱାର୍ଡ୍ସ' ରବିବାର ଲାସ୍ ଭେଗାସ୍‌ର ଏମ୍‌ଜିଏମ୍ ଗ୍ରାଣ୍ଡ ଗାର୍ଡେନ୍ ଏରେନାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁଇ ଭାରତୀୟଙ୍କୁ ଗ୍ରାମୀ ଆୱାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ମ୍ୟୁଜିକ୍ କମ୍ପୋଜର୍ ରିକି କେଜ୍‌ଙ୍କ 'ଡିଭାଇନ୍ ଟାଇଡ୍'କୁ ବେଷ୍ଟ ନ୍ୟୁ-ଏଜ୍ ଆଲ୍‌ବମ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିକିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଫାଲଗୁନୀ ଶାହା



ରିକି କେଜ୍

୨୦୧୫ରେ ରିକି ପ୍ରଥମ ଗ୍ରାମୀ ଆୱାର୍ଡ ଗ୍ରହଣ କରିଥିଲେ। ରିକିଙ୍କ ଜନ୍ମ ଆମେରିକାରେ ହୋଇଥିବାବେଳେ ବର୍ତ୍ତମାନ ସେ ବେଙ୍ଗାଲୁରୁରେ ରହୁଛନ୍ତି। ସେହିପରି ବେଷ୍ଟ ଚିଲ୍‌ଡ୍ରେନ୍ ଆଲବମ୍ ସମ୍ମାନରେ ଫାଲଗୁନୀ ଶାହାଙ୍କ 'ଏ କଲର୍‌ଫୁଲ୍ ୱାର୍ଲ୍ଡ' ପୁରସ୍କୃତ ହୋଇଛି। ମୁମ୍ବାଇରେ ଜନ୍ମିତ ଫାଲଗୁନୀ ନ୍ୟୁୟର୍କରେ ରହୁଛନ୍ତି । 'ଲିଭ୍ ଦ ଡୋର୍ ଓପନ୍'କୁ ମିଳିଛି ସଙ୍ଗ୍ ଅଫ୍ ଦି ଇୟର୍ ସମ୍ମାନ।



ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି କରିବା ପୂର୍ବରୁ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ସହକର୍ମୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ୨ ବର୍ଷ ପରେ ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି

**ନୂଆଦିଲ୍ଲୀ,୪।୪**

ପ୍ରାୟ ୨ ବର୍ଷ ହେଲା ସୁପ୍ରିମକୋର୍ଟରେ ବନ୍ଦ ଥିବା ପୂର୍ଣ୍ଣ ପ୍ରତ୍ୟକ୍ଷ ଶୁଣାଣି ସୋମବାର ଆରମ୍ଭ ହୋଇଛି। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚଠାରୁ ଭର୍ଚୁଆଲ୍ ମୋଡ୍‌ରେ ବିଭିନ୍ନ ମାମଲାର ଶୁଣାଣି କରାଯାଉଥିଲା। ତେବେ ଗତବର୍ଷ ଅକ୍ଟୋବରରୁ ସର୍ବୋଚ୍ଚ ଅଦାଲତରେ ଆଂଶିକ ଭାବେ ପ୍ରତ୍ୟକ୍ଷ ଶୁଣାଣି ଚାଲିଥିଲା। କରୋନା ସଂକ୍ରମଣ କମିବା ପରେ ଏପ୍ରିଲ ୪ରୁ ଫିଜିକାଲ୍ ହିଅରିଂ ପାଇଁ ସୁପ୍ରିମକୋର୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଓର (ଏସ୍‌ଓପି) ଜାରି କରିଥିଲେ। ଏକ ମାମଲାର ଶୁଣାଣି କରିବା ପୂର୍ବରୁ ସକାଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା ଅଦାଲତ ଚାରିପାର୍ଶ୍ୱ ବୁଲି ସହକର୍ମୀ ତଥା କୋର୍ଟ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

ମାର୍ଚ୍ଚ ୨୦୨୦ ପରଠାରୁ ଦେଶରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏସ୍‌ଓପିରେ ଏକାଧିକ ଥର ପରିବର୍ତ୍ତନ କରିଥିଲେ। କେବଳ ବୁଧବାର ଏବଂ ଗୁରୁବାର ପାଇଁ ତାଲିକାଭୁକ୍ତ ହୋଇଥିବା ମାମଲାଗୁଡ଼ିକର ପ୍ରତ୍ୟକ୍ଷ ଶୁଣାଣି ପାଇଁ ଗତ ଫେବୃୟାରୀ ୭ରେ କୋର୍ଟ ଏସ୍‌ଓପି ଜାରି କରିଥିଲେ। ଏହା ପୂର୍ବରୁ ଓମିକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ଶୁଣାଣି ଭର୍ଚୁଆଲ ମୋଡ୍‌ରେ ହେବା ନିମନ୍ତେ ଗତ ଜାନୁୟାରୀରେ ସର୍ବୋଚ୍ଚ ଅଦାଲତ ସ୍ଥିର କରିଥିଲେ। ଏବେ ସୁପ୍ରିମକୋର୍ଟରେ ହେବାକୁ ଥିବା ସମସ୍ତ ମାମଲାର ଶୁଣାଣି ପ୍ରତ୍ୟକ୍ଷ ଭାବରେ କରାଯିବ।

# ପୂର୍ବତନ ସିଜେପି ହୋଇପାରନ୍ତି କାମଚଳା ପ୍ରଧାନମନ୍ତ୍ରୀ

**ଇସ୍‌ଲାମାବାଦ,୪।୪**

ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ଲାଗି ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ (ପିଟିଆଇ) ପାର୍ଟି ମୁଖ୍ୟ ଇମ୍ରାନ୍ ଖାନ୍ ପୂର୍ବତନ ପ୍ରଧାନ ବିଚାରପତି (ସିଜେପି) ଗୁଲ୍‌ଜାର ଅହମଦଙ୍କ ନାଁ ସୁପାରିସ କରିଛନ୍ତି। ତେବେ ବିରୋଧୀ ଦଳ ନେତା ଶେହବାଜ ସରିଫ କେୟାରଟେକର ପ୍ରଧାନମନ୍ତ୍ରୀ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ମନା କରିଦେଇଛନ୍ତି। କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ ହେବା ପର୍ଯ୍ୟନ୍ତ ଇମ୍ରାନ୍ ଏହି ଦାୟିତ୍ୱରେ ରହିବେ ବୋଲି ରାଷ୍ଟ୍ରପତି ଆରିଫ୍ ଅଲ୍‌ଭିଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି।



ଗୁଲ୍‌ଜାର ଅହମଦ



ଇମ୍ରାନ୍ ଖାନ୍

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଓ ସଂଘୀୟ କ୍ୟାବିନେଟକୁ ଭଙ୍ଗ କରାଯାଇଥିବାରୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ଲାଗି ନାମ ପ୍ରସ୍ତାବ ଦେବାକୁ ରାଷ୍ଟ୍ରପତି ପିଟିଆଇ ନେତା ଇମ୍ରାନ୍ ଏବଂ ପୂର୍ବତନ ବିରୋଧୀ ଦଳ ନେତା ଶେହବାଜ ସରିଫ୍‌ଙ୍କୁ ପତ୍ର ଲେଖିଥିଲେ। ପାର୍ଲାମେଣ୍ଟ ଭଙ୍ଗର ୩ ଦିନ ମଧରେ ଯଦି ସେମାନେ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ରାଜି ନ ହୁଅନ୍ତି, ସେମାନେ ଦୁଇଜଣଙ୍କ ନାମ ବାଚସ୍ପତିଙ୍କ ଦ୍ୱାରା ନିଯୁକ୍ତ

### ଗୁଲ୍‌ଜାର ଅହମଦଙ୍କ ନାମ ସୁପାରିସ କଲେ ଇମ୍ରାନ୍

୮ ଜଣିଆ କମିଟି ନିକଟକୁ ପଠାଇବେ। ରାଷ୍ଟ୍ରପତି ମଧ ପୂର୍ବ ନ୍ୟାଶନାଲ ଆସେମ୍ବ୍ଲିର ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ସହ ପରାମର୍ଶ କରି କେୟାରଟେକର ପ୍ରଧାନମନ୍ତ୍ରୀ ନିଯୁକ୍ତି ଦେଇପାରିବେ ବୋଲି ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ କୁହାଯାଇଛି। ଶେହବାଜ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆଇନକୁ ଭଙ୍ଗ କରିଛନ୍ତି। ତେଣୁ ବେଆଇନ କାର୍ଯ୍ୟରେ ସାମିଲ ହେବାକୁ ସେ ଚାହାନ୍ତି ନାହିଁ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

# ବାଚସ୍ପତିଙ୍କ ରୁଲିଂ ଉପରେ ଶୁଣାଣି ସ୍ଥଗିତ

**ଇସ୍‌ଲାମାବାଦ,୪।୪**

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବିଦେଶୀ ଶକ୍ତି ପ୍ରାୟୋଜିତ ବୋଲି ଦର୍ଶାଇ ଉପବାଚସ୍ପତି ଏହାକୁ ଖାରଜ କରିଦେଇଥିବାରୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଏହାର ଶୁଣାଣିକୁ ମଙ୍ଗଳବାରକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ତର୍କସଙ୍ଗତ ରାୟ ଘୋଷଣା କରିବେ ବୋଲି ପ୍ରଧାନ ବିଚାରପତି ଉମର ଅତା ବନ୍ଦିଆଲ କହିଛନ୍ତି। ଉଭୟ ପକ୍ଷଙ୍କୁ ନ ଶୁଣି ମାମଲା ଉପରେ ରାୟ ପ୍ରଦାନ କରାଯାଇପାରିବ ନାହିଁ କହି ପ୍ରଧାନ ବିଚାରପତି ଶୁଣାଣିକୁ

### ବିଦେଶୀ ଶକ୍ତି ପ୍ରାୟୋଜିତ କହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଥିଲେ

ସ୍ଥଗିତ ରଖିଥିଲେ। ସୋମବାର ପାକିସ୍ତାନ ପିପୁଲ୍ସ ପାର୍ଟିର ଓକିଲ ଫାରୁକ୍ ଏଚ୍ ନାଏକ ଦୁଇଘଣ୍ଟା ଧରି ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ ହେଁ ପ୍ରତିପକ୍ଷ ଓକିଲ ରାଜା ରବାନି ଏବଂ ମଖଦୁମ୍ ଅଲି ଖାନ୍ ସେମାନଙ୍କ ଯୁକ୍ତି ଉପସ୍ଥାପନ କରି ନ ଥିଲେ।

ଉପବାଚସ୍ପତି ପ୍ରଧାନମନ୍ତ୍ରୀ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେବା ପରେ ଏହାକୁ ନେଇ ସାମ୍ବିଧାନିକ ସଙ୍କଟ ଦେଖାଦେଇଛି। ଆସେମ୍ବ୍ଲି ନିୟମାବଳୀ ଅନୁଯାୟୀ ବାଚସ୍ପତି ପ୍ରସ୍ତାବକୁ ଖାରଜ କରିପାରିବେ ବୋଲି ବିଚାରପତି ମୁନୀବ ଅଖତର କହିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୫ ଏପ୍ରିଲ୍, ୨୦୨୨



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୨୦,୮୪,୫୩୬ | ୬୧,୭୭,୩୨୫ | ୪୨,୭୦,୭୮,୩୪୫ |
| ଭାରତ | ୪,୩୦,୨୯,୦୪୪ | ୫,୨୧,୩୮୮ | ୪,୨୪,୯୫,୦୮୯ |
| ଓଡ଼ିଶା | ୧୨,୮୭,୭୪୧ | ୯୧୨୧(+୫୩) | ୧୨,୭୮,୩୨୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜୁନ୍ ୧୯, ୨୬ରେ ପ୍ରାଥମିକ ସମବାୟ ସମିତି ନିର୍ବାଚନ

ଭୁବନେଶ୍ୱର,୪।୪(ବ୍ୟୁରୋ): ପଞ୍ଚାୟତ ଓ ପୌର ନିର୍ବାଚନ ଶେଷ ହେବା ପରେ ରାଜ୍ୟରେ ସମବାୟ ସମିତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସମବାୟ ନିର୍ବାଚନ କମିଶନରଙ୍କ ସୁପାରିସ ଆଧାରରେ ରାଜ୍ୟରେ ଆସନ୍ତା ଜୁନ୍ ୧୯ ଏବଂ ୨୬ ତାରିଖରେ ପ୍ରାଥମିକ ସମବାୟ ସମିତି ନିର୍ବାଚନ ନିମନ୍ତେ ସୋମବାର ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ସମୟରେ ରାଜ୍ୟ ସମବାୟ ନିର୍ବାଚନ କମିଶନର ଏହି ନିର୍ବାଚନ ପାଇଁ ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରିବେ ବୋଲି ଜଣାପଡିଛି। ରାଜ୍ୟ ସମବାୟ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁସାରେ ପ୍ରାଥମିକ ସମବାୟ ସମିତିଗୁଡିକର ପରିଚାଳନା କମିଟି କର୍ମକର୍ତ୍ତା ଚୟନ ଲାଗି ଜୁନ୍ ୧୯ ଏବଂ ୨୬ରେ ନିର୍ବାଚନ କରିବା ପାଇଁ ରାଜ୍ୟ ସମବାୟ ନିର୍ବାଚନ କମିଶନର ମାର୍ଚ୍ଚ ୩୦ରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ।

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ

**ପ୍ରଧାନଶିକ୍ଷକ, ମାଟ୍ରନ୍‌ଙ୍କ ନାଁରେ ମାମଲା**

ଉଦଳା,୪।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାଟ୍ରନ୍ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବାର ଧମକ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଛାତ୍ରୀଙ୍କ ପରିବାର ଲୋକେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୦୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ କିଛି ଦିନ ପାଇଁ ବିଦ୍ୟାଳୟ ଆସି ନ ଥିଲେ। ନିକଟରେ ସେ ବିଦ୍ୟାଳୟକୁ ଫେରିବା ସମୟରେ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଏବଂ ମାଟ୍ରନ୍ ଜୟନ୍ତୀ ପାତ୍ର ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ବାବଦରେ କାହାକୁ କିଛି ଜଣାଇଲେ ଗାଧୋଇବା ବେଳର ଫଟୋ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ଧମକଚମକ ଦେଇଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷକ ଓ ମାଟ୍ରନଙ୍କୁ ପଚାରିବାରୁ ସେ କିଛି ପ୍ରତିକ୍ରିୟା ଦେବେ ନାହିଁ ବୋଲି ମନା କରି ଦେଇଛନ୍ତି।

### ଅଟୋରୁ ଖସି ଯୁବତୀ ମୃତ

କାଲିମେଳା, ୪।୪(ଡି.ଏନ.ଏ. ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଭେଜାଙ୍ଗିୱାଡ଼ା ପଞ୍ଚାୟତର ଏମ୍‌ପିଭି-୨୧ ଓ ଭେଜାଙ୍ଗିୱାଡ଼ା ଗ୍ରାମ ସୋମବାର ଅପରାହ୍ନରେ ଏକ ଚଳନ୍ତା ଅଟୋରୁ ଖସିପଡ଼ି ଜଣେ ଯୁବତୀର ମୃତ୍ୟୁ ହୋଇଛି। ଅଟୋ ଚାଳକ ଯୁବତୀଙ୍କ ମୃତଦେହକୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ମୃତଦେହ ରଖି ସେଠାରୁ ଫେରାର ହୋଇଯାଇଥିଲେ। ମୃତ ଯୁବତୀ ଜଣଙ୍କ ଭେଜାଙ୍ଗିୱାଡ଼ା ଗ୍ରାମର ଗଣପତି ଗୀଲେଇଙ୍କ ଝିଅ ରୁଚୁ ଗିଲେଇ ବୁଲି ବୋଲି ଜଣାପଡିଛି। ଆଜି ସକାଳେ ରୁଚୁ କାମ କରିବାକୁ ଏମପିଭି -୨୧ ଗ୍ରାମକୁ ଆସି ଖାଇସାରି ଫେରୁଥିବା ବେଳେ ଅଟୋରୁ ତଳକୁ ଖସି ପଡିଥିଲେ।

# ବାବୁ ବି କଲେଣି ରାଜନୀତି

**ଲୋକପ୍ରିୟ ଯୋଜନା ମାଧ୍ୟମରେ ରାଜ୍ୟ ସରକାରଗୁଡ଼ିକ ଲୋକମାନଙ୍କୁ ଦେଉଥିବା ମାଗଣା ସୁବିଧା ଉପରେ କେନ୍ଦ୍ର ସରକାରଙ୍କ କେତେଜଣ ବରିଷ୍ଠ ସଚିବ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଏଭଳି ସ୍ଥିତି ଜାରି ରହିଲେ ଶ୍ରୀଲଙ୍କା ଭଳି ଆର୍ଥିକ ଦୁଃସ୍ଥିତି ଦେଖାଦେବ। ଏହି ଅମଲାତନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପ୍ରସ୍ତାବରେ ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ନାମ ଉଲ୍ଲେଖ କରିଛନ୍ତି। ଦେଖିବାକୁ ଗଲେ ଏ ସବୁ ଅଣଭାଜପା ରାଜ୍ୟ। ସଦ୍ୟ ସମାପ୍ତ ଉତ୍ତରପ୍ରଦେଶ ଓ ଗୋଆ ବିଧାନସଭା ନିର୍ବାଚନ ବେଳେ ଭାଜପା ମାଗଣା ଏଲପିଜି ଓ ଲୋଭନୀୟ ଘୋଷଣା କରି ଶାସନ ଗାଦିକୁ ଫେରିଛି। କେନ୍ଦ୍ର ସରକାର ମଧ୍ୟ ଉଜ୍ଜ୍ୱଳା ଏବଂ ପିଏମ୍‌କିଷାନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିବା ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉତ୍ତରପ୍ରଦେଶର ନାମ ଆଲୋଚନାବେଳେ ନ ଆଣିବା ସୂଚାଇ ଦେଉଛି ଯେ, ବାବୁ ବି କଲେଣି ରାଜନୀତି।**

ନୂଆଦିଲ୍ଲୀ,୪।୪

ରଣବୋଝରେ ବୁଡ଼ି କାଙ୍ଗାଳ ହୋଇଯାଇଥିବା ଶ୍ରୀଲଙ୍କା ଭଳି ସ୍ଥିତି ଭାରତରେ ମଧ୍ୟ ଉପୁଜିପାରେ। ଭାରତର କେତେକ ରାଜ୍ୟ ଲୋକଙ୍କୁ ମାଗଣା ଯୋଜନାରେ ବିପୁଳ ସୁବିଧା ପ୍ରଦାନ କରିବା ଜାରି ରଖିଲେ ଏପରି ସ୍ଥିତି ବେଶି ଦୂର ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସତର୍କ କରାଇଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ। ମାଗଣା ଯୋଜନା ଅସ୍ଥାୟୀ ଏବଂ ଏହା ଦ୍ୱାରା ସମ୍ପୃକ୍ତ ରାଜ୍ୟର ଅର୍ଥନୀତି ଭୁଶୁଡ଼ି ଯାଇପାରେ ବୋଲି ଶନିବାର ୭-ଲୋକ କଲ୍ୟାଣ ମାର୍ଗସ୍ଥିତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦୀର୍ଘ ୪ ଘଣ୍ଟାର ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି. କେ. ମିଶ୍ର ଏବଂ କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ସମେତ କେନ୍ଦ୍ର ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ଥିବା ଅନେକ ସଚିବ ତଥା ପ୍ରଶାସନିକ ଅଧିକାରୀ କେନ୍ଦ୍ରକୁ ଆସିବା ପୂର୍ବରୁ ବିଭିନ୍ନ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏବେ ଭାରତର ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ରହିଛି। ସେହି ରାଜ୍ୟ ସରକାରଗୁଡ଼ିକ ରାଜକୋଷକୁ ସୁହାଇଲା ଭଳି ପଦକ୍ଷେପ ନେଇ ଆର୍ଥିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ଥିଲା। କିନ୍ତୁ ତାହା ହୋଇପାରିନାହିଁ। ଯଦି ସମ୍ପୃକ୍ତ ରାଜ୍ୟଗୁଡ଼ିକ ଭାରତର ଅଂଶ ହୋଇ ନ ଥାନ୍ତେ ତେବେ ଏତେବେଳକୁ ସେଗୁଡ଼ିକ ଦେବାଳିଆ ହୋଇସାରନ୍ତେଣି। ବିଶେଷକରି ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ସରକାରଗୁଡ଼ିକ ଘୋଷଣା କରିଥିବା ଯୋଜନା ସବୁ ଦୀର୍ଘସ୍ଥାୟୀ ନୁହେଁ। ଏହି ରାଜ୍ୟଗୁଡ଼ିକରେ ଋଣବୋଝ ବଢ଼ିବା ସହ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି। ଏହି ରାଜ୍ୟଗୁଡ଼ିକୁ ଯଥାଶୀଘ୍ର ଉକ୍ତ ସମସ୍ୟାରୁ ମୁକୁଳିବା ପାଇଁ ରାସ୍ତା ବାହାରିବା ଜରୁରୀ ବୋଲି ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ନିର୍ବାଚନରେ ଜନସାଧାରଣଙ୍କୁ ମାଗଣା ସୁବିଧା ଦେବା ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଲାଗି ରହିଥିବା ପ୍ରତିଯୋଗିତା ଦୀର୍ଘକାଳ ଭିତ୍ତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ବୋଝ ବଢ଼ାଇବ ବୋଲି ବରିଷ୍ଠ ଅଧିକାରୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଟିକସ ଏବଂ ଜିଏସ୍‌ଟିରୁ ଭାଗ ନେଇଥାନ୍ତି। ଏହାବ୍ୟତୀତ ଅବକାରୀ ଟିକସ, ପେଟ୍ରୋଲ ଓ ଡିଜେଲରୁ ଭାଟ୍, ଜମିବାଡ଼ି ଟିକସ, ଯାନବାହନ ପଞ୍ଜୀକରଣ ଆଦିରୁ ରାଜ୍ୟଗୁଡ଼ିକ ଆୟ କରିଥାନ୍ତି। ଅର୍ଥାତ୍ ରାଜ୍ୟଗୁଡ଼ିକର ଆୟ ଉତ୍ସ ସୀମିତ ହୋଇଥିବାରୁ ସେମାନେ ଏଭଳି ମାଗଣା ସୁବିଧା ଘୋଷଣା କମାଇବା ଉପରେ ପ୍ରମୁଖ ଅଧିକାରୀମାନେ ଆଲୋକପାତ କରିଛନ୍ତି।

ଅନ୍ୟପକ୍ଷରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଥିବାରୁ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତାର ପୂର୍ଣ୍ଣ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ସମ୍ବଳ ଅଭାବର ବାହାନା ନ କରି ସେମାନେ ଅଭିନବ ଚିନ୍ତାଧାରା ଆପଣାଇବା ଆବଶ୍ୟକ। ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଶାସନିକ ଅଧିକାରୀମାନେ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଜରୁରୀ। ଜାତୀୟ ଦୃଷ୍ଟିକୋଣରୁ ସମସ୍ତେ କିଛି ବଡ଼ ଚିନ୍ତା କରି ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସଚିବମାନଙ୍କ ସହ ଏହା ମୋଦିଙ୍କ ୯ମ ବୈଠକ।

# ସିବିଆଇ ତଦନ୍ତ ଦାବିରେ ଜନସ୍ୱାର୍ଥ ମାମଲା

### ଗାଙ୍ଗପୁର ଥାନା ଆଇଆଇସି ମୃତ୍ୟୁ ଘଟଣା



କଟକ ଅଫିସ/ଆସିକା, ୪।୪:(ଡି.ଏନ୍.ଏ)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁର ରହସ୍ୟ ଉପରୁ ଏପର୍ଯ୍ୟନ୍ତ ପରଦା ହଟିପାରିନାହିଁ। ଏପରି ସ୍ଥିତିରେ ସିବିଆଇ ତଦନ୍ତ ଦାବିରେ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଘଟଣାର ସିବିଆଇ ତଦନ୍ତ ସହ ମୃତ ଗମାଙ୍ଗଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଏଥିରେ ଦାବି ହୋଇଛି। ଉକ୍ତ ମାମଲାରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ, ଭଞ୍ଜନଗର ଏସ୍‌ଡିପିଓ ଏବଂ ଭଞ୍ଜନଗର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଗାଙ୍ଗପୁର ଥାନା ଆଇଆଇସି ଗମାଙ୍ଗଙ୍କ ମୃତ୍ୟୁ ସମୟରେ ସେ ସିଭିଲ ଡ୍ରେସରେ ଥାଇ ମଧ୍ୟାହ୍ନଭୋଜନ କରୁଥିଲେ। ତାଙ୍କ ନିକଟରେ ବନ୍ଧୁକ ନ ଥିଲା। ଏହି ସମୟରେ ଉଭୟ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଭଞ୍ଜନଗର ଥାନା ଆଇଆଇସି ଦିନେଶ କୁମାର ଦାସ ସେଠାରେ ଉପସ୍ଥିତ ଥିଲେ। ଗମାଙ୍ଗ ଡାହାଣହାତି ଥିବାବେଳେ ତାଙ୍କ ବାମପାଖ ପିଚାରେ ଗୁଳି ବାଜିଛି। ତେଣୁ ସେ ବାମହାତରେ ସହଜେ ନିଜ ବନ୍ଧୁକ କାଢି କଦାପି ନିଜକୁ ଗୁଳି କରିପାରିବେ ନାହିଁ। ଅନ୍ୟ କେହି ତାଙ୍କୁ ନିଶ୍ଚୟ ଗୁଳି କରିଛନ୍ତି। ଏଣୁ ଭଞ୍ଜନଗର ଏସ୍‌ଡିପିଓ ମିଶ୍ର ଏବଂ ଆଇଆଇସି ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରି ଉଭୟଙ୍କ ପଲିଗ୍ରାଫିକ ଟେଷ୍ଟ ସହ ମାମଲାର ସିବିଆଇ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ରେ ଦେବ କୁମାରଙ୍କ ମୃତ୍ୟୁ ଘଟିଥିଲା। ନିଜ ସର୍ଭିସ ପିସ୍ତଲରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତେବେ ଘଟଣା ସମୟରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଭଞ୍ଜନଗର ଥାନା ଆଇଆଇସି ଦିନେଶ କୁମାର ଦାସ ଉପସ୍ଥିତ ଥିବା ଦେବ କୁମାରଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଫଳରେ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଗୁଳି କିପରି ଫୁଟିଲା ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ପାରିନାହିଁ।

# ସିବିଆଇ ତଦନ୍ତ ଦାବି କଲେ ମା'

ଭୁବନେଶ୍ୱର,(ବ୍ୟୁରୋ)/ ନୟାଗଡ଼ ଅଫିସ୍/ ରଣପୁର, ୪।୪ (ସ୍ୱ.ପ୍ର.)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତା ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କୁ କ୍ରାଇମ୍‌ବ୍ରାଞ୍ଚ ସୋମବାରଠାରୁ ମାରାଥନ୍ ଜେରା କରୁଛି। ପ୍ରଥମ ପର୍ଯ୍ୟାୟରେ ୮ ଅଭିଯୁକ୍ତଙ୍କ ମଧ୍ୟରୁ ଶର୍ମିଷ୍ଠା, ଝୁନା, ମାଷ୍ଟରମାଇଣ୍ଡ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଓ ମୋବାଇଲ ଦୋକାନୀ ରଞ୍ଜନ ନାୟକଙ୍କୁ ୫ ଦିନିଆ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ ବି ହତ୍ୟାର କାରଣ ଏବଂ ସନ୍ଦେହଜନକ ମେମୋରି ଚିପ୍ ବିଷୟରେ ଏବେବି ରହସ୍ୟ ଲାଗି ରହିଛି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ସନ୍ଦେହ କରି ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ମାନସଙ୍କ ମା' ଜୟନ୍ତୀ ସ୍ୱାଇଁ। ଜୟନ୍ତୀ ଗଣମାଧ୍ୟମକୁ କହିଛନ୍ତି, ସେ ଚିପ୍‌ରେ କ'ଣ ଅଛି ତାହା ଖୋଳତାଡ଼ କରି ବାହାର କରାଯାଉ। ସିବିଆଇ ତଦନ୍ତ ହେଲେ ହିଁ ଉକ୍ତ ଚିପ୍‌ରେ ଯେଉଁ ରହସ୍ୟ ଅଛି ତାହା ଆଗକୁ ଆସିବ। ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ସାଂସଦ, ବଡବଡିଆ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ନିରପେକ୍ଷ ଭାବେ କେବଳ ସିବିଆଇ ଏହି ମାମଲାର ତଦନ୍ତ କରିପାରିବ। ଅଭିଯୁକ୍ତଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଗଲେ ମୋ ପୁଅର ଆତ୍ମା ଶାନ୍ତି ପାଇବ ବୋଲି ଜୟନ୍ତୀ ଦୋହରାଇଛନ୍ତି।

ସେପଟେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡର ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ଶର୍ମିଷ୍ଠା ଓ ଝୁନାଙ୍କୁ ସାମ୍ନାସାମ୍ନି ଜେରା କରିଛି। ଉଭୟଙ୍କୁ ଏକାଧିକ ପ୍ରଶ୍ନ ପଚାରିଛି। ତେବେ ହାତରେ ମାତ୍ର ଆଉ ୨ ଦିନ ରିମାଣ୍ଡ ଅବଧି ଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାର ଅଗ୍ରଗତି ବିଷୟରେ କୌଣସି ସୂଚନା ଦିଆଯାଇନାହିଁ। ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଥିଲା, ତାହା ବିଷୟରେ କ୍ରାଇମବ୍ରାଞ୍ଚ କୌଣସି ସୂଚନା ଦେଉ ନ ଥିବାରୁ ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ମେମୋରି ଚିପ୍ ସବୁଦିନ ପାଇଁ ରହସ୍ୟ ହୋଇ ରହିଯିବ ବୋଲି ମଧ୍ୟ ଆଶଙ୍କା କରାଯାଉଛି।

ଅନ୍ୟପଟେ ଶର୍ମିଷ୍ଠା ଓ ଝୁନାଙ୍କ ବୟାନ ଆଧାରରେ କ୍ରାଇମ୍‌ବ୍ରାଞ୍ଚର ୫ଜଣିଆ ଟିମ୍ ଅପରାହ୍ନରେ ନୟାଗଡ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀସ୍ଥିତ ମାନସଙ୍କ ଘରକୁ ଯାଇଥିଲା। ମାମଲା ବିଷୟରେ କ୍ରାଇମବ୍ରାଞ୍ଚ ଟିମ୍ ମାନସଙ୍କ ସ୍ତ୍ରୀ, ମା, ଭାଇ ଓ ବାପାଙ୍କ ସହ ଆଲୋଚନା କରିଛନ୍ତି। ଯାଜପୁର ଚଣ୍ଡିଖୋଲ ନିକଟରୁ ମିଳିଥିବା ମାନସଙ୍କ ଚପଲ ଓ ଇୟରଫୋନ୍‌କୁ ଚିହ୍ନଟ କରାଇବା ସହ ଚିପ୍ ଓ ଅନ୍ୟ କେତେକ ପ୍ରସଙ୍ଗରେ ଆଲୋଚନା କରି କ୍ରାଇମବ୍ରାଞ୍ଚ ଟିମ୍ କଟକ ଫେରି ଆସିଥିବା ଜଣାପଡିଛି।



ମାନସଙ୍କ ଘର ଆଗରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା**

- ରିମାଣ୍ଡର ପ୍ରଥମ ଦିନରେ ଶର୍ମିଷ୍ଠା, ଝୁନାଙ୍କୁ ସାମ୍ନାସାମ୍ନି ଜେରା
- ମାନସଙ୍କ ଘରେ ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍
- ଚପଲ ଓ ଇୟରଫୋନ୍ ଚିହ୍ନିଲେ ପରିବାର ଲୋକେ

### ୪୨.୬ ଡିଗ୍ରୀରେ ବଲାଙ୍ଗୀର

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଡହ ଡହ ଖରାରେ ପଶ୍ଚିମ ଓଡ଼ିଶା ପାଚି ଯାଉଛି। ଚଳିତ ବର୍ଷ ଏଠାରେ ପାରଦ ୪୩ ଡିଗ୍ରୀ ଅତିକ୍ରମ କରିଥିବାବେଳେ ସୋମବାର ମଧ୍ୟ ୮ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଓ ୩ ସହର ୪୨ ଡିଗ୍ରୀ ଉପରେ ରହିଥିଲା। ୪୨.୬ ଡିଗ୍ରୀ ସହ ବଲାଙ୍ଗୀର ସବୁଠାରୁ ଉତ୍ତପ୍ତ ସହର ହୋଇଥିବାବେଳେ ଟିଟିଲାଗଡ଼ ୪୨.୫ ଓ ବୌଦ୍ଧରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଝାରସୁଗୁଡ଼ା ୪୦.୮, ସୋନପୁର ୪୦.୬, ଭବାନୀପାଟଣା ୪୦.୬, ସୁନ୍ଦରଗଡ଼ ୪୦.୫, ସମ୍ବଲପୁର ୪୦.୧ ଡିଗ୍ରୀ ଥିବାବେଳେ ଭୁବନେଶ୍ୱର ୩୪.୪ ଓ କଟକରେ ଦିନର ସର୍ବାଧିକ ତାପମାତ୍ରା ୩୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଆସନ୍ତା ଦୁଇଦିନ ରାଜ୍ୟରେ କିଛି ଜିଲାରେ ବର୍ଷା ସହିତ ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ ଓ ବାଲେଶ୍ୱର ଏବଂ ବୁଧବାର ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଆଦି ଜିଲାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# 'ମିସ୍ ଇଣ୍ଡିଆ ପ୍ଲାନେଟ୍' ଦ୍ୱିତୀୟ ରନର୍ସଅପ୍ ହେଲେ ଅନ୍ୱେଷା

**ଜାତୀୟ ପ୍ରତିଯୋଗିତାରେ ଚମକିଲେ ସମ୍ବଲପୁର ଝିଅ**

ଭୁବନେଶ୍ୱର, ୪।୪ (ବ୍ୟୁରୋ)

ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ପୁଣି ଚମକିଛନ୍ତି ଓଡ଼ିଆ ଝିଅ। 'ମିସ୍ ଇଣ୍ଡିଆ ପ୍ଲାନେଟ୍ ୨୦୨୨' ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସମ୍ବଲପୁର ବୁର୍ଲା ସହରର ଅନ୍ୱେଷା ଅଦିତି ମହାପାତ୍ର। ମାର୍ଚ୍ଚ ୨୭ରୁ ୨୯ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅନ୍ୱେଷା ଟପ୍ ୧୫ରେ ସାମିଲ ହୋଇଥିଲେ।

ତେବେ ଅନ୍ୱେଷାଙ୍କ ପାଇଁ ଏହା ତାଙ୍କର ପ୍ରଥମ ସଫଳତା ନୁହେଁ। ଏହାପୂର୍ବରୁ ସେ ମିସ୍ ଓଡ଼ିଶା, ଓଡ଼ିଶାସ୍ ନେକ୍ସଟ୍ ଟପ୍ ମଡେଲ, ମିସ୍ ସୁକନ୍ୟା ସମ୍ବଲପୁର, ମିସ୍ ଭାସଣ୍ଟ ଆଦି ଟାଇଟଲ୍ ହାସଲ କରିଛନ୍ତି। ଏଥିସହ ଓଡ଼ିଶା କ୍ୱିନ୍ କଣ୍ଟେଷ୍ଟରେ ଫାଇନାଲିଷ୍ଟ ହୋଇଛନ୍ତି। ୨୦ ବର୍ଷୀୟା ଅନ୍ୱେଷା ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ସୂଚନା ବିଜ୍ଞାନ ଏବଂ ଟେଲି ଯୋଗାଯୋଗରେ ସ୍ନାତକ ହାସଲ କରିଛନ୍ତି। ପିଲାଟିବେଳୁ ତାଙ୍କର ମଡେଲିଂ ପ୍ରତି ଆଗ୍ରହ ରହିଥିଲା। କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ସେ ଜଣେ ତାଲିମ୍‌ପ୍ରାପ୍ତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ। ନିଜର ସଫଳତା ସମ୍ପର୍କରେ ସେ କହିଛନ୍ତି, ବହୁତ ଖୁସି ଲାଗୁଛି କି ମୋ ରାଜ୍ୟ ପାଇଁ ମୁଁ ଟାଇଟଲ୍ ହାସଲ କରିପାରିଛି। ଆଗକୁ ମିସ୍ ଇଣ୍ଡିଆ, ମିସ୍ ୱାର୍ଲ୍ଡ ଓ ମିସ୍ ଡିଭା ପ୍ରତିଯୋଗିତା ପାଇଁ ମଧ୍ୟ ପ୍ରସ୍ତୁତ ହେଉଛି। ଏହି ସଫଳତାର ସମସ୍ତ ଶ୍ରେୟ ସେ ତାଙ୍କ ମା' ବାପାଙ୍କୁ ଦେଇଛନ୍ତି।



ଟ୍ରଫି ସହ ଅନ୍ୱେଷା

# ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

- ୧୧୩୨ ସେଣ୍ଟର, ୬ ସବ୍ ସେଣ୍ଟର ହୋଇଛି
- ୫୭ ପିଲାଙ୍କୁ ଫର୍ମପୂରଣ ଲାଗି ମିଳିଲା ସୁଯୋଗ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଚଳିତବର୍ଷ ମୋଟ୍ ୩ଲକ୍ଷ ୩୨ହଜାର ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଉଛନ୍ତି। ପ୍ରାୟ ୧,୫୮୮ କଲେଜର ପରୀକ୍ଷାର୍ଥୀଙ୍କ ଲାଗି ୧,୧୩୨ ପରୀକ୍ଷା କେନ୍ଦ୍ର ଓ ୬ଟି ସବ୍ ସେଣ୍ଟର ବ୍ୟବସ୍ଥା କରାଯାଇଛି। ତେବେ ପ୍ରଥମ ଦିନରେ ରାଜ୍ୟର କେତେକ କଲେଜରେ ପ୍ରାକ୍ଟିକାଲ ପରୀକ୍ଷା ହୋଇପାରି ନାହିଁ। ତେବେ ୧୨ ତାରିଖ ସୁଦ୍ଧା ସମସ୍ତ କେନ୍ଦ୍ରରେ ଏହି ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ କର୍ତ୍ତୃପକ୍ଷ ସେମାନଙ୍କ ସୁବିଧା ଅନୁସାରେ ପରୀକ୍ଷା ପରିଚାଳନା କରୁଛନ୍ତି। ସବୁ ପ୍ରାକ୍ଟିକାଲ ରୁମ୍‌ରେ ସିସିଟିଭି ବାଧ୍ୟତାମୂଳକ କରାଯାଇଥିବାବେଳେ ୩୫୦ରୁ ଅଧିକ ସେଲ୍ଫ ଫାଇନାନ୍ସ କଲେଜ ସମେତ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏହି ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ଉଭୟ ପ୍ରାକ୍ଟିକାଲ ଓ ଥିଓରୀ ପରୀକ୍ଷାର ସୁପରିଚାଳନା ଲାଗି ପ୍ରତି ଜୋନ୍‌ସ୍ତରରେ ସ୍କ୍ୱାଡ୍ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ଉପପରୀକ୍ଷା ନିୟନ୍ତ୍ରକଙ୍କ ନେତୃତ୍ୱରେ ସ୍କ୍ୱାଡ୍ କେନ୍ଦ୍ରଗୁଡ଼ିକୁ ଗସ୍ତ କରି ଯାଞ୍ଚ କରିବେ। ଯେଉଁଠି ଅଧିକ ପରୀକ୍ଷାର୍ଥୀ ରହିଛନ୍ତି, ସେଠାରେ ଦୁଇଟି ସିଟିଂରେ ପରୀକ୍ଷା କରିବାକୁ କୁହାଯାଇଛି। ପ୍ରାକ୍ଟିକାଲ ପରୀକ୍ଷାରେ ଯେପରି ସମସ୍ୟା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଆସନ୍ତା ୮ରୁ ଥିଓରି ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ପରିଷଦ ଯୋଜନା ପ୍ରସ୍ତୁତ କରିଛି।

ସେପଟେ ପୂର୍ବରୁ ୨ ପର୍ଯ୍ୟାୟରେ ଫର୍ମପୂରଣ ପ୍ରକ୍ରିୟା ଶେଷ ହୋଇଥିବାବେଳେ ପରିଷଦ ପୁଣିଥରେ ଛାତ୍ରୀଛାତ୍ରଙ୍କୁ ଦୁଇଦିନ (ସୋମବାର ଓ ମଙ୍ଗଳବାର) ସୁଯୋଗ ଦେଇଛି। ହାଇକୋର୍ଟଙ୍କ ରାୟ ଅନୁସାରେ କେବଳ ଅଫ୍ ଲାଇନ୍ ମୋଡ୍‌ରେ ଫର୍ମପୂରଣ ଲାଗି ମାତ୍ର ୫୭ଜଣ ପିଲାଙ୍କୁ ସୁଯୋଗ ଦିଆଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ବିନା ଜରିମାନାରେ ସେମାନେ ନିଜ କଲେଜରେ ଫର୍ମ ପୂରଣ କରୁଛନ୍ତି। ଆସନ୍ତା ୬ ଓ ୭ ତାରିଖରେ ଫି' ଓ ଡକ୍ୟୁମେଣ୍ଟ ଦାଖଲ କରିବାକୁ କୁହାଯାଇଛି। ତେବେ ଚଳିତବର୍ଷ ପରୀକ୍ଷାରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଖୋଦ ପରୀକ୍ଷା ନିୟନ୍ତ୍ରକ ସବୁ କେନ୍ଦ୍ର ଉପରେ ନଜର ରଖିଛନ୍ତି।

# ନବଗଠିତ ଜିଲା ଉଦ୍‌ଘାଟନ କଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ

**କୋଟିଆ ଉପରେ କୌଣସି ପ୍ରଭାବ ପଡ଼ିବନି: ପଟାଙ୍ଗି ବିଡିଓ**

ପଟାଙ୍ଗୀ,୪।୪(ଡି.ଏନ୍.ଏ.)

ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପକ୍ଷରୁ ନବଗଠିତ ୧୩ ଜିଲାକୁ ସୋମବାର ମୁଖ୍ୟମନ୍ତ୍ରୀ ୱାଇ.ଏସ. ଜଗନମୋହନ ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଆନ୍ଧ୍ର ଅଧୀନରେ ଥିବା ୧୩ଟି ଜିଲାକୁ ବିଭାଜନ କରି ୨୬ ଜିଲା କରାଯାଇଛି। ଏହାର ଉଦ୍‌ଘାଟନ ଉତ୍ସବ ୧୨ ଦିନ ଧରି ଜିଲାସ୍ତରରେ ପାଳନ କରାଯିବ ବୋଲି ରେଡ୍ଡୀ କହିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ର ରାଜ୍ୟ ଅଧୀନରେ ଥିବା ପାର୍ବତୀପୁରମ ସବ୍‌ଡିଭିଜନକୁ ଜିଲାରେ ପରିଣତ କରି ପାର୍ବତୀପୁରମ୍ ମାନ୍ୟମ ତଥା ପଛୁଆ ଜିଲା ଭାବେ ଘୋଷଣା କରାଯାଇଛି। ଏବେ ଏହି ନୂତନ ଜିଲା ଅଧୀନରେ ଓଡ଼ିଶାର କୋଟିଆ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ପଞ୍ଚାୟତ ପ୍ରତି ଆଗାମୀ ଦିନରେ ଜିଲା ପ୍ରଶାସନର କିଭଳି ଆଭିମୁଖ୍ୟ ରହିବ ସେନେଇ ସମସ୍ତଙ୍କ ନଜର ରହିଛି।

ଆନ୍ଧ୍ର କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ନେଇ ନିଜ ରାଜ୍ୟର ପଞ୍ଚାୟତ ଭାବେ ନାମିତ କରିଛି। ଏଥିରେ ଆମ ପଞ୍ଚାୟତବାସୀ ନୂତନ ଜିଲା ପ୍ରଶାସନଠାରୁ ସବୁ କ୍ଷେତ୍ରରେ ଉପକୃତ ହେବେ ବୋଲି ୩ ପଞ୍ଚାୟତର ଆନ୍ଧ୍ର ସରପଞ୍ଚମାନେ କହିଛନ୍ତି। ନୂତନ ଜିଲା ପ୍ରଶାସନ ଯେକୌଣସି ସମୟରେ ଆମ ନିକଟରେ ପହଞ୍ଚିପାରିବ ବୋଲି ସେମାନେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପାମୁଲା ପୁଷ୍ପାଶ୍ରୀଭାନି ଏବଂ ସ୍ଥାନୀୟ ବିଧାୟକ ଆଲାଜାଙ୍ଗି ଜଗାରାଓ ନୂତନ ଟ୍ରେଜେରି କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷରେ ନୂତନ ପାର୍ବତୀପୁରମ ମାନ୍ୟମ ଜିଲା ପ୍ରଶାସନର ଓଡ଼ିଶାର କୋଟିଆ ପଞ୍ଚାୟତ ଉପରେ କୌଣସି ପ୍ରଭାବ ରହିବ ନାହିଁ ବୋଲି ପଟାଙ୍ଗୀ ବିଡିଓ ସୌମ୍ୟ ସାର୍ଥକ ମିଶ୍ର କହିଛନ୍ତି। କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଯେପରି ଚାଲିଥିଲା ତାହା ଆଗକୁ ମଧ୍ୟ ଜାରି ରହିବ। ସୀମାନ୍ତବାସୀଙ୍କ ପାଖରେ ସମସ୍ତ ସରକାରୀ ଯୋଜନା ପହଞ୍ଚାଇବା ଲାଗି ସବୁବେଳେ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।



ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପାମୁଲା ପୁଷ୍ପାଶ୍ରୀଭାନିଙ୍କୁ ପାର୍ବତୀପୁରମ୍ ମାନ୍ୟମ ଜିଲାପାଳ ସ୍ୱାଗତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରୀ ନାରାୟଣ
ପରିବାରବର୍ଗ


ପ୍ରାଚି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦମ୍ପତିଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୪।୪**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଝଗଡପାଢୀ ଗ୍ରାମର ଏକ ଦମ୍ପତି ସୋମବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ଚିତ୍କାର ଶୁଣି ପଡୋଶୀ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଦମ୍ପତି ହେଲେ ବିଶେଷ ରଞ୍ଜନ ପତି ଓ ସ୍ତ୍ରୀ। ବିଶେଷ ଦ୍ୱିତୀୟ ବିବାହ କରି ସ୍ତ୍ରୀଙ୍କ ଗାଁରେ ରହୁଥିବା ବେଳେ ତାଙ୍କ ପ୍ରଥମ ସ୍ତ୍ରୀ ତାଙ୍କ ବାପଘରେ ରହୁଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗିରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କରାଇନେବେ। କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଶୁଭଖବର ପାଇ ଉଲ୍ଲସିତ ହେବେ।

**ବୃଷ**
ନିଜ ପରିସରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ଯୁକ୍ତିତର୍କ ହେତୁ ସାଧାରଣ କଥାରେ ସ୍ତ୍ରୀ କହୁଥିବା କଥାକୁ ବିରୋଧ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବାକୁ ପଡ଼ିବ। ଅର୍ଥପ୍ରାପ୍ତି ସକାଶେ ଅନ୍ୟମାନଙ୍କୁ ନେହୁରାହେବାକୁ ପଡ଼ିପାରେ।

**ମିଥୁନ**
ଭଲ ସମ୍ପର୍କ ଥିବା ବନ୍ଧୁଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ରହିବ। ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଗୃହ ସମସ୍ୟା ସଜାଡ଼ିବାକୁ ଯାଇ ବହୁ ହଇରାଣ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ର,ବ୍ୟବସାୟିକ ସ୍ଥିତି,କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ।

**କର୍କଟ**
ଅର୍ଥନୈତିକ ଯୋଜନା କ୍ଷେତ୍ରରେ ଅଂଶୀଦାରମାନଙ୍କ ସହ ଆଲୋଚନା କରିପାରନ୍ତି। ଅନ୍ୟମନସ୍କତାରୁ ଭୁଲ୍ କରି ବସିବେ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତିତ ରହିପାରନ୍ତି।

**ସିଂହ**
ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଶିଳ୍ପ,ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଶ୍ଚିନ୍ତାର କାରଣ ହୋଇପାରେ। ସଭାସମିତିରେ ବନ୍ଧୁ ଏବଂ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳାର ପରିଣାମ ଭୋଗ କରିବାକୁ ପଡ଼ିବ ।

**କନ୍ୟା**
କାର୍ଯ୍ୟକ୍ଷେତ୍ରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟିହେବା ସୂଚନା ରହିଛି। ବହୁ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ। ଖୋଜୁଥିବା ଜିନିଷ ହଠାତ୍ ପାଇ ଖୁସି ହୋଇଯିବେ।

**ତୁଳା**
ସମସ୍ୟା ମଧ୍ୟରେ ବୁଡ଼ି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବ । ସହକର୍ମୀଙ୍କ ସହାୟତାରେ ଆଜି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସୂଚନା ପାଇବେ । ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ଏକ ଭିନ୍ନ ପରିସ୍ଥିତିରେ ଦୂରେଇଯାଇଥିବା ଲୋକ ପାଖେଇ ଆସିବ। ଅମାୟିକ ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପଣେଇ ନେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ କିଛି ଲାଭ ହୋଇ ନ ପାରେ। ପାରିବାରିକ ସ୍ଥିରତା ରହିଥିଲେ ମଧ୍ୟ ପଡ଼ୋଶୀଙ୍କ ଆକ୍ଷେପୋକ୍ତିର ତର୍ଜମାକରି ଅଶାନ୍ତ ରହିବେ।

**ଧନୁ**
ମତାନ୍ତର କାରଣରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବ । କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ସହ ମାଲିମକଦ୍ଦମାରେ ଜୟଲାଭ କରିପାରନ୍ତି।

**ମକର**
ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ । ସକାଳୁ ସକାଳୁ ପିଲାଙ୍କ ସହ ଖୁସିଗପ କରିବା ମଉକା ଜୁଟିବ।

**କୁମ୍ଭ**
ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭଫଳ ମିଳିବ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ । ଅନ୍ୟମନସ୍କ ହେତୁ ଧନିଷ୍ଠା ନକ୍ଷତ୍ରର କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅର୍ଥ କିମ୍ବା ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧକରିବେ।

**ମୀନ**
ଆଜି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ । ପୁରୁଣା କାମଗୁଡ଼ିକର ସମୀକ୍ଷା କରିବେ। ବିବାଦୀୟ ପରିସ୍ଥିତି ସୃଷ୍ଟିର ସମ୍ଭାବନା ରହିଛି। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

# ଠଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକର୍ମା ଯେଣେ ଯାଏ,**
**ଗମ୍ଭୀରା ଲିଙ୍ଗ ଛାଡ଼ି ପଳାଏ ।**

କର୍ମ ହିଁ ଭଗବାନ। କର୍ମ ନ କଲେ ଫଳ ମିଳି ନ ଥାଏ। କର୍ମରହିତ ଜୀବନ ପ୍ରାଣ ନ ଥିବା ଶରୀର ଭଳି ହୋଇଥାଏ। ସେହିପରି କିଛି କାମଦାମ ନ କରି ଘରେ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ଯେଉଁଠି ଥିଲେ ବା ଯୁଆଡ଼େ ଗଲେ ମଧ୍ୟ ଅକର୍ମା ବା ନିକମା ବ୍ୟକ୍ତି ପ୍ରତି ଭାଗ୍ୟଦେବୀ ମୋଟେ ପ୍ରସନ୍ନ ହୋଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଉଲରୁ ବିଗିଡ଼ା;**
**କେବେ ନୁହେଁ ସଜଡ଼ା ।**

ଆଦ୍ୟରୁ ଯାହା ବିଗିଡ଼ି ଯାଏ, ତାକୁ ସଜାଡ଼ିବା କଷ୍ଟକର ହୋଇପଡ଼େ। ପରୋକ୍ଷରେ ଅବାଟରେ ପାଦ ଦେଉଥିବା ବ୍ୟକ୍ତିଙ୍କୁ ମୂଳରୁ ଆକଟ ନ କଲେ ତାଙ୍କୁ ପୁଣି ବାଟକୁ ଆଣିବା କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

## 'ରୋଷଘରେ ଲୁଟି...

ତେଣୁ ଖୁବ୍‌ଶୀଘ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଧରାଯିବ ବୋଲି ଆଶା ରହିଛି। ଏଣିକି ରାତିରେ ଦ୍ୱାର ବନ୍ଦ ପରେ ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ଖାଲି କରାଯିବ। ମନ୍ଦିର ପରିସରରେ ଯେମିତି କେହି ନ ରହିବେ ସେ ନେଇ ଯାଞ୍ଚ କରାଯିବ। ସେହିପରି ଯେଉଁ ସ୍ଥାନରେ ସିସିଟିଭି କ୍ୟାମେରା ନାହିଁ, ସେସବୁ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବ। ମନ୍ଦିର ପରିସରରେ ଜେଟିପିଙ୍କ ସହିତ ଓଡ଼ିଶା ପୋଲିସ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି। ସେହିପରି ଡିଜିପି ବଂଶଲ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ଏ ନେଇ ସିଂହଦ୍ୱାର ଥାନାରେ ଏତଲା ପରେ ତଦନ୍ତ ଆରମ୍ଭ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଖୋଜାଯିବା ସହ ଚୁଲି ଭାଙ୍ଗିବାର ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବାକୁ ତଦନ୍ତ ଜାରି ରହିଛି। ସିସିଟିଭି ଫୁଟେଜ ଯାଞ୍ଚ ସହ ରାତ୍ର ଡ୍ୟୁଟିରେ ଥିବା ଜେଟିପିଙ୍କୁ ଜେରା କରାଯାଇଛି। ଚୁଲି ଭାଙ୍ଗିବା ନେଇ କିଛି ଉଦ୍ଦେଶ୍ୟ ଅଛି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏଣିକି ରାତିରେ ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ସବୁ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବ।


ସୋମବାର ପୁରୀ ଶ୍ରୀମନ୍ଦିର ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜି) ସୁନିଲ ବଂଶଲ।

ସୂଚନାଯୋଗ୍ୟ, ଶନିବାର ରାତିରେ କେହି ଦୁର୍ବୃତ୍ତ ରୋଷଶାଳାରେ ପଶି ୮୦ରୁ ଅଧିକ ଚୁଲି ଭାଙ୍ଗିଦେଇଥିବା ରବିବାର ଜଣାପଡ଼ିଥିଲା। ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏପରି ଅଭାବନୀୟ କାଣ୍ଡ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ରୋଷଘରେ ତାଲା ପଡ଼ି ନ ଥିଲା ବୋଲି ଜଣାପଡ଼ିଛି। ପ୍ରତିଦିନ ରାତିରେ କତା ଦଉଡ଼ି ସାହାରାରେ କବାଟ ବନ୍ଦ କରାଯାଉଥିଲା। ସେହିପରି ରୋଷଶାଳା ନିକଟରେ ସିସିଟିଭି ଲଗାଯାଇନାହିଁ। ତେଣୁ ଢିଲା ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଶାବଳରେ ଚୁଲି ଭାଙ୍ଗିଥିବା ଅନୁମାନ କରାଯାଉଛି। ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ପରେ ସେହି ଆଧାରରେ ସୋମବାର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଏସ୍‌ପି କେ. ବିଶାଲ ସିଂହ କହିଛନ୍ତି, ଏତଲା ଅନୁସାରେ ମାମଲା ରୁଜୁ ହେବା ସହ ଦଫା ୪୨୭, ୨୯୫, ୨୯୫(କ) ଆଇପିସି ଧାରା ୩୦(କ), ୪(ବି) ଅନୁସାରେ ତଦନ୍ତ କରାଯାଉଛି। ଏକ ୫ ଜଣିଆ ଟିମ ତଦନ୍ତ କରୁଛନ୍ତି। ସିସିଟିଭି ଫୁଟେଜ ମିଳିଛି। ଖୁବଶୀଘ୍ର ଅପରାଧୀଙ୍କୁ ଧରାଯିବ। ପୋଲିସ ପକ୍ଷରୁ ସମସ୍ତ ଦିଗକୁ ତର୍ଜମା କରାଯାଉଛି। ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ। ସେହିପରି ଚୁଲିଭଙ୍ଗା ଘଟଣାକୁ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସୁଆର ମହାସୁଆର ଏବଂ ମହାସୁଆର ନିଯୋଗ ସହ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପରିସରରେ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ଫନୀ ମହାବାତ୍ୟା ପରଠୁ ଶ୍ରୀମନ୍ଦିରରେ ସିସିଟିଭି ବ୍ୟବସ୍ଥା ଠିକ୍ ନାହିଁ। ବର୍ଷକୁ ଏ ନେଇ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିଲେ ସୁଦ୍ଧା ଶ୍ରୀମନ୍ଦିର ସୁରକ୍ଷା ନେଇ ସିସିଟିଭିଗୁଡ଼ିକ କୌଣସି କାମରେ ଆସୁନାହିଁ। ତେଣୁ ସିସିଟିଭିର କାର୍ଯ୍ୟକ୍ଷମତା ଉପରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି। ସେହିପରି ସୁଆର ମହାସୁଆର ନିଯୋଗର ସଭାପତି ଏବଂ ମହାସୁଆର ନିଯୋଗର ସଭାପତି ଘଟଣା ଦିନର ସିସିଟିଭି ଯାଞ୍ଚ କରିଛନ୍ତି। ତେବେ ସିସିଟିଭିରୁ ସେମିତି କିଛି ଜଣାପଡୁନାହିଁ ବୋଲି ସୁଆର ମହାସୁଆର ନିଯୋଗର ସଭାପତି ନାରାୟଣ ମହାସୁଆର କହିଛନ୍ତି।

## ରାଜଧାନୀରେ ସିରିଜ୍...

ସହାୟତାରେ କାରକୁ କାଟି ଶ୍ରୀମନ୍ତଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଶ୍ରୀମନ୍ତଙ୍କ କାର୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଦୁର୍ଘଟଣାରେ ଆହତ ଜଣେ ବାଇକ ଚାଳକ ଓ ଅନ୍ୟଏକ କାର୍‌ରେ ଥିବା ୪ଜଣଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ହାଇୱାକୁ ଜବତ କରି ଫେରାର ଡ୍ରାଇଭରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ରାସ୍ତାଜାମ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ୨ ଘଣ୍ଟା ଧରି ଶହ ଶହ ଗାଡି ଅଟକି ରହିଥିଲା।

ସୋମବାର ସକାଳ ପ୍ରାୟ ୮ଟା ୪୫ରୁ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ପଳାଶୁଣି ଛକରେ ରାସ୍ତାପାର ହେଉଥିଲେ। ଫଳରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ ରାସ୍ତାରେ ଅଟକିଯିବାରୁ ଏହା ପଛକୁ ଏକାଧିକ କାର ଓ ଟ୍ରକ ବ୍ରେକ୍ ମାରି ରହିଥିଲେ। ତେବେ ଏହି ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ପୂରା ପଛରେ ଅଟକି ରହିଥିବା ଧଳା କାର୍‌କୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଉକ୍ତ କାର୍‌ଟି ଛିଟିକି ଯାଇ ଡିଭାଇଡର୍‌ରେ ପିଟି ହୋଇ ଏକ ବାଇକକୁ ଧକ୍କା ଦେଇଥିଲା। ଏଥିସହ ଉକ୍ତ ହାଇୱାଟି ଧଳା କାର୍ ଆଗରେ ଥିବା ନୀଳ ରଙ୍ଗର ଅଲ୍‌ଟୋ କାର୍ (ନଂ.ଓଆର୍ ୧୪-ଏମ୍-୭୬୦୭)କୁ ଶକ୍ତ ଧକ୍କା ଦେଇଥିଲା। ଅଲ୍‌ଟୋ ଆଗରେ ଅନ୍ୟ ଏକ ହାଇୱା ରହିଥିଲା। ଫଳରେ ଦୁଇ ହାଇୱା ମଧ୍ୟରେ କାର୍‌ଟି ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, କାର୍‌ଟିର ଇଞ୍ଜିନ ଓ ବଡ଼ି ପୂରା ମେଞ୍ଚା ହୋଇଯାଇଥିଲା। ଦୁର୍ଘଟଣା ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶବ୍ଦ ଶୁଭିଥିଲା। ଲୋକେ ଭୟଭୀତ ହୋଇଯିବା ସହ ଦୁର୍ଘଟଣା ଖବର ପାଇ ଘଟଣାସ୍ଥଳକୁ ଦୌଡ଼ିଥିଲେ।

## ୧୪ ଦିନରେ...

ପେଟ୍ରୋଲ ଉପରେ ୮.୯୮ ଟଙ୍କା ଏବଂ ଡିଜେଲ ୮.୯୨ ଟଙ୍କା ବଢ଼ିସାରିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୪୦ ପଇସା ଲେଖାଏ ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୩.୮୧ ଟଙ୍କା ଏବଂ ଡିଜେଲ ୯୫.୦୭ଟଙ୍କାରେ ପହଞ୍ଚିଛି। ବିଶେଷ କରି ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ୍ ଓ ଡିଜେଲ ଉପରେ ମୋଟ ୮.୪୦ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୮.୮୩ ଟଙ୍କା, ୧୧୩.୪୫ ଟଙ୍କା ଏବଂ ୧୦୯.୩୪ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ମୂଲ୍ୟ ଲିଟର ପିଛା ୧୦୩.୦୭ ଟଙ୍କା, ୯୮.୨୨ଟଙ୍କା ଏବଂ ୯୯.୪୨ ଟଙ୍କାରେ ପହଞ୍ଚିଛି।

ଗୋଟିଏ ପଟରେ ତେଲ ଦର ହ୍ରାସ ପାଇଁ ଉଭୟ ବିରୋଧୀ ଓ ସାମାଜିକ ସଂଗଠନଗୁଡିକ ସରକାରଙ୍କ ବିରୋଧରେ ହରତାଳଠାରୁ ନେଇ ଅନଶନ କରୁଥିବା ବେଳେ ଅପରପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତେଲ ଦର ଉପରେ ଉଚ୍ଚ ପରିମାଣରେ ଟିକସ ଲାଗୁ କରି ମୋଟା ଅଙ୍କର ରାଜସ୍ୱ ଆଦାୟ କରୁଛନ୍ତି ବୋଲି ବୁଦ୍ଧିଜୀବୀ ଓ ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କୋଭିଡ ପରଠାରୁ ସାରା ଦେଶବାସୀ ବିଭିନ୍ନ ସମସ୍ୟା ଓ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏଭଳି ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ଖାଉଟି ତୈଳ ପାଇଁ ଅତିରିକ୍ତ ବଜେଟ ବ୍ୟୟବରାଦ କରୁଥିବା ବେଳେ ଡିଜେଲ ମୂଲ୍ୟ ବୃଦ୍ଧି ଯୋଗୁ ପରିବା ହାଟରୁ ପରିବହନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦର ପରିବର୍ତ୍ତନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଉଚ୍ଚା ଦର ଖାଉଟି ପକେଟକୁ ଅଧିକ ପ୍ରଭାବିତ କରୁଛି ବୋଲି ଉଭୟ ଖାଉଟି ଓ ବିରୋଧୀ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## 'ଯୌତୁକ ଯୋଗୁ...

ଯୌତୁକକୁ ନେଇ ପାରିବାରିକ ହିଂସା ଘଟୁଥିବାବେଳେ ନାରୀ ନିର୍ଯାତନା ବୃଦ୍ଧି ପାଉଛି। ଉଭୟ ଶାରୀରିକ ଓ ମାନସିକ ଚାପଗ୍ରସ୍ତ ହୋଇ ମହିଳା ଆତ୍ମହତ୍ୟା କରୁଥିବା ପ୍ରିୟଙ୍କା କ୍ୟାପ୍ସନରେ ଲେଖିଛନ୍ତି। ତୁରନ୍ତ ଏଭଳି ବିବାଦୀୟ ପୁସ୍ତକର ଯୋଗାଣ ବନ୍ଦ କରାଯାଉ ବୋଲି ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି କରିଛନ୍ତି।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615. D-73220

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

ଉତ୍ତରା ଛକ ବାଳକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932. D-23509

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.- 750/-. 9439918431, 8249603324. D-73222

Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452. D-71881

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs-750/- immediate construction. Contact No.- 7008992019. D-025

Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar- sqft.-2700/- first possesion then registration. 8249602844. D-73221

ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated gharabari, electricity plot କିଣନ୍ତୁ। 7008492511. D-23475

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

**to-let**

650 sqft. shop room, available for rent. Main road side, Lewis Road, Bhubaneswar. Contact: 9439000420. D-70784

Commercial ground floor 550sqft., 1st floor 600sqft. near Kalinga Stadium Square, suitable for Bank/ Corporate Office/ Showroom. 9337277088. D-70270

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**healthcare**

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71884

Relax, Refresh your body, Mind at Saikrupa Spa with best therapies. 8984068077. D-23511

Newly open SPA positively health benefits by expert therapist. 8455987557. D-71484

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Newly open SPA positively health benifit with expert. Contact: 7749976301. D-71973

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**LEGAL NOTICE**

ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ ଓ.ଏସ୍.ଏସ୍ କେସ୍ ନଂ.-୧୫୮୮/୨୦୧୭ (ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା-୧୫ (ବି) ଅନୁଯାୟୀ)
ଶ୍ରୀମତୀ ଅନୁସୂୟା ବେହୁରା
...ବାଦୀ/ବାଦିନୀ
ବନାମ
ଉମା ବଲ୍ଲଭ ପାଙ୍ଗଯୋଶୀ ଓଗେର
...ପ୍ରତିବାଦୀ
ପ୍ରତିବାଦୀ ନଂ.୧ ଉମା ବଲ୍ଲଭ ପାଙ୍ଗଯୋଶୀ, ପିତା: ୰ଉଦୟ ନାଥ ପାଙ୍ଗଯୋଶୀ, ଗ୍ରାମ: ଗୋଳାପୋଖରୀ, ପୋ.ଅ:- ବ୍ରଜରାଜପୁର, ଥାନା: ରଣପୁର, ଜିଲ୍ଲା: ନୟାଗଡ଼
ନୋଟିସ
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀମାନେ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।
ଜମିର ତଫସିଲ
ମୌଜା- କୃଷ୍ଣନଗର, ଥାନା- ଚନ୍ଦକା, ନଂ.-୩୪, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ ଖାତା ନଂ.-୭୫, ହାଲ ପ୍ଲଟ୍ ନଂ.-୧୧୩୫, ଏ୦.୦୬୯ଡି, ମୌଜା- କୃଷ୍ଣନଗର, ସାବକ ଖାତା ନଂ.-୨, ସାବକ ପ୍ଲଟ୍ ନଂ.-୭୩, ଏ୦.୦୪୬ଡି ସମ୍ବନ୍ଧ ଏ.୧.୨୦୩ଡି. କ୍ରୟ, ସାବକ ପ୍ଲଟ୍ ନଂ.-୭୨, ଏ୦.୦୨୩ଡି ସମ୍ବନ୍ଧ ଏ୨.୮୫୦ଡି କ୍ରୟ।
ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ, କେଶରୀ ନଗର, ୟୁନିଟ୍-୫ରେ ଆସନ୍ତା ତା।୧୬।୦୬।୨୦୨୨ରିଖ ଦିବା ଘ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।
ଅଦାଲତଙ୍କ ଆଦେଶକ୍ରମେ
ଅନୁସଚିବ, ରାଜସ୍ୱ ପର୍ଷଦ ଓଡ଼ିଶା, କଟକ
ଧ-୦୨୬

## ନବବଧୂଙ୍କ ଆତ୍ମହତ୍ୟା

ସୋର, (ଡି.ଏନ.ଏ.):ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିମୁଳିଖୋଲ ଶବରସାହିରେ ଜଣେ ନବବିବାହିତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରାମ ଭକ୍ତାଙ୍କ ପୁଅ ସୁରେଶ ମୟୂରଭଞ୍ଜ ଜିଲାର ନନ୍ଦୁ ପରମାଣିକଙ୍କ ଝିଅ ଫୁଲଝରିଙ୍କୁ ଗତ ମାସେ ପୂର୍ବେ ପ୍ରେମବିବାହ କରି ଘରକୁ ଆଣିଥିଲେ। ରବିବାର ସନ୍ଧ୍ୟାରେ ଦାମ୍ପତ୍ୟ କଳହକୁ କେନ୍ଦ୍ର କରି ଘର ଲୋକଙ୍କ ଅନୁପସ୍ଥିତିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଘରଲୋକ ମୃତଦେହକୁ ଲୁଚାଇ ରଖିଥିଲେ। ଫୁଲଝରିଙ୍କ ମା'ବାପା ଥାନାରେ ଜଣାଇବା ପରେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ସଂକ୍ଷେପରେ**

## ୫-ଟି କାର୍ଯ୍ୟ ବନ୍ଦ କଲେ ବ୍ଲକ ଅଧ୍ୟକ୍ଷ

**ଯୋଡ଼ା, ୪।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ସୋମବାର ଚାମକପୁର ଓ ଅସେଇଁକଳା ପଞ୍ଚାୟତ ପରିଦର୍ଶନ ସମୟରେ ମଙ୍ଗଳବାର ବିଦ୍ୟାଳୟ ଗୁଡିକରେ ଚାଲିଥିବା ୫ଟି କାର୍ଯ୍ୟରେ ଅବ୍ୟବସ୍ଥା ଦେଖିବାକୁ ପାଇ କାର୍ଯ୍ୟ ବନ୍ଦ କରି ଦେଇଥିଲେ। କାର୍ଯ୍ୟ ଚାଲିଥିବା ସମୟରେ ବିଦ୍ୟାଳୟରେ କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ ସୁପରଭାଇଜର ମାନେ ଅନୁପସ୍ଥିତ ଥିଲେ। ସେହିପରି ବ୍ଲକ ଅଧ୍ୟକ୍ଷ ନାଏକ ଚମକପୁର ଛାତ୍ରୀ ନିବାସରେ ମଧ୍ୟ ଚାଲିଥିବା ୫ଟି କାର୍ଯ୍ୟକୁ ବନ୍ଦ କରିଦେଇଥିଲେ। ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ମାନେ ନିମ୍ନ ମାନର କାର୍ଯ୍ୟ କରୁଥିଲେ ଆଉ ତାଙ୍କୁ ତଦାରଖ ପାଇଁ ସେଠାରେ କେହି ମଧ୍ୟ ନ ଥିଲେ। ଛାତ୍ରୀନିବାସରେ ପଙ୍ଖା ଚାଲୁ ନ ଥିବା ଅନ୍ତେବାସୀ ମନେ ଅଭିଯୋଗ କରିବା ସହିତ ଗୋଟିଏ ନଳକୂପ ଥିବାରୁ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ।

## ପୌରାଧ୍ୟକ୍ଷଙ୍କୁ ଭେଟିଲେ ୩ କାଉନସିଲର ପାନୀୟ ଜଳ ସମସ୍ୟା

**ବାରିପଦା ଅଫିସ,୪।୪:** ପାନୀୟ ଜଳ ସମସ୍ୟାକୁ ନେଇ ନବ ନିର୍ବାଚିତ ୩ କାଉନସିଲର ବାରିପଦା ପୌର ପରିଷଦର ଅଧ୍ୟକ୍ଷଙ୍କୁ ଭେଟି ଅଲୋଚନା କରିଛନ୍ତି। ୱାର୍ଡ ନଂ.୩ର କାଉନସିଲର ରାଜ ଗୁପ୍ତା, ୨୧ନଂ.ର ଲକ୍ଷ୍ମୀଧର ହାବୋଡା ଓ ୨୬ନଂ.ର ଭାଗ୍ୟଲକ୍ଷ୍ମୀ ନାୟକ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ଦିଗରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଅବଗତ କରାଇଛନ୍ତି। ଡ୍ରେନେଜ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ନେଇ ପୌରାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ପାନୀୟ ଜଳର ସୁବନ୍ଦୋବସ୍ତ କରିବାକୁ କାଉନସିଲରମାନେ ଦାବି କରିଛନ୍ତି। ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୌରାଧ୍ୟକ୍ଷ ମହାନ୍ତି କହିଛନ୍ତି।

## ଦାୟିତ୍ୱ ନେଲେ ବାଲିଆପାଳ ବିଡିଓ

**ବାଲିଆପାଳ, ୪।୪(ସ୍ୱ.ପ୍ର.):** ବାଲିଆପାଳ ବିଡ଼ିଓ ଲଳିତ ସରେଙ୍ଗଙ୍କ କନ୍ଧମାଳକୁ ବଦଳି ହେବା ପରେ ବାଲିଆପାଳ ବିଡିଓ ଭାବେ ବାଲିଆପାଳ ତହସିଲଦାର ଦୀପକ ଦାଶ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନିର୍ବାଚନ ପୂର୍ବରୁ ତହସିଲଦାର ଦାଶଙ୍କ ବିଡ଼ିଓ ଭାବେ ପଦୋନ୍ନତି ହୋଇଥିଲା। ମାତ୍ର ନିର୍ବାଚନ ସମୟରେ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଦାୟିତ୍ୱ ନେବାପରେ ନୂତନ ବିଡ଼ିଓ ଦାସଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହିତ ବ୍ଲକ୍ ଅଫିସର ଓ କର୍ମଚାରୀ, ନବ ନିର୍ବାଚିତମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଖୁଣ୍ଟା/କୁଆମରା, ୪।୪ (ଡି.ଏନ.ଏ.):** ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଥିବା ଖୁଣ୍ଟା ଥାନା ଗୟଲମରା ଗ୍ରାମର ମଥାନ ମୁର୍ମୁଙ୍କର ସୋମବାର ମୃତ୍ୟୁ ହୋଇଛି। ରବିବାର ସେ ତାଙ୍କ ସ୍ତ୍ରୀଙ୍କ ସହ ଖୁଣ୍ଟା ହାଟରୁ ସନ୍ଧ୍ୟାରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ମଥାନଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଚିକିତ୍ସିତ ହେଉଛନ୍ତି। ମାମଲା(ନଂ.୮୪/୨୨)।

## ସତ୍ୟବ୍ରତଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଯୋଡ଼ା,୪।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହର ରାଧାକୃଷ୍ଣ ମନ୍ଦିର ବସ୍ତିରେ ରହୁଥିବା ଯୋଗେନ୍ଦ୍ର ଦାସଙ୍କ ପୁଅ ସତ୍ୟବ୍ରତ ଦାସଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଗିରଫ ଏବଂ ଦଣ୍ଡ ବିଧାନ ଦାବିରେ ସୋମବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ପୁରୁଷ କ୍ୟାଣ୍ଡେଲ ଯାତ୍ରା କରିଛନ୍ତି। ଯୋଡ଼ା ଗାନ୍ଧୀ ଛକ ଠାରୁ ଆରମ୍ଭ କରି ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ଯାତ୍ରା କରାଯାଇଥିଲା। ସୂଚନାଯୋଗ୍ୟ, ସତ୍ୟବ୍ରତ ଶନିବାର ତାଙ୍କ ୩ଜଣ ସାଙ୍ଗ ଡାକି ନେଇ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଯୋଡ଼ା ପୋଲିସ ମୃତଦେହ ଜବତ କରିବା ସହିତ ସିସିଟିଭି ଯାଞ୍ଚ କରିଥିଲା। ହେଁ ଏହି ମାମଲା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରାଯାଉଛି।

# ସମସ୍ୟାରେ ୫୦ବର୍ଷର ବିଦ୍ୟାଳୟ

### ୫-ଟିରେ ସାମିଲ, ହେଲେ ସୁଧୁରିନି ଅବସ୍ଥା

**ଢେଙ୍କିକୋଟ, ୪।୪(ଡି.ଏନ.ଏ.)**



କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ୧୯୭୧ମସିହାରେ ପ୍ରତିଷ୍ଠା ଲାଭ କରିଛି। ବର୍ତ୍ତମାନ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସ୍କୁଲର ବହୁ ସୁନାମ ଜିଲା ତଥା ଜିଲା ବାହାରେ ରହିଅଛି। ଏଠାରେ ଶିକ୍ଷା ଗ୍ରହଣ କରି ବହୁ ଛାତ୍ରୀଛାତ୍ର ବଡ଼ ବଡ଼ ପଦବୀରେ ଅବସ୍ଥାପିତ। କିନ୍ତୁ ସ୍କୁଲରେ ବିଭିନ୍ନ ସମସ୍ୟା ଲାଗିରହିଛି ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ବିଦ୍ୟାୟର ପ୍ରଧାନଶିକ୍ଷକ ବାରମ୍ବାର ଲିଖିତ ଭାବେ ଜଣାଇଲେ ସୁଦ୍ଧା କୌଣସି ସମସ୍ୟାର ସମାଧାନ ହେଉନାହିଁ। ସ୍କୁଲର ପୁରାତନ ଶ୍ରେଣୀ ଗୃହ ୭ଟିକୁ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କ ଚାପରେ ଭାଙ୍ଗି ଦିଆଗଲା ଏବଂ ସ୍କୁଲକୁ ୫ ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଯୋଜନା ନାମରେ ସ୍କୁଲର ଛାତ୍ରୀଛାତ୍ରଙ୍କର ଉନ୍ନତି ନିମନ୍ତେ ଉନ୍ନତମାନର ପାଠ ପଢା ପାଇଁ ଇ. କ୍ଲାସରୁମ, ଇ. ବିଜ୍ଞାନ ଗୃହ, ପକ୍କା ଶ୍ରେଣୀ ଗୃହ, ଶୌଚାଳୟ, ପରିସ୍ରାଗାର ଆଦି ଯୋଜନା ଅନ୍ତର୍ଭୁକ୍ତ କରାଗଲା। ମାତ୍ର ସତ୍ୟନାରାୟଣ ବିଦ୍ୟାପୀଠରେ ବର୍ତ୍ତମାନ ଏଯାଏ କୌଣସି କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଆସନ୍ତା ୨୯ ତାରିଖରେ ବିଦ୍ୟାଳୟରେ ମ୍ୟାଟ୍ରିକ ବୋର୍ଡ ପରୀକ୍ଷା। ଛାତ୍ରୀଛାତ୍ର ମାନେ ନାନା ଅସୁବିଧାର ସମ୍ମୁଖୀନ ହେଲେ। ପୁରୁଣା ଘରେ ରଙ୍ଗ ଦେଇ ୫-ଟି ଯୋଜନାକୁ ହରିଲୁଟ କରିଥିବା ଛାତ୍ର ସଂସଦ ପକ୍ଷରୁ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଘଟଗାଁ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ରଧାନ ଶିକ୍ଷକ ଲିଖିତ ଭାବେ ଜଣାଇଲେ ମୁଁ ତଦନ୍ତ ପାଇଁ ଟିମ୍ ପଠାଇବି। ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ଫକିର ଚରଣ ସାହୁ କହିଛନ୍ତି, ବାରମ୍ବାର ଏବିଷୟରେ ଜଣାଇଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଜୁନିୟର ଇଞ୍ଜିନିୟର ଭୋଳାନାଥ ମହାନ୍ତିଙ୍କୁ ପଚାରିବାରୁ ୨୯ ତାରିଖ ପୂର୍ବରୁ ସବୁ କାମ ସରିଯାଇଥିବ ବୋଲି ପ୍ରକାଶ କରିଛନ୍ତି। ସବୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ଏବଂ ସ୍କୁଲ ହତାଭିତରେ ଚଲାବୁଲା କରିବା ପାଇଁ ରାସ୍ତାଟିଏ ମଧ୍ୟ ନ ଥିବାରୁ ସୁବର୍ଣ୍ଣ ଜୟନ୍ତୀ କମିଟି ଉତ୍ସବ ପାଳନ କରିପାରୁ ନ ଥିବା ପ୍ରକାଶ କରିଛନ୍ତି। ଏଥି ପ୍ରତି କେନ୍ଦୁଝର ଜିଲାପାଳ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ୫-ଟି ସଚିବ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଓ ପୁରାତନ ଛାତ୍ର ସଂସଦ ଦାବି କରିଛନ୍ତି।

## ମୂଲ୍ୟବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ବାଲେଶ୍ୱର ଅଫିସ/ବାରିପଦା ଅଫିସ, ୪।୪**

ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟର ଅତ୍ୟଧିକ ମୂଲ୍ୟ ବୃଦ୍ଧିକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ସୋମବାର ବାଲେଶ୍ୱର ଜିଲା ଓ ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବାଲେଶ୍ୱର ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ମିଶନ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ବିକାଶ ଦାସ, ସ୍ମାରକ ଦାଶ, ଶେଖ୍ ୟୁନୁସ୍, ପଶୁପତି ଉପାଧ୍ୟାୟ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସୁଧାଂଶୁ ଶେଖର ଜେନା, କର୍ଣ୍ଣ ବେହେରା, କୃଷକ ସେଲ ସଭାପତି ନିରଞ୍ଜନ ବେହେରା, ବିଳାସିନୀ ବେହେରା, ଜୀବନ ମହାପାତ୍ର, ନବପ୍ରସାଦ ବେହେରା ଓ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଦଳର କର୍ମକର୍ତ୍ତା ଓ କର୍ମୀମାନେ ବିଜୁ ଗୋଲେଇଠାରୁ ପଦଯାତ୍ରା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଦର ବୃଦ୍ଧିକୁ ବିରୋଧ କରିଥିଲେ। ଜିଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭରେ ବିଜନ ଦାସ, ଅଜୟ ମହାପାତ୍ର, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ଟାଉନ ସଭାପତି ଶାନ୍ତନୁ ପାଲ, ଆଇନସେଲ୍ର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ହଳଧର ପରିଡ଼ା, ତାରାକାନ୍ତ ବେହେରା, ମୋତି ପ୍ରକାଶ ଦାସ, ଦିଲ୍ଲୀପ ନାଏକ, ସ୍ୱାଗନ ଦାସ, ନିର୍ମଳ ପ୍ରଧାନ,ଶେକ ରକିମ, ବିକାଶ ମହାଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# 'ସଫଳତା ପାଇଁ ଏକାଗ୍ରତା ଆବଶ୍ୟକ'



ଅଧ୍ୟାପକ ମନୀନ୍ଦ୍ର ଦୀକ୍ଷିତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଖଇରା, ୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଦୁର୍ଗାମଣ୍ଡପଠାରେ ବିଂଶତମ ପ୍ରତିଭା ମହୋତ୍ସବ ନୃତ୍ୟ ସଙ୍ଗୀତର ତାଳେ ତାଳେ ଶେଷ ହୋଇଯାଇଛି । ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସୁସାହିତ୍ୟକ ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଏକାଗ୍ରତା ରହିଲେ ସଫଳତା ମିଳିବ ବୋଲି କହିଥିଲେ। ତହସିଲଦାର ମହେନ୍ଦ୍ର କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାର ଅଧିକାରୀ ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ, ମନିନ୍ଦ୍ର ଦୀକ୍ଷିତଙ୍କୁ ଶିକ୍ଷକ ପ୍ରତିଭା ସମ୍ମାନ, ସ୍ୱାଧୀନ ବିଶ୍ୱାଳଙ୍କୁ ସର୍ବୋତ୍ତମ ଛାତ୍ର ପ୍ରତିଭା ସମ୍ମାନ, ନିମାଇଁ ବିଶ୍ୱରଞ୍ଜନ ବେହେରା, ପଲ୍ଲବୀ ଦାସ, ଶୁଭମ ପ୍ରକାଶ ମହାନ୍ତି ଓ ଜ୍ୟୋତି ରଞ୍ଜନଙ୍କୁ ଡାକ୍ତରୀ ଛାତ୍ର ସମ୍ମାନ, ଉତ୍କଳବନ୍ଧୁ ପଣ୍ଡା, ଗିରିଶ ଚନ୍ଦ୍ର ବେହେରା, ସୁକାନ୍ତ କୁମାର ଜେନା ଓ ଶରତ କୁମାର ବିଶ୍ୱାଳଙ୍କୁ ପ୍ରତିଭା ସମ୍ମାନ, ନୂଆଗାଁ ଭବତାରିଣୀ ମହିଳା ମଣ୍ଡଳ ଗ୍ରୁପକୁ ଏସ୍ଏଚ୍‌ଜି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଳମ୍ବରେ ପହଞ୍ଚି ମହୋତ୍ସବ ବିଭିନ୍ନ ଗୋଷ୍ଠୀ ଜାତିକୁ ଏକସୂତ୍ରରେ ବାନ୍ଧି ରଖିଥାଏ ବୋଲି କହିଥିଲେ ।

## ୬ ବୁଥ୍‌ରେ ସାନି ମତଦାନ ଆଜି

**ଧାମନଗର,୪।୪**

ଭଦ୍ରକ ଜିଲା ଧାମନଗର ଏନ୍ଏସିର ୬ଟି ବୁଥ୍‌ରେ ମଙ୍ଗଳବାର ସାନି ମତଦାନ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ୧୧ ପ୍ଲାଟୁନ ଫୋର୍ସ, ୨ ଜଣ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୮ ଇନ୍ସପେକ୍ଟର, ୧୪ ସବ୍‌ଇନ୍ସପେକ୍ଟର, ୨୫ ଏଏସ୍ଆଇଙ୍କ ସହ ୩୭ ହାବିଲଦାର ଓ ୧୨ଜଣ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ନିର୍ବାଚନ ସମୟରେ ହିଂସାକାଣ୍ଡ ଘଟିଥିଲା। ୧୬ ନଂ. ବୁଥ୍‌ରେ ସେକ୍ ଅସ୍ତାକ ନାମକ ଜଣେ ଯୁବକ ପଶି ପାଟିତୁଣ୍ଡ କରିଥିଲେ। ଏହାକୁ ସ୍ଥାନୀୟ ମହାନ୍ତିସାହିର ରମେଶ ଚନ୍ଦ୍ର ଲେଙ୍କା ନାମକ ଯୁବକ ବିରୋଧ କରିବାରୁ ଅସ୍ତାକ ତାଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିବା ସହ ଧାମନଗର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରିକି ଅନ୍ୟ ବୁଥ୍‌ଗୁଡ଼ିକରେ ଉତ୍ତ୍ୟକ୍ତ ଲୋକେ ଇଭିଏମ୍ ଭଙ୍ଗାରୁଜା କରିଥିଲେ। ଫଳରେ ନିର୍ବାଚନ ବନ୍ଦ ରହିଥିଲା।

## ଗରା, ବାଲ୍‌ଟି ଧରି ରାସ୍ତାରୋକୋ

**ବାରିପଦା ଅଫିସ,୪।୪**

### ଉତ୍କଟ ହେଲାଣି ପାନୀୟ ଜଳ ସଙ୍କଟ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମୟୂରଭଞ୍ଜ ଜିଲାରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ନେଲାଣି। ଏହାର ସମାଧାନ ଦାବିରେ ଶାମାଖୁଣ୍ଟା ବ୍ଲକ ମହୁଲିଆ ଗ୍ରାମବାସୀ ସୋମବାର ପୂର୍ବାହ୍ନରେ ବାରିପଦା-ଲୁଲୁଙ୍ଗ ପୂର୍ତ୍ତବିଭାଗ ରାସ୍ତାରେ ଗରା, ବାଲଟି ଧରି ବିକ୍ଷୋଭ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେବାରୁ ଯାନବାହାନ ଚଳପ୍ରଚଳ ବନ୍ଦ ରହିଥିଲା। ଖବରପାଇ ବାରିପଦା ସଦର ଥାନା ଆଇଆଇସି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ମହୁଲିଆ ଗ୍ରାମରେ ୨ବର୍ଷ ତଳେ ବସୁଧା ଯୋଜନାରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ପୂର୍ବକ ପାଇପ ଯୋଗେ ପିଇବା ପାଣି ଯୋଗାଣ ଆରମ୍ଭ ହୋଇଥିଲା। ଏଥିପାଇଁ ମହୁଲିଆ ଓ ଗୌଡ଼ଡିହା ଗ୍ରାମରେ ଦୁଇଟି ଗଭୀର ସାଲୋ ଖୋଳାଯାଇଛି। ଗୌଡ଼ଡିହା ଗ୍ରାମବାସୀ ସ୍ୱାଭାବିକ ପାଣି ପାଉଥିବା ବେଳେ ମହୁଲିଆ ଗ୍ରାମର ଅନେକ ଲୋକଙ୍କ ଘରେ ପାଣି ପହଞ୍ଚୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଶତାଧିକ ମହିଳା ଗରା, ବାଲ୍‌ଟି ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆମକୁ ପିଇବା ପାଣି ଦିଅ ବୋଲି ଦାବି କରିଥିଲେ। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମହୁଲିଆକୁ ପର୍ଯ୍ୟାପ୍ତ ପାଣି ଆସୁଥିବା ବେଳେ ନିର୍ବାଚନ ସରିବା ପରେ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପ୍ରାମାଣିକ ତଥ୍ୟଚିତ୍ର ନିର୍ମାଣ କର୍ମଶାଳା




କର୍ମଶାଳାରେ ଲିପିକା ସିଂ, କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୪।୪**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ ଏକ ୪ଦିନିଆ ପ୍ରାମାଣିକ ତଥ୍ୟଚିତ୍ର ନିର୍ମାଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରାମାଣିକ ତଥ୍ୟଚିତ୍ର ନିର୍ମାତା ଲିପିକା ସିଂ କର୍ମଶାଳାରେ ଭାଗ ନେଉଥିବା ଛାତ୍ରୀଛାତ୍ରଙ୍କୁ ତଥ୍ୟଚିତ୍ର ନିର୍ମାଣ କ୍ଷେତ୍ରରେ ସେମାନଙ୍କର ନୈତିକ ଦାୟିତ୍ୱ ସମ୍ପର୍କରେ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ନିଶ୍ଚିତ ରୂପେ ଲାଭଦାୟକ ହେବ ଏବଂ କର୍ମଶାଳାରୁ ଛାତ୍ରୀଛାତ୍ର ବହୁ କଥା ଶିଖିପାରିବେ। ସାମାଜିକ ସମସ୍ୟା ଉପରେ ନିର୍ମିତ ତଥ୍ୟଚିତ୍ର ସମାଜ ପରିବର୍ତ୍ତନର ଏକ ମାଧ୍ୟମ ହୋଇପାରିବ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏକ କର୍ମଶାଳାର ଆୟୋଜନ କରିଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଭାଗୀୟ ମୁଖ୍ୟ ଡ. ଭାରତୀ ବାଲା ପଟ୍ଟନାୟକ ତଥ୍ୟଚିତ୍ର ନିର୍ମାଣର ନୀତିନିୟମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜଣାଶୁଣା ତଥ୍ୟଚିତ୍ର ନିର୍ମାତା ଅର୍ଜୁନ ସାମନ୍ତରାୟ କର୍ମଶାଳାର ରିସୋର୍ସପର୍ସନ ଭାବେ ଯୋଗଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

**ବାହାନଗା, ୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁରସ୍ଥିତ ଶଙ୍କରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ଜେନାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ରତନ କର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରୋହିଆ ଟୁଡୁ, ମୁଖ୍ୟବକ୍ତା ଭାବେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସିଆରସିସି ଗୌରଚରଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**
e-mail:eerwsskld@gmail.com, eerwss_kld@nic.in,Phone No:06670-230784
**INVITATION OF BID THROUGH e - TENDERING**
**No.O-04:** Bid Identification No-01/SE/RWSS/2022-23 /Bpt Dated.02.04.2022
**01.Name of the work:-As per ANNEXURE - A**

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 01/SE/RWSS/2022-23/Bpt, Dated 02.04.2022 | 16.04.2022 10.00 A.M. | 06.05.2022 05.30 P.M. | 07.05.2022 10.00 A.M. onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
**Sd./- Superintending Engineer, Kalahandi RWS&S Division, Bhawanipatna**
**OIPR-25005/11/0001/2223**



**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
P.O.: BAIROI, DIST.- CUTTACK - 754010, ODISHA, Tel.: 0671-2805347, Fax: 0671-2805862
Mob.: 09438568953, 09937755426 (Within Working hours)
Email: dasvnirtar@gmail.com, Website: http://www.svnirtar.nic.in

**ADMISSION NOTICE**

**POST GRADUATE ENTRANCE TEST - 2022 FOR ADMISSION AT SVNIRTAR**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET - 2022) for admission into following courses.

| Name of Course | Eligibility |
|---|---|
| Master of Physiotherapy (MPT) | Pass in BPT/B.Sc. PT Course |
| Master of Occupational Therapy (MOT) | Pass in BOT/B.Sc. OT Course |
| Master in Prosthetics & Orthotics (MPO) | Pass in BPO/B.Sc. PO Course or equivalent |

**IMPORTANT DATES FOR PGET - 2022**

| | | |
|---|---|---|
| Starting of Online publication of Application forms | : | 05.04.2022 |
| Closing date for receive application form through online only | : | 23.06.2022 (11.59 P.M.) |
| Post Graduate Entrance Test | : | 07.08.2022 (Sunday) |
| For more details log on to | : | **http://admission.svnirtar.nic.in** |

For admission into Bachelor of Physiotherapy (BPT), Bachelor of Occupational Therapy (BOT) and Bachelor in Prosthetics & Orthotics (BPO) Courses at SVNIRTAR, please visit NILD website: **www.niohkol.nic.in**.

**DIRECTOR-CUM-CHAIRMAN**
**PGET - 2022**



**NOTICE**
**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
O.A. No. 475 of 2021
**IDBI BANK LIMITED** ..Applicant
Versus.
**M/s Fortune Spirit Limited and Others** ...Defendants
To,
**1) M/s Fortune Spirit Limited,**
A Registered Company under the Registration of Companies Act, Registered Office: At: Plot No.: 1143/1146, Lane II, AIR FIELD Road, Bhubaneswar, District: Khordha, Represented through its Managing Director Mr. Rajesh Kumar Sahu.
**2) Mr. Rajesh Kumar Sahu,** Managing Director M/s Fortune Spirit Limited, S/o.: Late Jyoti Prasad Sahu, At. Plot No.: 1143 / 1146, Lane II, AIR FIELD Road, Bhubaneswar, District: Khordha
**3) Mr. Deepak Kumar Sahu,** Director M/s. Fortune Spirit Limited, S/o.: Late Jyoti Prasad Sahu, At/P.O.: Titilagarh, Dist.: Bolangir
**4) Mr. Ayush Sahu,** Director M/s. Fortune Spirit Limited, S/o.: Deepak Kumar Sahu, At.: N2 / 152 IRC Village, P.O.: Nayapalli, Bhubaneswar, District: Khordha
**5) Mrs. Sangita Sahu,** W/o.: Deepak Ku Sahu, At/P.O.: Titilagarh, Dist.: Bolangir
**6) Mr. Kushagra Sahu,** S/o.: Rajesh Ku Sahu, At/P.O.: Plot No.: 1143/1146, L-II Airfield Road, Palaspally, Bhubaneswar, District: Khurda
**7) Ms. Hansika Sahu,** D/o.: Rajesh Ku Sahu, At/P.O.: Plot No.: 1143/1146, L-II Airfield Road, Palaspally, Bhubaneswar, District: Khurda ...Defendants
**8) M/s. Shiw Ganga Resort (P) Ltd** A Registered Company Under the Registration of Companies Act, Registered Office: Ashok Bhawan, Titilagarh, District: Bolangir, Pin-767033, Represented Through it's Director Mr. Deepak Kumar Sahu
..... Proforma Defendant

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 475 of 2021** in the Court of Debts Recovery Tribunal at Cuttack for recovery of **Rs.13,04,92,543/-** only together with current and future interest, costs and other reliefs. The above mentioned defendants are therefore, hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt.- 05.05.2022 at 10.30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this the **25th Day of March, 2022.**

**Sd/- M.K. Patnaik, Registrar, Debts Recovery Tribunal, Cuttack**



See Career Appointment on every Wednesday & Saturday



**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR -7, CDA, CUTTACK, ODISHA.
O.A. No. 253 of 2019
**IDBI BANK LTD., Bhadrak Branch, Bhadrak** ...Applicant
Versus.
**Smt. Madhumita Mohanty & Others** ...Defendant(s)
To,
**1) SMT. MADHUMITA MOHANTY,** W/O.: SRI MANOJ KUMAR MOHANTY,
**2) SRI MANOJ KUMAR MOHANTY,** S/O.: LATE NILAMANI MOHANTY, BOTH ARE THE RESIDENTS OF SAMARAIPUR, MADHABANAGAR, P.O.: GELPUR, P.S./DIST.: BHADRAK, STATE: ODISHA, PIN: 756181.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 253/2019** in the Court of the Debts of Recovery Tribunal, Cuttack for recovery of **Rs.17,20,131/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **06.05.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **5th Day of March 2022.**

**Sd/- (M.K. Patnaik) REGISTRAR**



**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION NO. 85 RWSS/RRPUR-2021-2022 / Dated: 29.03.2022**

No. O-02: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

| | | | |
|---|---|---|---|
| 1. | Nature of Work | : | a) Execution of clubbed up PWS schemes to different villages of Karanjia, Bisoi & Jamda Block under RWS&S Division, Rairangpur in the district of Mayurbhanj. |
| 2. | No. of packages | : | 3 (Three) Nos. |
| 3. | Period of Completion | : | 6 (Six) Months & 11 (Eleven) months |
| 4. | Cost of tender | : | Rs.10000.00 |
| 5. | Estimated Cost | : | Rs.128.42 lakhs to Rs.328.59 lakhs |
| 6. | Class of Contractor | : | (As mentioned in Tender Call Notice) |
| 7. | Date and time of availability of bid documents in portal | : | From 10 hours of 12.04.2022 to 17.00 hours of 02.05.2022 |
| 8. | Receipt of bid cost, bid security, documents | : | Online only |
| 9. | Date & time of opening of technical bid | : | Dt.04.05.2022 at 16.00 hours onwards |
| 10. | Other documents | : | (As mentioned in DTCN) |

11. The bidders have to participate in online bidding only. Further details can be seen from the website **https://www.tendersodisha.gov.in**.
12. Any addendum/Corrigendum/Cancellation of tender can also be seen in the said website.

**Sd./- Superintending Engineer, RWSS Division, Rairangpur**
**OIPR-25010/11/0001/2223**

ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। **-ଶ୍ରୀମା**

# ଶ୍ରୀଲଙ୍କା ସଙ୍କଟ

୪ ଏପ୍ରିଲ ୨୦୨୨ରେ ଶ୍ରୀଲଙ୍କା କ୍ୟାବିନେଟ ବୈଠକ ବସିଥିଲା ଓ ସେଥିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ସମ୍ପୂର୍ଣ୍ଣ ମନ୍ତ୍ରିମଣ୍ଡଳ ଏକକାଳୀନ ଇସ୍ତଫା ଦେଇଛନ୍ତି। ଦ୍ୱୀପ ଦେଶ ଶ୍ରୀଲଙ୍କାରେ ରାଜନୈତିକ ଖିଆଲି ନିଷ୍ପତ୍ତି ତା'ର ଅର୍ଥନୀତିକୁ ତଳିତଳାନ୍ତ କରିଦେଇଛି। ଅର୍ଥ, ଖାଦ୍ୟ ଓ ତେଲ ସଙ୍କଟ ଯୋଗୁ ସେଠାକାର ନାଗରିକ ଦହଗଞ୍ଜ ହୋଇପଡ଼ିଲେଣି ବୋଲି ଦେଶବ୍ୟାପୀ ପ୍ରତିବାଦରୁ ବୁଝାପଡୁଛି। ଜନସାଧାରଣ ରାସ୍ତାଠାରୁ ଆରମ୍ଭକରି ରାଷ୍ଟ୍ରପତିଙ୍କ ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ସରକାର ସେଠାରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। କର୍ଫ୍ୟୁ ଲାଗୁ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ନାଗରିକମାନେ ଏକତ୍ରିତ ହୋଇ ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି। ପର୍ଯ୍ୟଟନରୁ ମିଳୁଥିବା ଅର୍ଥ ଓ ବିଶ୍ୱକୁ ବସ୍ତ୍ର ରପ୍ତାନି କରି ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁଦୃଢ଼ କରି ରଖିଥିବା ଶ୍ରୀଲଙ୍କା ଅର୍ଥନୀତିରେ ଗ୍ରହଣ ଲଗେଇ ଦେଇଥିଲା ୨୦୧୯ର ଇଷ୍ଟର ସଣ୍ଡେ ବିସ୍ଫୋରଣ। ତା' ପରେ କୋଭିଡ୍-୧୯ ଯୋଗୁ ଏହି କ୍ଷେତ୍ର ୨୦୨୦ରେ ଅଧିକ ପ୍ରଭାବିତ ହୋଇଥିଲା। ଫୁଟା ଡଙ୍ଗାରେ ପାଣି ପଶୁଥିବା ବେଳେ ତାହାକୁ ବୁଡ଼ାଇବାରେ ବଳ ଦେଇଛି ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ, ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଏବଂ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେଙ୍କ ପରିବାର। ଦେଶର ସମ୍ପୂର୍ଣ୍ଣ ରାଜନୀତିକୁ ଏହି ତିନିଭାଇ ନିୟନ୍ତ୍ରଣ କରିବା ଦେଶ ପାଇଁ କାଳ ହୋଇଛି। ଏଥିସହିତ କୃଷି କ୍ଷେତ୍ରରେ ରାସାୟନିକ ସାର ପ୍ରୟୋଗକୁ ହଠାତ୍ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇ ଜୈବିକ କୃଷିକୁ ବାଧ୍ୟତାମୂଳକ କରି ଦିଆଯିବା ଦ୍ୱାରା ଖାଦ୍ୟ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଅର୍ଥନୈତିକ ସ୍ଥିତି ଏଭଳି ସ୍ତରକୁ ଚାଲିଯାଇଛି ଯେ, ନିକଟ ଭବିଷ୍ୟତରେ ଏଥିରେ ପରିବର୍ତ୍ତନ ଆସିବା ଦେଖାଯାଉ ନାହିଁ ବୋଲି କୁହାଗଲାଣି।

ଶ୍ରୀଲଙ୍କା ଆଜି ଯେଉଁ ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି ତାହାର କାରଣ ଖୋଜିଲେ ପ୍ରଥମରେ ଆସୁଛି ଜୈବିକ କୃଷି ନୀତି। କୌଣସି ଏକ ବ୍ୟବସ୍ଥିତ ପର୍ଯ୍ୟାୟରୁ ନୂତନ ପର୍ଯ୍ୟାୟକୁ ଗତି କରିବା ଲାଗି ନୀତି ପ୍ରଣୟନ କରାଗଲେ ସମ୍ପୂର୍ଣ୍ଣ ଭାବେ ପୁରୁଣାକୁ ବାଦ୍ ଦିଆଯିବା କଥା ନୁହେଁ। ଯେହେତୁ ଦୀର୍ଘବର୍ଷ ଧରି ଜନସାଧାରଣ ରାସାୟନିକ ସାର ବ୍ୟବହାର କରି ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ଉତ୍ପାଦନ କରିପାରୁଥିଲେ ଓ ତାହା ଦ୍ୱାରା ସେମାନଙ୍କ ଖାଦ୍ୟ ନିରାପତ୍ତା ବଜାୟ ରହୁଥିଲା, ସେହେତୁ ଜୈବିକ ପ୍ରଣାଳୀର ଚାଷ ସେହି ସ୍ଥାନ ଶୀଘ୍ର ନେଇପାରିବ ନାହିଁ ବୋଲି ନୀତି ନିର୍ଦ୍ଧାରକମାନେ ଚିନ୍ତା କରିବାର ଥିଲା। ଏମିତି ଦେଖିଲେ ଜୈବିକ କୃଷିରେ ଉତ୍ପାଦନ ରାସାୟନିକ ପଦ୍ଧତିରେ ହେଉଥିବା ଚାଷଠାରୁ କମ୍ ରହିଥାଏ। ଏବେ ଯେତେବେଳେ ଆବଶ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରୁ ନାହିଁ, ଜନସାଧାରଣ ଭୋକ ବିକଳରେ ରାସ୍ତାକୁ ଓହ୍ଲାଇଛନ୍ତି। ଦ୍ୱିତୀୟରେ ରାଜପାକ୍ସେ ଭ୍ରାତୃତ୍ରୟଙ୍କ ନୀତି ଯୋଗୁ ଚାଇନାର ଋଣ ଯନ୍ତାରେ ପଡ଼ିଛି ଶ୍ରୀଲଙ୍କା। ଚାଇନାଠାରୁ ଅଧିକ ସୁଧହାରରେ ଋଣ ଆଣି ତାହାକୁ ଶୁଝିବାରେ ତହବିଲରୁ ବିପୁଳ ଅର୍ଥ ବ୍ୟୟ ହେଉଛି। ଏଥିସହିତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ରୁ ଆଣିଥିବା ଋଣ ଅର୍ଥ ପରିଶୋଧ କରିବ କ'ଣ କଲମ୍ବୋ ଏହି ଅନ୍ତର୍ଜାତୀୟ ସଂସ୍ଥାଠାରୁ ବେଲ୍ଆଉଟ୍ (ତ୍ରାଣଥାଳ) ପ୍ୟାକେଜ ଆଶା କଲାଣି। ଏଭଳି ସ୍ଥଳେ ଭାରତ ୨.୪୦ ବିଲିୟନ ଡଲାର ଆର୍ଥିକ ସହାୟତା ଶ୍ରୀଲଙ୍କାକୁ ଆଶ୍ୱସ୍ତି ଆଣିଦେଇଛି।

> **ଭାରତର ଅମଲାତନ୍ତ୍ରୀ ମଧ୍ୟ ଦେଶର ହିତ ପରିବର୍ତ୍ତେ ରାଜନୈତିକ ଖେଳ ଖେଳିବାରେ ବ୍ୟସ୍ତ ରହୁଛନ୍ତି।**

ଏକଦା ଏକ ଉତ୍ତମ ଅର୍ଥନୈତିକ ସ୍ଥିତିରେ ଥିବା ଶ୍ରୀଲଙ୍କା ଏବେ ତଳକୁ ଖସିବା ପଛରେ ରାଜନୈତିକ ନେତୃତ୍ୱ ଦାୟୀ ବୋଲି କୁହାଯାଇପାରେ। ସର୍ବସାଧାରଣଙ୍କ ଅର୍ଥକୁ ଠିକ୍ ଭାବେ ପରିଚାଳନା କରିବାରେ ସରକାର ଥରେ ବିଫଳ ହେଲେ 'ବୁଡ଼ି ଯାଉଥିବା ଗୋଡ଼ ତଳକୁ ତଳକୁ' ଭଳି ଉପରକୁ ଉଠିବା ସହସା ସମ୍ଭବ ହୋଇ ନ ଥାଏ। ଶ୍ରୀଲଙ୍କାରେ ଆୟକର ଓ ଭାଟ୍ ପଞ୍ଜୀକରଣରେ ଅତ୍ୟଧିକ ସୁବିଧା ଦିଆଯାଇଥିବାରୁ ପ୍ରବଳ ରାଜସ୍ୱ କ୍ଷତି ଘଟିଛି। ଉଲ୍ଲେଖଯୋଗ୍ୟ, ଏବେ ଖବର ମିଳିଛି ଭାରତର କେନ୍ଦ୍ର ସରକାରଙ୍କ କେତେକ ବରିଷ୍ଠ ଅମଲାତନ୍ତ୍ରୀ କହିଛନ୍ତି ଯେ ରାଜ୍ୟଗୁଡ଼ିକ ଲୋକପ୍ରିୟ ଯୋଜନା କରି ସରକାରୀ ସାହାଯ୍ୟ ଓ ସବ୍‌ସିଡି ଦେବା ଫଳରେ ଏଠାରେ ମଧ୍ୟ ଶ୍ରୀଲଙ୍କା ଭଳି ସ୍ଥିତି ଉପୁଜିପାରେ। ଏଠାରେ ଏହି କଥାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇପାରିବ। କାରଣ ଏହି ସଚିବମାନେ ଦେଇଥିବା ଉକ୍ତ ଚିଠାରେ ପଞ୍ଜାବ, ଦିଲ୍ଲୀ, ପଶ୍ଚିମବଙ୍ଗ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ନାମ ଉଲ୍ଲେଖ କରିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଅଣଭାଜପା ରାଜ୍ୟଗୁଡ଼ିକୁ ଲକ୍ଷ୍ୟରେ ରଖି ଏଭଳି ମତ ପ୍ରଦାନ କରାଯାଇଛି। ଭାରତର କେନ୍ଦ୍ର ସରକାର ଦେଇଥିବା ବିଭିନ୍ନ ଆର୍ଥିକ ଲାଞ୍ଚ ଯଥା ଉଜ୍ଜ୍ୱଳା ଓ ପିଏମ୍‌କିଷାନ ଭଳି କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଭାରତର ଅମଲାତନ୍ତ୍ରୀ ମଧ୍ୟ ଦେଶର ହିତ ପରିବର୍ତ୍ତେ ରାଜନୈତିକ ଖେଳ ଖେଳିବାରେ ବ୍ୟସ୍ତ ରହୁଛନ୍ତି।

କୋଭିଡ୍-୧୯ ଶ୍ରୀଲଙ୍କାର ପର୍ଯ୍ୟଟନକୁ ନଷ୍ଟ କରିବା ସହ ଲକ୍‌ଡାଉନ୍ ଯୋଗୁ ଅସଂଖ୍ୟ ବସ୍ତ୍ର ଶିଳ୍ପରେ ତାଲା ପଡ଼ିଯିବାରୁ ରପ୍ତାନି ଘୋର ପ୍ରଭାବିତ ହୋଇଛି। ବର୍ତ୍ତମାନ ଖାଦ୍ୟ ସଙ୍କଟ ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଉଛି। ଏହା ସ୍ୱାଭାବିକ ବିଷୟ ଯେ, ଏକ ରାଷ୍ଟ୍ରରେ ଖାଦ୍ୟ ସଙ୍କଟ ଦେଖାଦେଲେ ନାଗରିକଙ୍କ ଯୋଗଦାନ ଜାତୀୟ ଆୟକୁ କ୍ଷୀଣ କରିଦେବ।

ଏହି ପରିପ୍ରେକ୍ଷୀରେ ଶ୍ରୀଲଙ୍କା ସଙ୍କଟରୁ ଭାରତ ଶିକ୍ଷା ଗ୍ରହଣ କରିବା କଥା। କେବଳ ଶ୍ରୀଲଙ୍କା ନୁହେଁ, ପାକିସ୍ତାନରେ ଅର୍ଥନୈତିକ କୁପରିଚାଳନାରୁ ଦେଖାଦେଇଥିବା ରାଜନୈତିକ ବିଶୃଙ୍ଖଳାକୁ ମଧ୍ୟ ନୂଆଦିଲ୍ଲୀ ଅନିଶା କରିବା ଦରକାର। ଶ୍ରୀଲଙ୍କାକୁ ଜୈବିକ କୃଷି ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜପାକ୍ସେ ଭ୍ରାତାଙ୍କ ଚିନ୍ତନ ଦେଶ ପାଇଁ ଅଶୁଭ ସାବ୍ୟସ୍ତ ହେଲା ଭଳି ଭାରତରେ କୃଷି କ୍ଷେତ୍ରରେ ନିଆଯାଉଥିବା ନିଷ୍ପତ୍ତି ଭବିଷ୍ୟତରେ ଏଠାକାର ଖାଦ୍ୟ ନିରାପତ୍ତା ପ୍ରତି ବିପଦ ଆଣିଦେଇପାରେ। ଅବଶ୍ୟ ଭାରତରେ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରି କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଭୁଲ ଥିଲା ବୋଲି ସ୍ୱୀକାର କରିଛନ୍ତି। ନିକଟ ଅତୀତକୁ ଦେଖିଲେ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଭଳି ଅର୍ଥନୈତିକ ପଦକ୍ଷେପ କାର୍ଯ୍ୟକାରୀ କରି କେନ୍ଦ୍ର ସରକାର ଜାତୀୟ ଅର୍ଥନୀତିକୁ ଯେଉଁ କ୍ଷତି ପହଞ୍ଚାଇଛନ୍ତି, ତାହାକୁ ଦେଶବାସୀ ଭୋଗୁଛନ୍ତି। ଏବେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବା ଏବଂ ବଳକା ସରକାରୀ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ ସୂତ୍ରରେ ଦିଆଯାଇ ଅର୍ଥ ଆଦାୟର ଯୋଜନା କରାଯାଉଛି। ଏଭଳି ସ୍ଥିତି ଜାରି ରହିଲେ ଭାରତର ଲୋକସଂଖ୍ୟା ଓ ଆକାରକୁ ଦେଖିଲେ ଯଦି ଭବିଷ୍ୟତରେ ଅର୍ଥନୈତିକ ଦୁଃସ୍ଥିତି ଘଟେ, ତେବେ ତାହାକୁ ଏଠାକାର ନେତୃତ୍ୱ ନିୟନ୍ତ୍ରଣ ମଧ୍ୟକୁ ଆଣିବା କଷ୍ଟକର ହୋଇପଡ଼ିବା ଥୟ।

# ଓଡ଼ିଶାରେ ଶିଳ୍ପ ସଂଯୋଗୀକରଣ



କିଶୋର ସାମଲ

ସତୁରି ଦଶକରେ ଏକ ଭାବଧାରା ଯୁକ୍ତି ଦର୍ଶାଇଥିଲା ଯେ ଭାରତରେ କୃଷିର ବିକାଶରେ ଗ୍ରାମୀଣ ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ରଶିଳ୍ପକୁ କଞ୍ଚାମାଲ ଯୋଗାଇ ପ୍ରତ୍ୟକ୍ଷ ଭାବରେ ଏବଂ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପର ଉତ୍ପାଦିତ ଖାଉଟି ଦ୍ରବ୍ୟର ଚାହିଦାକୁ ବଢ଼ାଇ ପରୋକ୍ଷ ଭାବରେ ଗ୍ରାମୀଣ ଅଣକୃଷିକ୍ଷେତ୍ର ଓ ଶିଳ୍ପ ବିକାଶରେ ସାହାଯ୍ୟ କରିବ।

ଆମ ରାଜ୍ୟରେ ୧୯୭୧-୭୨ରୁ ୧୯୯୦-୯୧ ଅବଧି ମଧ୍ୟରେ ଶିଳ୍ପ ଉତ୍ପାଦନର ୧୦.୮୦ ପ୍ରତିଶତ ବୃଦ୍ଧି ତୁଳନାରେ କୃଷି ଉତ୍ପାଦନର ବୃଦ୍ଧିର ହାର (୩.୧ ପ୍ରତିଶତ) ବହୁତ କମ୍ ଥିଲା। କୃଷି ଉତ୍ପାଦନ ଓ ଶିଳ୍ପ ଉତ୍ପାଦନର ପରସ୍ପର ସମ୍ବନ୍ଧଯୁକ୍ତ ସମ୍ପର୍କ ଅତ୍ୟଧିକ ଥିଲେ ମଧ୍ୟ କୃଷି ଉତ୍ପାଦନର ବୃଦ୍ଧି ବହୁତ କମ୍ ଥିବାରୁ ଶିଳ୍ପଜାତ ଦ୍ରବ୍ୟର ଚାହିଦା ଉପରେ ବହୁତ କୁପ୍ରଭାବ ପଡ଼ିଥିଲା। ଉଭୟ କୃଷି ଉତ୍ପାଦନ ଓ ଶିଳ୍ପ ଉତ୍ପାଦନର ପରସ୍ପର ସମ୍ବନ୍ଧଯୁକ୍ତ ସମ୍ପର୍କ ୦.୩୮ରୁ ୦.୬୩କୁ ବୃଦ୍ଧି ଏବଂ କୃଷି ଉତ୍ପାଦନ ବୃଦ୍ଧିର ହାର ୨.୭୧ ପ୍ରତିଶତରୁ ୩.୪୯କୁ ବୃଦ୍ଧି ଯୋଗୁ ଶିଳ୍ପାୟନର ବେଗ ୧୯୭୧-୮୧ ଦଶନ୍ଧି ତୁଳନାରେ ୧୯୮୧-୯୧ ଦଶନ୍ଧି ମଧ୍ୟରେ ବହୁ ଅଧିକ ଥିଲା। ତେଣୁ ଶିଳ୍ପ ଉତ୍ପାଦିତ ଦ୍ରବ୍ୟର ଚାହିଦା ଉପରେ ଏକ ସୁପ୍ରଭାବ ପଡ଼ିଥିଲା। ଏହା ରାଜ୍ୟ ସରକାରଙ୍କ ଘୋଷିତ ବିଭିନ୍ନ ଶିଳ୍ପ ନୀତିର ଲକ୍ଷ୍ୟ ଅନୁଯାୟୀ ଗ୍ରାମୀଣ ଶିଳ୍ପ ସହ ଶିଳ୍ପ ବିକାଶ କ୍ଷେତ୍ରରେ ସାହାଯ୍ୟ କରିଥିଲା। ତେଣୁ କୃଷି ଏବଂ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ସମ୍ଭାବ୍ୟ ସଂଯୋଗୀକରଣ କରିବାର ଯଥାର୍ଥତା ଆମ ରାଜ୍ୟରେ ଅଛି। କୃଷି ଓ ଶିଳ୍ପର ସଂଯୋଗୀକରଣକୁ ଶକ୍ତିଶାଳୀ କରିବା ପାଇଁ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟକୁ ଉପଯୋଗ କରିବାକୁ କାରଖାନା ପ୍ରତିଷ୍ଠା କରାଯାଇପାରିବ। ଯଥା ଚାଷ ହେଉଥିବା ଆଖୁର ଉପଯୋଗ କରିବାକୁ ବନ୍ଦ ହୋଇଥିବା ସମସ୍ତ ୨୦ଟି ଚିନି କାରଖାନା ଖୋଲିବା ଓ ନୂଆ ଚିନି କାରଖାନା ପ୍ରତିଷ୍ଠା କରିବା, ବନ୍ଦ ହୋଇଥିବା ଝୋଟକଳ ଖୋଲିବା ଓ ନୂଆ ଝୋଟକଳ ପ୍ରତିଷ୍ଠା କରିବା ଅତ୍ୟନ୍ତ ଆବଶ୍ୟକ। ଅବିଭକ୍ତ ବଲାଙ୍ଗୀର, କଳାହାଣ୍ଡି ଓ କୋରାପୁଟ ଜିଲାର କଳା କାର୍ପାସ ମୃତ୍ତିକା କପାଚାଷ ପାଇଁ ଉପଯୁକ୍ତ। ଓଡ଼ିଶାର ସୂତାକଳ ଓ ଲୁଗାକଳ ପାଇଁ କୁଶଳୀ ଓ ଦକ୍ଷ ଶ୍ରମିକ ଅଛନ୍ତି କିନ୍ତୁ ସେମାନେ ସୁରଟ ଓ ଅନ୍ୟ ସହରର ଲୁଗାକଳରେ କାର୍ଯ୍ୟରତ। ତେଣୁ ଓଡ଼ିଶାରେ କପା ଚାଷକୁ ଉତ୍ସାହିତ କରି ତୁଳା ଉତ୍ପାଦନ ହୋଇପାରିବ। ବନ୍ଦ ହୋଇଥିବା ବିଟିଏମ୍ ଭଳି ସୂତାକଳ ଓ ଓଟିଏମ୍ ଭଳି ଲୁଗାକଳ ଖୋଲାଯାଇପାରିବ ଏବଂ କିଛି ନୂଆ ଲୁଗା ଓ ସୂତାକଳ ପ୍ରତିଷ୍ଠା କରି ଆମ ରାଜ୍ୟର ଦକ୍ଷ ଶ୍ରମିକଙ୍କ ଦ୍ୱାରା ଉତ୍ପାଦନ ଆରମ୍ଭ ହୋଇପାରିବ। ଏହି କ୍ଷେତ୍ରରୁ ଛଟେଇ ହୋଇଥିବା ଶ୍ରମିକମାନେ ପୁନଃନିଯୁକ୍ତି ପାଇପାରିବେ। ସେହିଭଳି ଶାଳମଞ୍ଜିରୁ ତେଲ ଭଳି ଜଙ୍ଗଲଜାତ ଦ୍ରବ୍ୟକୁ ବିନିଯୋଗ କରି ଅନେକ ପ୍ରକାର ଛୋଟ ଛୋଟ କାରଖାନା ଓ ବନ୍ଦ ହୋଇଥିବା ଶୀତଳ ଭଣ୍ଡାରଗୁଡ଼ିକ ଖୋଲାଯାଇପାରିବ।

ଅର୍ଥଶାସ୍ତ୍ରରେ ଗୋଟିଏ ତତ୍ତ୍ୱ ସନ୍ତୁଳିତ ବିକାଶ ସପକ୍ଷରେ ଯୁକ୍ତି କରେ। ଅର୍ଥାତ୍ ଏକ ସମୟରେ ନାନା ପ୍ରକାର ଶିଳ୍ପରେ ପୁଞ୍ଜି ନିବେଶ କରି ସମୁଦାୟ ବଜାରକୁ ବୃଦ୍ଧି କରିଲେ ବିକାଶଶୀଳ ଦେଶର ଅର୍ଥ ବ୍ୟବସ୍ଥାର ଶୂନ୍ୟତାକୁ ପୂରଣ କରିବାରେ ସାହାଯ୍ୟ କରିପାରିବ। ଅନ୍ୟ ତତ୍ତ୍ୱଟି ହେଲା ଅସନ୍ତୁଳିତ ବିକାଶ। ବିକାଶଶୀଳ ଦେଶର ଗତିଶୂନ୍ୟ ଅବସ୍ଥାର ମୂଳ ନିଷ୍କ୍ରିୟତାକୁ ହଟେଇବା ପାଇଁ ଗୋଟିଏ ବଡ଼ ଧରଣର ଉଦ୍ୟମ ଦରକାର। ଯଦି କେତୋଟି ମନୋନୀତ ଶିଳ୍ପରେ ଏକ ବଡ଼ ଧରଣର ପୁଞ୍ଜି ନିବେଶ କରି ଉଦ୍ୟମ କରାଯାଏ, ଏହି ଶିଳ୍ପଗୁଡ଼ିକର ବୃଦ୍ଧି ଅନ୍ୟ ଶିଳ୍ପକୁ ଓ କାରଖାନାକୁ ପ୍ରଭାବିତ କରି ଅର୍ଥ ବ୍ୟବସ୍ଥାକୁ ଗତିଶୀଳ, ସକ୍ରିୟ ଓ କର୍ମଚଞ୍ଚଳ କରିଦିଏ। ପଶ୍ଚାତବର୍ତ୍ତୀ ଓ ଅଗ୍ରଗାମୀ ସଂଯୋଗୀକରଣ ଥିବା ଶିଳ୍ପକୁ ମନୋନୀତ କଲେ ସେଗୁଡ଼ିକର ଉତ୍ପାଦିତ ଦ୍ରବ୍ୟକୁ ବିନିଯୋଗ କରି ଏବଂ କଞ୍ଚାମାଲ ଯୋଗାଇବା ପାଇଁ ଅନ୍ୟ ଶିଳ୍ପଗୁଡ଼ିକ ଗଢ଼ିଉଠିବ। ଏହିସବୁ ନୂଆ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକରେ କାର୍ଯ୍ୟରତ ଶ୍ରମିକ ଓ ପଦାଧିକାରୀମାନଙ୍କର ଆୟର ଖର୍ଚ୍ଚ ଯୋଗୁ କେତେକ ଅତି କ୍ଷୁଦ୍ର ଓ କ୍ଷୁଦ୍ର ଶିଳ୍ପ, ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠିଲେ ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ବଢ଼ିଚାଲିବ।

ଶିଳ୍ପ ଓ କୃଷି ମଧ୍ୟରେ ସଂଯୋଗୀକରଣ ସହ ଗୋଟିଏ ରାଜ୍ୟର ଶିଳ୍ପ ବିକାଶ ପାଇଁ ବୃହତ ଓ ମଧ୍ୟମ ଶିଳ୍ପ ସହିତ କ୍ଷୁଦ୍ର ଶିଳ୍ପ ଓ ଅସଂଗଠିତ କ୍ଷେତ୍ରର କାରଖାନାର ସଂଯୋଗୀକରଣ ଆବଶ୍ୟକ ହେଲେ ମଧ୍ୟ ଅଗ୍ରଗାମୀ ଓ ପଶ୍ଚାତବର୍ତ୍ତୀ ସଂଯୋଗୀକରଣ ଆମ ରାଜ୍ୟରେ ସନ୍ତୋଷଜନକ ନ ଥିଲା। ବହୁ ସର୍ବେକ୍ଷଣରୁ ଜଣାଯାଏ ଯେ ଉଭୟ ସରକାରୀ ଉଦ୍ୟୋଗ ଓ ଘରୋଇ ବୃହତ୍ ଶିଳ୍ପର ସଂଯୋଗୀକରଣ ବହୁତ ଦୁର୍ବଳ ଥିଲା। ରାଉରକେଲା ଇସ୍ପାତ କାରଖାନା ତୁଳନାରେ ନାଲ୍‌କୋ (ଅନୁଗୋଳ କ୍ଷେତ୍ର)ର ଅଗ୍ରଗାମୀ ଓ ପଶ୍ଚାତବର୍ତ୍ତୀ ସଂଯୋଗୀକରଣ ବହୁତ କମ୍। ଅତୀତରେ ଏକ ସର୍ବେକ୍ଷଣରୁ ଜଣାପଡ଼ିଲା ଯେ ଓଡ଼ିଶାର ନମୁନା ଅତି କ୍ଷୁଦ୍ର ଓ କ୍ଷୁଦ୍ର ଶିଳ୍ପର ସମୁଦାୟ ବିକ୍ରିର ମାତ୍ର ୨ ପ୍ରତିଶତ ନାଲ୍‌କୋକୁ ଯାଉଥିଲା। ଅନ୍ୟ ପକ୍ଷରେ ରାଉରକେଲା ସହରର ନମୁନା ଅସଂଗଠିତ କ୍ଷେତ୍ର ଶିଳ୍ପର ସମୁଦାୟ ବିକ୍ରିର ୪୨ ପ୍ରତିଶତ ଆରଏସ୍‌ପିକୁ ଯାଉଥିଲା। ନାଲ୍‌କୋର ଅଗ୍ରଗାମୀ ସଂଯୋଗୀକରଣ ଓଡ଼ିଶାର ଶିଳ୍ପ ସହ ମଧ୍ୟ ଦୁର୍ବଳ ଥିଲା। ଏହାର କେବଳ ଆଲୁମିନିୟମ ଧାତୁର ସମୁଦାୟ ବିକ୍ରିର ୩.୭୨ ପ୍ରତିଶତ ଓଡ଼ିଶା ବଜାରରେ ବିକ୍ରି ହେଉଥିଲା। ଯଦିଓ ରାଉରକେଲା ସହରର କେତେକ ନମୁନା କ୍ଷୁଦ୍ର ଶିଳ୍ପ ତାଙ୍କର ଉତ୍ପାଦିତ ପଦାର୍ଥ ବିକ୍ରି ଦ୍ୱାରା ଓ ସେମାନଙ୍କର କଞ୍ଚାମାଲ କ୍ରୟ ମାଧ୍ୟମରେ ଆର୍‌ଏସ୍‌ପି ସହ ସଂଯୋଗୀକରଣ ଥିଲା। ଏଲ୍‌ଏଣ୍ଡଟି ଓ ଆର୍‌ଏସ୍‌ପି ଭଳି ବୃହତ୍ ଶିଳ୍ପ ସେମାନଙ୍କଠାରୁ କେବଳ ଅତିରିକ୍ତ ଯନ୍ତ୍ରପାତି ଓ ବ୍ୟବହାର୍ଯ୍ୟ ଦ୍ରବ୍ୟ କିଣୁଥିଲେ।

ଏହି ସଂଯୋଗୀକରଣର ଉପକାରିତା ଉପଲବ୍ଧି କରି କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଶିଳ୍ପ ମାଧ୍ୟମରେ ସହାୟକ ଶିଳ୍ପ ବିକାଶ କାର୍ଯ୍ୟକ୍ରମ ୭୦ ଦଶକରେ ଆରମ୍ଭ କରିଥିଲେ। ସେତେବେଳେ ଓଡ଼ିଶାର କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ୧୫୦ଟି ବୃହତ ଓ ମଧ୍ୟମ ଶିଳ୍ପ ଥିଲେ ମଧ୍ୟ ସହାୟକ ଶିଳ୍ପ ବିକାଶ କାର୍ଯ୍ୟକ୍ରମ ସନ୍ତୋଷଜନକ ହୋଇ ନ ଥିଲା। ମାତ୍ର ୧୨୦ଟି ସଂସ୍ଥାକୁ ସହାୟକ ଶିଳ୍ପ ପଦ ଦିଆଯାଇଥିଲା, ତାହା କେବଳ ଆର୍‌ଏସ୍‌ପି, ନାଲ୍‌କୋ, ହାଲ୍ ଭଳି ରାଷ୍ଟ୍ରାୟତ୍ତ ଶିଳ୍ପଗୁଡ଼ିକ ଦ୍ୱାରା।

ଓଡ଼ିଶା ଭଳି ଖଣିଜ ପଦାର୍ଥରେ ଭରପୂର ରାଜ୍ୟର ଅର୍ଥନୈତିକ ସୁଯୋଗକୁ କ୍ଷତି କରୁଥିବା କେନ୍ଦ୍ର ସରକାରଙ୍କ ୧୯୫୨ର ମାଲପରିବହନ ସମୀକରଣ ନୀତି ୧୯୯୩ରେ ପ୍ରତ୍ୟାହାର ଓ ରଦ୍ଦ ହେବା ପରେ ରାଜ୍ୟରେ ଶିଳ୍ପର ସାମ୍ଭାବ୍ୟ ଅଗ୍ରଗାମୀ ସଂଯୋଗୀକରଣର ବୃଦ୍ଧି ହେବାର ସୁଯୋଗ ବଢ଼ିଛି। ଆମ ରାଜ୍ୟରେ ପ୍ରତିଷ୍ଠିତ ଇସ୍ପାତ, ଆଲୁମିନା ଓ ଆଲୁମିନିୟମ କାରଖାନାରୁ ଉତ୍ପାଦିତ ଧାତୁରୁ ଅଗ୍ରଗାମୀ ଶିଳ୍ପ ପ୍ରତିଷ୍ଠା ହୋଇ ମୂଲ୍ୟଯୁକ୍ତ ପଦାର୍ଥ ଉତ୍ପାଦନ ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେବା ଓ ବୃହତ୍ ଶିଳ୍ପଗୁଡ଼ିକ ଏ ଦିଗରେ ପଦକ୍ଷେପ ନେବା ଅତ୍ୟନ୍ତ ଆବଶ୍ୟକ। ଯଥା କାର୍, ଭାରିଯାନ, ଦୁଇ/ତିନି ଚକିଆ ଗାଡ଼ି, ସାଇକେଲ, ମୋଟରଗାଡ଼ି ସମ୍ପର୍କିତ ସହାୟକ ଯନ୍ତ୍ରପାତି, ଉଚ୍ଚଗୁଣର ଇସ୍ପାତ, ଘରକରଣା ବସ୍ତୁ, କୃଷି ଯନ୍ତ୍ରପାତି ଓ ସରଞ୍ଜାମ, ଭାରିଯନ୍ତ୍ର କଳକବ୍‌ଜା ଭଳି ମୂଲ୍ୟଯୁକ୍ତ ପଦାର୍ଥ ଲୁହା ଓ ଇସ୍ପାତରୁ ଓଡ଼ିଶାରେ ଉତ୍ପାଦନ କରାଯାଇପାରିବ। ସେହିଭଳି ରାଜ୍ୟରେ ଉତ୍ପାଦିତ ଆଲୁମିନା ଓ ଆଲୁମିନିୟମରୁ ମଧ୍ୟ ପତଳା ପାତ୍ର (ଫଏଲ), କ୍ରିମ୍ କିମ୍ବା ଟୁଥ୍‌ପେଷ୍ଟ ଭଳି ଖାଉଟି ଦ୍ରବ୍ୟ ରଖିବା ପାଇଁ ଭଙ୍ଗପ୍ରବଣ ନଳୀ, ତରଳ ପଦାର୍ଥ ସଂରକ୍ଷଣ ନିମନ୍ତେ ଧାତବ ପାତ୍ର, ବାସନକୁସନ, ଆଧାର ପାତ୍ର (କଣ୍ଟେନର୍), ଆଲୁମିନିୟମ ଗୁଣ୍ଡ, ଛାଞ୍ଚ, କୋଠାବାଡ଼ିରେ ବ୍ୟବହାର ହେଉଥିବା ଜିନିଷ, ବିମାନ ଓ ମୋଟର ଗାଡ଼ି ପାଇଁ ସହାୟକ ଯନ୍ତ୍ରପାତି ଆଦି ମୂଲ୍ୟଯୁକ୍ତ ପଦାର୍ଥର ଉତ୍ପାଦନ କାରଖାନା ପ୍ରତିଷ୍ଠା ହୋଇପାରନ୍ତା। ଏହି ସବୁ ମୂଲ୍ୟଯୁକ୍ତ ପଦାର୍ଥ ଆମ ରାଜ୍ୟରେ ଉତ୍ପାଦନ ହେଲେ ଓଡ଼ିଶାରେ ନିଯୁକ୍ତିର ସୁଯୋଗ ବହୁଗୁଣରେ ବୃଦ୍ଧି ହେବ ଏବଂ ତୁଳନାତ୍ମକ ଭାବେ ପ୍ରଦୂଷଣ ଓ ଅନଭିପ୍ରେତ ବିସ୍ଥାପନ ହ୍ରାସ ପାଇବ।

ସାରାଂଶରେ ଅଗ୍ରଗାମୀ ସଂଯୋଗୀକରଣ ସ୍ଥାପନ ହେଲେ ମୂଲ୍ୟଯୁକ୍ତ ଦ୍ରବ୍ୟର କାରଖାନା ପ୍ରତିଷ୍ଠା ହେବ ଏବଂ ବନ୍ଦ ହୋଇଥିବା କଳକାରଖାନା ଖୋଲିଲେ ଉଭୟ ନବନିଯୁକ୍ତ ଶ୍ରମିକ ଓ ଛଟେଇ ହୋଇଥିବା ପୁନଃ ନିଯୁକ୍ତ ଶ୍ରମିକଙ୍କର ଆୟ ବୃଦ୍ଧି ହୋଇ ବଜାରରେ ଖର୍ଚ୍ଚ ହେବ ଓ ଉତ୍ପାଦିତ ପଦାର୍ଥର ଚାହିଦା ବଢ଼ିବ। ପରୋକ୍ଷ ସଂଯୋଗୀକରଣ ଦ୍ୱାରା ମଧ୍ୟ ଅନେକ ନିଯୁକ୍ତି ବଢ଼ିବ। ଏଠରେ ସୂଚାଇ ଦିଆଯାଇପାରେ ଯେ, ନାଲ୍‌କୋ (ଅନୁଗୋଳ କ୍ଷେତ୍ର)ରେ ଯେତେ ନିଯୁକ୍ତି ପାଇଛନ୍ତି, ପ୍ରାୟ ତାହାର ଦୁଇଗୁଣରୁ ଅଧିକ ନାଲ୍‌କୋ ନଗରରେ ଦୋକାନ ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନରେ ନିଯୁକ୍ତି ପାଇଛନ୍ତି। କାରଖାନା ପାଖର ଏହି ଅସଂଗଠିତ କ୍ଷେତ୍ରର ବ୍ୟବସାୟ ପ୍ରତିଷ୍ଠାନ ମୁଖ୍ୟତଃ ନାଲ୍‌କୋର ଶ୍ରମିକ ଓ ପଦାଧିକାରୀଙ୍କର ଖାଉଟି ଚାହିଦାକୁ ମେଣ୍ଟାଇବା ପାଇଁ ଗଢ଼ି ଉଠିଛି ଏବଂ ଏହାକୁ ପରୋକ୍ଷ ସଂଯୋଗୀକରଣ କୁହାଯାଏ ଓ ଏହାଦ୍ୱାରା ମଧ୍ୟ ନିଯୁକ୍ତି ବୃଦ୍ଧି ପାଏ। ଅତଏବ ପ୍ରତ୍ୟକ୍ଷ ଅଗ୍ରଗାମୀ ଓ ପଶ୍ଚାତବର୍ତ୍ତୀ ସଂଯୋଗୀକରଣ ଏବଂ ନିର୍ଗମ ଆୟ ମାଧ୍ୟମରେ ପରୋକ୍ଷ ସଂଯୋଗୀକରଣ ରାଜ୍ୟର ଅର୍ଥ ବ୍ୟବସ୍ଥାକୁ ସ୍ଥାଣୁରୁ ଗତିଶୀଳ ଓ କର୍ମଚଞ୍ଚଳ କରିବ।

**ଭୁବନେଶ୍ୱର,ମୋ-୯୪୩୭୦୪୮୪୭୬**

# ସାଧାରଣ ଓ ଅସାଧାରଣ



ଡ. ନିରଞ୍ଜନ ମିଶ୍ର

ଜାତିର ପିତା ମହାତ୍ମା ଗାନ୍ଧୀ କସ୍ମିନ୍ କାଳେ ଭଗବାନଙ୍କ ଅବତାର ନ ଥିଲେ। ସେ ଥିଲେ ଜଣେ ସାଧାରଣ ମଣିଷ। 'କ୍ରାଇମ ଆଟ୍ ଚୌରୀଚୌରା' ଶୀର୍ଷକରେ ସେ ଥରେ 'ୟଙ୍ଗ୍ ଇଣ୍ଡିଆ'ରେ ଲେଖିଥିଲେ ଯେ, ଜଣେ ସାଧାରଣ ମଣିଷଠାରେ ଯେପରି ଅନେକ ଭଲଗୁଣ ଓ ମନ୍ଦଗୁଣ ରହିଛି, ତାଙ୍କ ଦେହ ଓ ମନର ଗଠନ ଠିକ୍ ସେହିଭଳି। ସେ ରକ୍ତମାଂସର ଜଣେ ସାଧାରଣ ମଣିଷ। ଅସହଯୋଗ ଆନ୍ଦୋଳନ ପାଇଁ ଡାକରା ଦେଇ ସେ ହିମାଳୟ ପର୍ବତ ଭଳି ଏକ ଭୁଲ୍ କରିଛନ୍ତି। କିନ୍ତୁ ଆମ ଦେଶର ଲୋକମାନେ କ'ଣ ତାଙ୍କ କଥା ଶୁଣିବେ? ୧୯୩୦ ମାର୍ଚ୍ଚ ୧୨ରେ ଲବଣ ସତ୍ୟାଗ୍ରହ ପାଇଁ ସେ ଯୋଜନା କଲେ। ସେତେବେଳର ଅପାଠୁଆ ମଳିମୁଣ୍ଡିଆ ଲୋକମାନେ ଏହି ପଦଯାତ୍ରାକୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ବାନରସେନା ସହ ଲଙ୍କା ଯାତ୍ରା ସଙ୍ଗେ ତୁଳନା କରୁଥିଲେ।

ସବୁଠୁ ମଜା କଥା ହେଉଛି, ସେ ବଞ୍ଚି ଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକମାନେ ତାଙ୍କୁ ଜଣେ ମହାମାନବ ଭାବରେ ମାନୁଥିଲେ। ସି.ଏଫ୍. ଆଣ୍ଡ୍ରୁଜ ଦକ୍ଷିଣ ଆଫ୍ରିକାରେ ପ୍ରଥମଥର ତାଙ୍କୁ ଭେଟିଲାବେଳେ ସିଧାସଳଖ ତାଙ୍କ ପାଦଧୂଳି ନେଇ ନିଜ ମୁଣ୍ଡରେ ମାରିଲେ ଓ ଯିଶୁଖ୍ରୀଷ୍ଟଙ୍କୁ ତାଙ୍କଠାରେ ଦେଖିପାରୁଛନ୍ତି ବୋଲି କହିଲେ। ବ୍ରିଟିଶ ପ୍ରେସ୍ ଏଥିପାଇଁ ତାଙ୍କୁ ଭର୍ତ୍ସନା କରିଥିଲା। ସେ ଭାରତକୁ ଆସିବାର ଦୁଇବର୍ଷ ଆଗରୁ ଗୋପାଳକୃଷ୍ଣ ଗୋଖଲେ ବମ୍ବେ ଟାଉନହଲଠାରେ କହିଥିଲେ, ''ଗଭୀର ଶ୍ରଦ୍ଧା ଓ ସମ୍ମାନ ନ ଜଣାଇ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ନାମ ଉଚ୍ଚାରଣ କରିବା ମୋ ପକ୍ଷରେ ଅନ୍ୟାୟ।'' ସେ ତାଙ୍କୁ ଭାରତରେ ରାଜନୀତି କରିବାକୁ ପ୍ରବର୍ତ୍ତାଇଲେ। କିନ୍ତୁ ଗୋଟିଏ ସର୍ତ୍ତ ବର୍ଷେକାଳ ସେ ଭାରତର ବିଭିନ୍ନ ଅଞ୍ଚଳ ଗସ୍ତ କରିବେ। ସବୁ ବିଷୟ ଆଖିରେ ଦେଖିବେ ଓ କାନରେ ଶୁଣିବେ, କିନ୍ତୁ ପାଟି ଖୋଲିବେ ନାହିଁ। ଗୋଖଲେଙ୍କୁ ଗାନ୍ଧୀ ତାଙ୍କର 'ପଲିଟିକାଲ ଗୁରୁ' ବୋଲି କହନ୍ତି। ଗୁରୁଙ୍କ କଥା ମାନି ବର୍ଷେ ରହିଲେ ଓ ଯେତେବେଳେ ସମୟ ଅତିକ୍ରାନ୍ତ ହେଲା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ସଭାରେ ଭାଷଣ ଦେଲେ। ତାଙ୍କର ଅହିଂସା ଆନ୍ଦୋଳନ ମୁଖ୍ୟତଃ ଏକ କୃଷକର ଶାନ୍ତିପୂର୍ଣ୍ଣ ବିଦ୍ରୋହ। ବନାରସରେ ସେ କହିଲେ, ଗୋଟିଏ ସହରରେ ଯଦି ଗୋଟିଏ ବଡ଼ କୋଠାଘର ମୁଣ୍ଡ ଟେକି ଉଠୁଛି ମୋ ହାଡ଼ ଜଳୁଛି...., କାରଣ ଚାଷୀର ପଇସା ବାଟମାରଣା ହୋଇ ଧନୀଲୋକ ପାଖକୁ ଆସୁଛି। ଲାଙ୍କାସାୟାରଠାରେ ସେ ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପ୍ରଶ୍ନ କରିଥିଲେ, ଖଦି ଲୁଗା ଖଣ୍ଡିଏ ଦିନସାରା ଅକ୍ଳାନ୍ତ ପରିଶ୍ରମ କରି ବୁଣିଲେ ଚାରିଅଣା ବା ଛ'ଅଣା ରୋଜଗାର ହେବ। ଆପଣମାନେ ଭାରତୀୟ ବୁଣାକାରର ମୃତଦେହ ଉପରେ ଠିଆହେଲେ ଆପଣମାନଙ୍କ ଆତ୍ମା ଶାନ୍ତି ପାଇବ ତ? ଏ କଥା ଶୁଣିବା ପରେ ସେଠାରେ ତାଙ୍କର ସମର୍ଥକ ବାହାରିଲେ। ଭାରତ ବିଭାଜନ ପରେ 'ହରିଜନ' ପତ୍ରିକାରେ ସେ ଲେଖିଥିଲେ ଚିନାବାଦାମରେ ପ୍ରୋଟିନ୍। ଆମର ଗରିବ କୃଷକ ତା' ଦ୍ୱାରା ଉପକୃତ ହେବେ। ଏହା ଥିଲା ଜଣେ ମହାମାନବର ଜୀବନ ଦର୍ଶନ।

ରାଜନୀତିକୁ ଯଦି କ୍ରିକେଟ ସଙ୍ଗେ ତୁଳନା କରିବା ତେବେ ଗାନ୍ଧିଜୀ ଜଣେ ଅଲ୍‌ରାଉଣ୍ଡର। ଜଣେ ଦକ୍ଷ ବ୍ୟାଟ୍‌ସମ୍ୟାନ ପଡ଼ିଆ ମଧ୍ୟକୁ ଆସି ଯେପରି ବିଭିନ୍ନ ଦିଗକୁ ବଲ୍ ମାରି ଏକ ବିଶାଳ ସ୍କୋର କରେ, ସେହିଭଳି ଗାନ୍ଧିଜୀ ଯେଉଁ ସ୍ଥାନକୁ ଯାଉଥିଲେ ଗଠନମୂଳକ କାମରେ ମାତିଯାଉଥିଲେ। ଦକ୍ଷିଣ ଆଫ୍ରିକାରେ ସେ କୃଷିର ଉନ୍ନତି ପାଇଁ ଟଲଷ୍ଟୟ ଫାର୍ମ କରିଥିଲେ। ଗୋମାତାର ସୁରକ୍ଷା, ଅସ୍ପୃଶ୍ୟତା ନିବାରଣ, ଖଦିର ପ୍ରସାର, ନିଶା ବିରୋଧରେ ଅଭିଯାନ, ନାରୀଶିକ୍ଷା ଇତ୍ୟାଦି ବିଷୟରେ ସେ ନିଷ୍ଠାପର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଶିକ୍ଷାକୁ 'ନଇ ତାଲିମ' ନାଁ ଦିଆଯାଇଥିଲା। କିନ୍ତୁ ଦେଶ ସ୍ୱାଧୀନତା ପାଇବା ପରେ ତାହା ପ୍ରତି କେହିହେଲେ ଗୁରୁତ୍ୱ ଦେଲେନାହିଁ। ଖୁବ୍ କମ୍ ସମୟ ସେ ବୋଲିଂ କରିଛନ୍ତି। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନକୁ ଅହିଂସା ବଲ୍ ସାହାଯ୍ୟରେ ତାଙ୍କ ମାରାତ୍ମକ ବୋଲିଂ ବୋଲି କୁହାଯାଇପାରେ। 'ଡ୍ରାମା ଆଟ୍ ଦି ସି ସୋର୍'ରେ ତାଙ୍କର ଜୀବନୀ ଲେଖକ ଲୁଇ ଫିସର ଲେଖିଛନ୍ତି ଯେ, ଭାରତ ପ୍ରତିବାଦ କଲାନି କି ମୁଣ୍ଡ ନୁଆଁଇଲା ନାହିଁ। ସତ୍ୟାଗ୍ରହୀମାନେ ବ୍ରିଟିଶ ସରକାରର ବନ୍ଧୁକ ପ୍ରହାରକୁ ଖାତିର ନ କରି ଆଇନ ଅମାନ୍ୟ କଲେ। ନେତାଜୀ ଏହାକୁ ନେପୋଲିଅନଙ୍କ ଏଲ୍‌ବାଠାରୁ ପ୍ୟାରିସ ଯାତ୍ରା ସଙ୍ଗେ ତୁଳନା କରିଛନ୍ତି। ଲବଣ ସତ୍ୟାଗ୍ରହକୁ ଜାତିର ପିତାଙ୍କ 'ସ୍ପିନ୍ ବୋଲିଂ' କୁହାଯାଇପାରେ। ଏଥର ତାଙ୍କର ଫିଲ୍ଡିଂ ବିଷୟ ବିଚାର କରାଯାଉ। କଲିକତା ଦଙ୍ଗାକୁ ଦମନ କରିବା ପାଇଁ ସେ ଆମରଣ ଅନଶନ କରିଥିଲେ। ଗାନ୍ଧୀ ଯେତେବେଳେ ଆମରଣ ଅନଶନ କରନ୍ତି, ସାରା ବ୍ରିଟିଶ ସାମ୍ରାଜ୍ୟ ଥରହର ହୁଏ। 'ଫ୍ରିଡମ୍ ଆଟ୍ ମିଡ୍‌ନାଇଟ' ପୁସ୍ତକରେ ଲାପିୟର ଓ କଲିନ୍‌ସ ଲେଖିଛନ୍ତି, ହି ଅମ୍ବଲ୍‌ଡ ଗ୍ରେଟ୍ ବ୍ରିଟେନ ବାଇ ସିପିଂ ୱାଟର ଆଣ୍ଡ୍ ବାଇକାର୍ବୋନେଟ ଅଫ ସୋଡ଼ା'' ତା' ଅର୍ଥ ଲୁଣ ଓ ଲେମ୍ବୁପାଣି ପିଇ ସେ ପ୍ରବଳପ୍ରତାପୀ ବ୍ରିଟିଶ ସରକାରକୁ ପାଣି ପିଆଇ ଦେଇଥିଲେ। ନିଜ ଜୀବନକୁ ବାଜି ଲଗେଇ ସେ ନୂଆଖାଲିରେ ସାମ୍ପ୍ରଦାୟିକ ଦଙ୍ଗା ଦମନ ପାଇଁ ଚେଷ୍ଟା କରିଥିଲେ। କବିଗୁରୁ ରବୀନ୍ଦ୍ର ନାଥ ତାଙ୍କୁ ଯିଶୁଖ୍ରୀଷ୍ଟ ଓ ବୁଦ୍ଧଙ୍କ ସଙ୍ଗେ ତୁଳନା କରିଛନ୍ତି। ଜୀବନର ସବୁ ଅବସ୍ଥାରେ ସେ ଜଣେ ସାଧାରଣ ମଣିଷ ଭଳି ଚଳୁଥିଲେ; କିନ୍ତୁ ଅସାଧାରଣ ଚିନ୍ତା ଯୋଗୁ ଆମେ ସଂସାର ଜାଲରେ ଛନ୍ଦି ହୋଇପଡୁଛୁ। ଜାତିର ପିତାଙ୍କ ବାଣୀ ସବ୍‌କୋ ସନମତି ଦେ ଭଗବାନ୍- ଆମ ହୃଦୟରେ ପୁଣିଥରେ ପ୍ରତିଧ୍ୱନିତ ହେଉ।

**୫୬, ଆଇଆର୍‌ସି ଭିଲେଜ,**
**ଭିଆଇପି ଏରିଆ, ଭୁବନେଶ୍ୱର**
**ମୋ: ୯୪୩୭୨୫୮୯୩୬**

## ଏଇ ଭାରତରେ

ଚିକିତ୍ସା କ୍ଷେତ୍ରରେ ଡ୍ରୋନ୍ ସେବା ଦିଗରେ ବିକ୍ରମ ସିଂଙ୍କ ଯୋଗଦାନ ନିଶ୍ଚିତ ଭାବେ ପ୍ରଶଂସନୀୟ। ସେ ଆଇଆଇଟି, କାନପୁରରୁ କେମିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ତୃତୀୟ ବର୍ଷ ଛାତ୍ର ଥିବା ସମୟରେ ବିକ୍ରମ ୨୦୧୫ରେ ଗୁରୁଗ୍ରାମରେ 'ଟେକ୍‌ଇଗଲ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଥିଲେ। ଏହା ମାଧ୍ୟମରେ ୨୦୧୮ରେ ପ୍ରଥମ ଡ୍ରୋନ୍ ନିର୍ମାଣ କରାଯାଇ ଲକ୍ଷ୍ନୌର ଏକ ଫୁଡ୍ ଡେଲିଭରି ଷ୍ଟାର୍ଟଅପ୍‌ରେ ତାହାର ଟ୍ରାଏଲ ହୋଇଥିଲା। ପରେ ବହୁ ଗବେଷଣାକୁ ଆଧାରକରି ଏକ ହାଇବ୍ରିଡ୍ ଡ୍ରୋନ୍ ବିକାଶ କରିଛନ୍ତି ବିକ୍ରମ। ଉକ୍ତ ଡ୍ରୋନ୍ ପ୍ରତିକୂଳ ପରିସ୍ଥିତିରେ ଦୁର୍ଗମ ଅଞ୍ଚଳରେ ମେଡିସିନ ଓ ଭାକ୍ସିନ ଯୋଗାଇପାରୁଛି। ହିମାଚଳ ପ୍ରଦେଶର ତ୍ରିଥାନ୍ ଭାଲିରେ ଏହାର ଔଷଧ ଯୋଗଇବା ଦକ୍ଷତାକୁ ପ୍ରଦର୍ଶିତ କରାଯାଇଛି। ମାଇନସ୍ ୫ ଡିଗ୍ରୀ ସେଲସିୟସ ଓ ପବନର ବେଗ ଘଣ୍ଟା ପ୍ରତି ୨୫ କି.ମି. ଥିବା ସମୟରେ ମଧ୍ୟ ଏହା ଠିକ୍ ଭାବେ ଠିକଣା ସ୍ଥାନରେ ଔଷଧ ପହଞ୍ଚାଉଛି। ଉକ୍ତ ଡ୍ରୋନ୍ ୩ କେ.ଜି. ଔଷଧ ନେଇ ଘଣ୍ଟା ପ୍ରତି ୧୨୦ କି.ମି. ବେଗରେ ୧୦୦ କି.ମି. ଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଏପ୍ରିଲ ୧୯୯୭**

- ରାଷ୍ଟ୍ରପତିଙ୍କ ଇଚ୍ଛାଧୀନ କ୍ଷମତାକୁ ରଦ୍ଦ କରିବା ସକାଶେ ପାକିସ୍ତାନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ସଂଶୋଧନ ବିଲ୍‌ରେ ରାଷ୍ଟ୍ରପତି ଫାରୁକ୍ ଅହମ୍ମଦ ଲେଘାରୀ ସ୍ୱାକ୍ଷର କରିଛନ୍ତି।
- ବ୍ୟାଙ୍କ ଅଫ୍ କ୍ରେଡିଟ୍ ଆଣ୍ଡ କମର୍ସ ଇଣ୍ଟରନ୍ୟାଶନାଲ (ବିସିସିଆଇ)ର ଋଣ ଦୁର୍ନୀତି ସହ ଜଡ଼ିତ ଥିବା ଅଭିଯୋଗରେ ଲଣ୍ଡନର ସେଣ୍ଟ୍ରାଲ କ୍ରିମିନାଲ କୋର୍ଟ ଆବାସ ଗୋକାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।
- ପୂର୍ବତନ ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କ ପୁତ୍ର ଅନୀଲ କୁମାର ଏବଂ ବିଧାୟକ ମହୀନ୍ଦର ସିଂ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କୃତ।

## ଚିରନ୍ତନୀ

ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
-(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଏନ୍‌ଓସିରେ ବୋରିଂ

ମହାଶୟ,

ଯିଏ ଯେଉଁଠି ପାରୁଛି ଖୋଳି ପାଣି ବାହାର କରୁଛି। କେତେ କଢ଼ାହେଉଛି ତାହାର ହିସାବ କାହାରିକୁ ଦିଆଯାଉନାହିଁ। ଏହିଭଳି ଖନନ ଯୋଗୁ ସହରରେ ଭୂତଳ ଜଳସ୍ତର ଶୋଚନୀୟ ସ୍ଥିତିରେ ପହଞ୍ଚିଛି। ସମାଧାନ ଲାଗି ସଂଶ୍ଲିଷ୍ଟ କର୍ତ୍ତୃପକ୍ଷଙ୍କ ପାଖରେ ସମୟ, ମାନବସମ୍ବଳ କି ସାଧନ ନାହିଁ। ଫଳରେ ଆଗକୁ ସହରରେ ଉତ୍କଟ ଜଳସମସ୍ୟା ଉପୁଜିବା ଆଶଙ୍କା ଦେଖାଦେଇଛି। କଟକ ଭୂତଳ ଜଳସ୍ତରର ଆକାର ପରିମାଣ ସମ୍ପର୍କରେ କୌଣସି ଠିକ୍ ରେକର୍ଡ ନାହିଁ। ବୋରିଂ କରି ୧୦୦ କ୍ୟୁବିକ୍ ମିଟରର ଅଧିକ ମାତ୍ରାରେ ଭୂତଳ ଜଳ ନିଷ୍କାସନ ପାଇଁ ବୋର୍ଡର ଅନୁମତି ନିଆଯିବା କଥା। ଏହି ପରିମାଣରୁ କମ୍ ନିଷ୍କାସନ କଲେ ମଧ୍ୟ ଏନ୍‌ଓସି ନିଆଯିବା ଆବଶ୍ୟକ। ହେଲେ ବିଲ୍ଡରମାନେ ଆପାର୍ଟମେଣ୍ଟ ଓ ଅନ୍ୟ ବଡ଼ ପ୍ରତିଷ୍ଠାନ ନିର୍ମାଣ ପାଇଁ ବୋର୍ଡର ଅନୁମତି ନେଉନାହାନ୍ତି। ତେଣୁ କେଉଁ ସ୍ଥାନରେ ଜଳସ୍ତର କେତେ କମୁଛି ତାହା ଉପଯୁକ୍ତଭାବେ ଆକଳନ ହୋଇପାରୁନାହିଁ। ଯଦିଓ ପରିବେଶ ସୁରକ୍ଷା ଅଧିନିୟମ ଅନୁଯାୟୀ ନିୟମ ଖିଲାପକାରୀଙ୍କ ପାଇଁ ଜରିମାନା ଓ ଅନ୍ୟ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡର ଯଥେଷ୍ଟ କର୍ମଚାରୀ ନାହାନ୍ତି। ଏହାର ସୁଯୋଗ ନେଇ ବିଲ୍ଡରମାନେ ମନଇଚ୍ଛା ଭୂତଳ ଜଳକୁ ବରବାଦ କରିଚାଲିଛନ୍ତି। ସହରରେ ନିର୍ମିତ ଓ ନିର୍ମାଣ ହେଉଥିବା ଅନ୍ୟ ସବୁ ଶହ ଶହ ଆପାର୍ଟମେଣ୍ଟ, ବ୍ୟବସାୟିକ ବିଲ୍ଡିଂ ବେନିୟମ ଭାବେ ମାଟିଖୋଳି ପାଣି ଶୋଷୁଛନ୍ତି। ଅନିୟନ୍ତ୍ରିତ ନିଷ୍କାସନ ସାଙ୍ଗକୁ କେତେକ ସ୍ଥାନରେ ମଧ୍ୟ ଅବିଚାରିତ ଭାବେ ଆପାର୍ଟମେଣ୍ଟଗୁଡ଼ିକରେ ବ୍ୟବହୃତ ଅପରିଷ୍କାର ପାଣି ଭୂତଳକୁ ଛଡ଼ାଯାଉଛି। ଏହାଯୋଗୁ ଭୂତଳ ଜଳ ପ୍ରଦୂଷିତ ହେଉଛି। ସହରରେ ଭୂତଳ ଜଳସ୍ତର ଏଯାଏଁ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚି ନ ଥିଲେ ମଧ୍ୟ ଅନିୟନ୍ତ୍ରିତ ଜଳ ନିଷ୍କାସନ ବିପଦକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି। ଏଭଳି ସମ୍ଭାବନାକୁ ପ୍ରତିହତ କରିବା ପାଇଁ ସିଡିଏ ଓ ବିଡିଏ ଭୂତଳ ଜଳ ନିଷ୍କାସନ ଲାଗି ଅନୁମତି ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଇବା ଆବଶ୍ୟକ।

**-ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 8 | | | |
| | 9 | | 1 | | | | 3 | |
| | 2 | | 4 | | | | | |
| | | 9 | | | | 7 | | 3 |
| | | 1 | | | 4 | 2 | | |
| 3 | 8 | | | | 5 | | | |
| 9 | | 7 | | | 6 | | | 1 |
| | 4 | | | | | | | |
| | | 5 | | 9 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 3 | 7 | 8 | 2 | 1 | 6 |
| 1 | 6 | 2 | 4 | 9 | 5 | 3 | 8 | 7 |
| 7 | 8 | 3 | 6 | 2 | 1 | 5 | 9 | 4 |
| 9 | 3 | 6 | 2 | 1 | 4 | 7 | 5 | 8 |
| 5 | 2 | 1 | 8 | 3 | 7 | 6 | 4 | 9 |
| 8 | 7 | 4 | 9 | 5 | 6 | 1 | 3 | 2 |
| 6 | 1 | 8 | 5 | 4 | 2 | 9 | 7 | 3 |
| 2 | 9 | 5 | 7 | 8 | 3 | 4 | 6 | 1 |
| 3 | 4 | 7 | 1 | 6 | 9 | 8 | 2 | 5 |

ଗତକାଲିର ଉତ୍ତର

# ତେଲ ନାଁରେ ଜନଧନ ଲୁଟ୍ ଯୋଜନା: ରାହୁଲ

ନୂଆଦିଲ୍ଲୀ,୪।୪(ପି.ଟି.)

ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର ବୃଦ୍ଧିକୁ ନେଇ ସୋମବାର କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଛି। କ୍ରମାଗତ ଭାବେ ତେଲ ଦର ବଢ଼ିଚାଲିଥିବାରୁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାକୁ 'ପ୍ରଧାନମନ୍ତ୍ରୀ ଜନଧନ ଲୁଟ୍ ଯୋଜନା' ବୋଲି କହିଛନ୍ତି। ରାହୁଲ୍ ୨୦୧୪ ଏବଂ ବର୍ତ୍ତମାନର ତୈଳ ଦରର ଏକ ତୁଳନାତ୍ମକ ଗ୍ରାଫ୍ ଟୁଇଟରରେ ଶେୟାର କରିଛନ୍ତି। କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, ମୋଦି ସରକାରରେ ପ୍ରତିଦିନ ସକାଳେ ଲୋକଙ୍କ ପାଇଁ ଦରବୃଦ୍ଧିର ଦୁଃଖଦ ଖବର ଆସୁଛି। ସୋମବାର ସକାଳେ ପେଟ୍ରୋଲ, ଡିଜେଲ ଦର ୪୦ ପଇସା ବୃଦ୍ଧି କରାଯାଇଛି। ସିଏନ୍‌ଜି ଦର କିଲୋଗ୍ରାମ ପ୍ରତି ୨ ଟଙ୍କା ୫୦ ପଇସା ବଢ଼ିଛି। ଦୁଇ ସପ୍ତାହ ମଧ୍ୟରେ ପେଟ୍ରୋଲ ଡିଜେଲ ଦର ଲିଟର ପ୍ରତି ୮ ଟଙ୍କା ୪୦ ପଇସା ବଢ଼ିଲାଣି। ଭୋଟ ଫର୍ ଭାଜପା ଅର୍ଥ ମୁଦ୍ରାସ୍ଫୀତି ପାଇଁ ଜନାଦେଶ ବୋଲି ସୁର୍ଜେୱାଲା କହିଛନ୍ତି।

ତେଲ ଦର ବୃଦ୍ଧିକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଗତ ଗୁରୁବାର ଦିଲ୍ଲୀର ବିଜୟ ଚୌକଠାରେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦରକୁ ନିୟନ୍ତ୍ରଣରେ ରଖିବା ଲାଗି କଂଗ୍ରେସ ନେତାମାନେ ଆହ୍ୱାନ ଦେଇଥିଲେ। ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତେଲ ଦର କିଛିଦିନ ସ୍ଥିର ରହିବା ପରେ ଦୁଇ ସପ୍ତାହ ହେଲା କ୍ରମାଗତ ଭାବେ ବଢ଼ିଚାଲିଛି। ସରକାର ସାଧାରଣ ଜନତାଙ୍କ ସମସ୍ୟାକୁ ବୁଝୁନାହାନ୍ତି। ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର କରିନେବା ଲାଗି କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଦାବି କରିଥିଲେ।


ରାହୁଲ ଗାନ୍ଧୀ

# ୭ରେ ୧୦୫ ପୌର ଉପାଧ୍ୟକ୍ଷ ଭୋଟ

## ଡେପୁଟି ମେୟର ନିର୍ବାଚନ

### ୭ରେ ସିଏମ୍‌ସି, ୮ରେ ବିଇଏମ୍‌ସି, ୯ରେ ବିଏମ୍‌ସି ଭୋଟ

ଭୁବନେଶ୍ୱର,୪।୪(ବ୍ୟୁରୋ)

୧୦୫ ପୌରସଂସ୍ଥାର ଉପାଧ୍ୟକ୍ଷ ଓ ୩ ମହାନଗର ନିଗମର ଡେପୁଟି ମେୟର ପଦବୀ ନିମନ୍ତେ ଚଳିତ ମାସ ୭ ତାରିଖରେ ପରୋକ୍ଷ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ସୋମବାର ଏ ସମ୍ପର୍କରେ ସବୁ ଜିଲାପାଳ ଓ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ସରକାରଙ୍କ ନୂତନ ନିୟମ ଅନୁସାରେ ପୌରସଂସ୍ଥା ଉପାଧ୍ୟକ୍ଷ ଓ ମହାନଗର ନିଗମର ଡେପୁଟି ମେୟର ପଦବୀ ନିର୍ବାଚନ ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ସେମାନଙ୍କ ଜଣେ ପ୍ରାଧିକୃତ ପ୍ରତିନିଧିଙ୍କୁ ନିଯୁକ୍ତ କରିବେ।

ସମ୍ପୃକ୍ତ ଦଳର ସଭ୍ୟମାନେ ଉପାଧ୍ୟକ୍ଷ/ଡେପୁଟି ମେୟର ନିର୍ବାଚନରେ ଭୋଟଦେଇ ସେହି ଦଳର ପ୍ରାଧିକୃତ ପ୍ରତିନିଧିଙ୍କୁ ଦେଖାଇ ଭୋଟ ବାକ୍ସରେ ପକାଇବେ। ପୌରସଂସ୍ଥାର ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ସୂଚୀ ମଧ୍ୟ ପ୍ରକାଶ ପାଇଛି। ୭ ତାରିଖ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ। ସେହିଦିନ ୧୧ଟାରୁ ୧୨ଟା ମଧ୍ୟାହ୍ନ ସୁଦ୍ଧା ନାମାଙ୍କନ ପତ୍ର ଯାଞ୍ଚ ଏବଂ ଦିନ ୧ଟା ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ସେହିଦିନ ୧.୩୦ମି.ରୁ ୩.୩୦ ମି. ଭୋଟ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ମତଦାନ ଚାଲିବ। ମତଦାନ ପରେ ସେହିଦିନ ଭୋଟଗଣତି ଏବଂ ଏହାପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି। ତିନୋଟି ମହାନଗର ନିଗମର ଡେପୁଟି ମେୟର ପଦବୀ ନିମନ୍ତେ ଆସନ୍ତା ୭, ୮ ଓ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। କଟକ ମହାନଗର ନିଗମ(ସିଏମ୍‌ସି) ଡେପୁଟି ମେୟର ନିର୍ବାଚନ ୭, ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)ପାଇଁ ୮ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଡେପୁଟି ମେୟର ନିର୍ବାଚନ ୯ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ମ୍ୟୁନିସିପାଲିଟି ପ୍ରଶାସନର ନିର୍ଦ୍ଦେଶକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଡେପୁଟି ମେୟର ଭୋଟ୍ ପାଇଁ ମଧ୍ୟ ନିର୍ବାଚନ ସୂଚୀ ପ୍ରକାଶ କରାଯାଇଛି। ନିର୍ବାଚନ ଦିନ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ,୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ଦିନ ୧ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ୧.୩୦ମି.ରୁ ମତଦାନ ହେବ। ଏହାପରେ ଭୋଟଗଣତି ସହିତ ସେହିଦିନ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।

# ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ କାର୍ଯ୍ୟ ନେଇ ବର୍ଷିଲା ଭାଜପା

ଭୁବନେଶ୍ୱର,୪।୪(ବ୍ୟୁରୋ)

- ଫେବୃୟାରୀ ୫ରୁ କାମ ବନ୍ଦ ଲାଗି ରହିଛି ନିର୍ଦ୍ଦେଶ: ଅପରାଜିତା
- ମୁଖ୍ୟମନ୍ତ୍ରୀ କାମର ସମୀକ୍ଷା କରନ୍ତୁ: ବିଜୟ

ଶ୍ରୀମନ୍ଦିରର ୧୦୦ ମିଟର ଭିତରେ ନିର୍ମାଣ ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି। ଅନ୍ୟପଟେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ମଧ୍ୟ ସରକାରଙ୍କ ଆଡକୁ ଅଙ୍ଗୁଳି ଉଠାଇଛନ୍ତି। ତେବେ ବିଜେଡି ନେତାଙ୍କ ପ୍ରତିକ୍ରିୟା ଏହା ଉପରେ ମିଳି ନ ଥିବାବେଳେ ମୁଖ୍ୟ ଶାସନ ସଚିବ କିନ୍ତୁ ଶ୍ରୀମନ୍ଦିର ରୋଷଘର ଚୁଲି ଭାଙ୍ଗିବା ସମସ୍ୟା ବୁଲି ଦେଖିବା ସହ ଐତିହ୍ୟ କରିଡର କଥା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଅପରାଜିତା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଏଏସଆଇର ଚିଠିରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ କାମ ବନ୍ଦ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଉକ୍ତ ଚିଠି ଗତ ଫେବୃୟାରୀ ୫ରୁ ଲେଖା ଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ କାର୍ଯ୍ୟ ବନ୍ଦ ହୋଇନାହିଁ ବୋଲି ସେ କହିଥିଲେ।

ବରିଷ୍ଠ ନେତା ବିଜୟ ମହାପାତ୍ର ସୋମବାର ଗଣମାଧ୍ୟମକୁ କହିଛନ୍ତି, ମନ୍ଦିର ଓ ଜିଲା ପ୍ରଶାସନ ୩ ଦିନ ଆଗରୁ ରୋଷ ଘରେ ବିଭ୍ରାଟ କଥା ଜାଣିଥିଲା। ଏହାସତ୍ତ୍ୱେ ଏଭଳି ଘଟଣା ଘଟିଲା। ସେଥିଲାଗି ଜିଲା ଓ ମନ୍ଦିର ପ୍ରଶାସନ ଦାୟୀ। ସେମାନଙ୍କ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। କାହାକୁ ସୁରକ୍ଷା ଦିଆଯିବା ଉଚିତ ନୁହେଁ। ଜଣେ ଏସ୍‌ପି ପଦବୀର ଅଫିସର୍ ସୁରକ୍ଷା ଦାୟିତ୍ୱରେ ରହିବା କଥା। କିନ୍ତୁ କେହି ନାହାନ୍ତି ଏବଂ ଘଟଣାଦିନ କୌଣସି ସୁରକ୍ଷା ଅଧିକାରୀ ନ ଥିଲେ। ଶ୍ରୀମନ୍ଦିର ସୁରକ୍ଷା ନେଇ ଗତ ୨୦୧୯ ନଭେମ୍ବର ୪ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ୪ଟି କ୍ଷେତ୍ରରେ ଅବମାନନା କରିଛନ୍ତି। ଏହାସହ ଶ୍ରୀମନ୍ଦିର ଚାରିପାଖରେ ବିକାଶ ପାଇଁ ସେହି କାମ କରିହେବ ଯେଉଁଥିରେ କୌଣସି ଆପତ୍ତି ନ ଥିବ। ଟେମ୍ପଲ ଫଣ୍ଡର ଅଡିଟ ସିଏଜିଙ୍କ ଦ୍ୱାରା ହେଉନାହିଁ। ତେଣୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ଆର୍ଥିକ ସ୍ୱାର୍ଥ ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ବାବୁମାନେ ଏଭଳି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏହା ଉପରେ ସମୀକ୍ଷା ବୈଠକ କରିବା ଦରକାର। ପାର୍ଲାମେଣ୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଠିବା ପରେ ମଧ୍ୟ ଏଏସ୍‌ଆଇ ଓ ଏନ୍‌ଏମଏ ଚୁପ ରହିଛନ୍ତି। ଏଥିରୁ ସେମାନଙ୍କ ଅବହେଳା କଥା ଜଣାପଡୁଛି। ଏଏସ୍‌ଆଇ ମଧ୍ୟ କୌଣସି ଏକ୍ସପର୍ଟ ଟିମ୍ ନ ପଠାଇବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି। ଯେହେତୁ ବେଆଇନ କାମ ହୋଇଥିଲା ତେଣୁ ଏବେ ଖୋଳାଯାଇଥିବା ଗାତରେ ବାଲି ଭର୍ତ୍ତି ଚାଲିଛି। ଏଏସ୍‌ଆଇ ଏବଂ ଏନଏମଏ ଟିମ୍ ତୁରନ୍ତ ପଠାଇବାକୁ ବିଜୟ କହିଛନ୍ତି।

# ଉପାଧ୍ୟକ୍ଷ ପଦ ପାଇଁ ଘୋଡାବେପାର: ସୁର

**ଭୁବନେଶ୍ୱର,୪।୪ (ବ୍ୟୁରୋ):** ଆସନ୍ତା ୭ ତାରିଖରେ ୧୦୫ଟି ପୌରପରିଷଦ ଓ ଏନ୍‌ଏସିର ଉପାଧ୍ୟକ୍ଷ ପଦ ପାଇଁ ପରୋକ୍ଷ ନିର୍ବାଚନ ହେବ। ଏଥିପାଇଁ ଏବେଠୁ ଘୋଡ଼ା ବେପାର ଆରମ୍ଭ ହେଲାଣି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ ଆଣିଛନ୍ତି। ନିର୍ବାଚନ ପୂର୍ବରୁ ଶାସକ ଦଳ ଅର୍ଥ ବଳ ଦେଖାଇ ଯେଉଁଭଳି ଜନମତକୁ ପ୍ରଭାବିତ କରିଥିଲେ ଏବେ ସେହିଭଳି ପରୋକ୍ଷ ନିର୍ବାଚନକୁ ଅକ୍ତିଆର କରିବାକୁ ଉଦ୍ୟମ ଚାଲିଛି। ସମଗ୍ର ରାଜ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀମାନେ ନିୟନ୍ତ୍ରଣ କରିଛନ୍ତି।ଜଟଣୀ ପୌର ନିର୍ବାଚନରେ ବିଜୟୀ ସ୍ୱାଧୀନ କାଉନ୍‌ସିଲରମାନେ ବିଜେଡିରେ ଯୋଗଦେଇ ସାରିଲେଣି। ଆଉ କୌଣସି ବିରୋଧୀ ଦଳ ରହୁ ବୋଲି ବିଜେଡି ଚାହୁଁନି ବୋଲି ସୁର ଅଭିଯୋଗ କରିଛନ୍ତି।


**BLOCK DEVELOPMENT OFFICE LAKHANPUR**

**TENDER CALL NOTICE**

**No.1256,** **Date:04.04.2022**

**No.i-02:**The Block Development Officer, Lakhanpur invites percentage rate basis Tender for 1.Construction of 1 no of MS Gruha at Palsada. 2. Construction of 4 nos. Public Utility facilities at GP areas. 3. Completion of Kalyan Mandap at Dumerdhipa. 4. Const. of BT road from Banji field to Banjari via Govt SSD High School. 5. Const. of 2 nos of Addl Class room at Dhulunda Upper Primary School under Lakhanpur Block. The sale of bid documents starts from Dt.05.04.2022 to Dt.20.04.2022 during the office hour and receipt of the bid documents starts from Dt.05.04.2022 to Dt.21.04.2022 upto 1.00 P.M. on all working days in the office of the Block Development Officer, Lakhanpur. The bid will be opened on Dt 22.04.2022 at 08.30 A.M. Intending Class-D,Class-C, Class-B or Class- A contractors may visit district website of Jharsuguda www.jharsuguda.nic.in for detail information.

**Sd./-Block Development Officer, Lakhanpur**
**OIPR-19143/11/0001/2223**

**ODISHA STATE HOUSING BOARD**
**SACHIVALAYA MARG, BHUBANESWAR - 751001**
**Phones EPABX: (0674) 2393524, 2390141, 2391542, 2393277,**
**FAX: (0674) 2393952 Visit us at: http://www.oshb.org**

**No.106/OSHB File- EB-I-58/2022** **Dated.04.04.2022**

**BID IDENTIFICATION NO - 01 /CE/OSHB/2022-23**

**E-procurement notice for online bidding**
**Chief Engineer, OSHB invites online bids as per the following schedule**

**No.CAD-28:**

| Sl. No. | Name of the Work | Value of the Work (Rs. Lakh) | Concerned T.I.A. | Security Amount (Online) | Cost of Bid Document (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | **Scheme for Developed Housing Plots at Jagannathprasad, Bhubaneswar** | 476.94 | Chief Engineer, OSHB | 477000/- | 10000+ GST (18%) = 11800 | 'A' Class and equivalent | 18 (Eighteen) Calendar Months |

1. Other details

| Procurement Officer | Bid Identification No. | Availability of Bids for online bidding | |
|---|---|---|---|
| Chief Engineer, OSHB, Bhubaneswar | 01/ CE/OSHB/2022-23 | From Dt.08.04.2022 at 13.00 Hrs. | To Dt.28.04.2022 upto 15.00 Hrs. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 Hrs. on Dt.29.04.2022.

Further details can be seen from the website **www.tendersodisha.gov.in.** Any Corrigendum /addendum shall be published in the website **www.tendersodisha.gov.in** only.

**Sd./- Chief Engineer**
**OIPR-13030/11/0004/2223**

**[GOVERNMENT OF ODISHA]**
**OFFICE OF THE EXECUTIVE ENGINEER**
**BARGARH (R&B) DIVISION, BARGARH**
**E-mail - eepwdbgh@gmail.com** **Phone/Fax-06646-234819**
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-EE PWD BGH No.01 OF 2022-23**
**No. 1741, Dated,02.04.2022**

**No.B-11:**1)The Executive Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Double Cover System in ONLINE MODE for the Building work as detailed in the Detailed Tender Call Notice (D.T.C.N) from the eligible class of contractors.
2) No. of Building work: -7 Nos.
3) Cost of Tender Paper:-Rs.6,000/- & Rs.10,000/-
4) Class of contractor:- "A" & "B" Contractor
5) Date & Time of available in website & receipt of Bids: - 11:00 Hrs. of 05.04.2022 to 17:00 Hrs. of 16.04.2022.
6) Date of opening of Technical Bid: - 18.04.2022 at 11:30 Hrs.
7)The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8)Any corrigendum / Addendum will be displayed in the website https://tendersodisha.gov.in only.

**Executive Engineer, Bargarh (R&B) Division**
**OIPR-34039/11/0001/2223**

**No.CAD-15:** idco ODISHA Your power to grow NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO,**
**IDCO TOWERS, JANPATH, BHUBANESWAR- 751022**
**Tender Call Notice No. IDCO/H.O./P&C/ EST/E-1556/04/2020/7617, Dt.:31.03.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of new B.T. Road at Giringaput Industrial Area, Khurda, Odisha.
2. Estimated Cost : Rs.37.96 Lakh (Approx.)
3. Other details :

| Procurement Officer | Bid ID/Tender reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/ E-75/ 2021-22 | 08.04.2022 at 17.00 Hrs. | 20.04.2022 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in. and www.idco.in.**

**Sd./-Chief General Manager (P&C), IDCO, Bhubaneswar**
**OIPR-14003/11/0001/2223**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
**E-mail ID: cebuildings_orissa@yahoo.co.in, cebuildings@rediffmail.com**
**Tel.(0674) 2391523**
**File No.B-II-GA-(SP)-1/2019 Lr.No.13737 Dt.2nd Apr.2022**
**Invitation for Bids**
**No.B-12: Bid Identification No.OSD C.E. (B)-01/2022-23**

| | | | |
|---|---|---|---|
| 1 | The OSD- Chief Engineer (Buildings) Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work 'Construction of a new building in premises of office building of OPSC in the District of Cuttack" amounting to Rs.12,50,73,408/-(Approximate) as detailed below. | | |
| 2 | Nature of Work | : | Building Work |
| 3 | No. of Work | : | 01 No. |
| 4 | Bid Cost | : | Rs.10,000/- |
| 5 | Class of Contractor | : | Special/Super Class |
| 6 | Availability of Bid documents in the website | : | From dt.11.04.2022 to 17.00 hours of Dt.26.04.2022 |
| 7 | Date of Opening of Bid | : | Dt.27.04.2022 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only | | |

**Sd./- OSD Chief Engineer (Buildings)**
**Odisha, Bhubaneswar**
**OIPR-34117/11/0001/2223**

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF**
**ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING, BHUBANESWAR-751001**
**Email-secyelbo@nic.in | Phone-0674-2394572**

**INDICATIVE ADVERTISEMENT FOR S.C.C. (MV, HT & MINING) EXAMINATION-2022**

No. 118 dtd. 25.03.2022

No.AA-19:- Indicative advertisement inviting **ONLINE** application for **SCC (MV, HT & Mining) Examination-2022** as per the ELBO Regulation Odisha, 2014.

**IMPORTANT**

1. Online application form will be available from **30.03.2022 till 29.04.2022 (up to 11.59 PM)** in EIC (Electricity)-cum-PCEI, Odisha website.
2. Applications will be received **ONLINE** only through the EIC (Electricity)-cum-PCEI, Odisha website: eicelectricityodisha.nic.in
3. No printed copy of application is required to be sent to the ELBO Office. 4. Candidates must ensure their eligibility before applying. 5. Candidates need to upload scanned copy of required documents during the online application process.
6. Candidates meeting the eligibility requirements only shall be shortlisted for appearing the examination.
7. No individual admit card will be sent to candidates by Post for appearing the Examination.
8. The shortlisted candidates shall be intimated by SMS and have to download the admit card from EIC (Electricity)-cum-PCEI, Odisha website for appearing written examination. If a candidate qualifies the written examination, he / she shall be intimated through SMS to appear for Viva-Voce. However, candidates are advised to regularly visit the website eicelectricityodisha.nic.in as sometimes SMS may not be delivered to the recipient due to network and other technical issues.
9. These candidates shall have to furnish the original documents for verification on the date of the oral test.
10. In case of any discrepancy between the documents uploaded (with the online application) and the original documents submitted for verification found at any stage, the applicant shall be disqualified, for grant of SCC, even if he/she has passed the written examination.
11. Online applications incomplete in any shape shall be rejected.
12. **For detailed advertisement visit the website: eicelectricityodisha.nic.in**

**EXAMINATION FEES of Rs.500/- for SCC (MV, HT & Mining) Examination-2022** is to be remitted online through Odisha Treasury Portal (e-challan) by selecting office: "SE-cum-Secretary, ELBO, Bhubaneswar", Payment type: "05-Licensing" i.e. Head of Account: "0043-00-102-0034-01001-000", In case of SC & ST applicants, the examination fees shall be **Rs.250/-** subject to furnishing self-attested copy of the caste certificate issued by **Tehsildar/Additional Tehsildar.**

**NOTE: This advertisement is indicative in nature and provisional. The candidates are advised to go through the detailed advertisement available in the official website of the EIC (ELECTRICITY)-CUM-PCEI, ODISHA WEBSITE:- eicelectricityodisha.nic.in.**

EIC (ELECTRICITY)-CUM-PCEI, Odisha reserves the right to reject any application at any stage or cancel the examination at any stage without assigning any reason thereof.

**By the order of Chairman, ELBO**
**Sd./- SE-cum-Secretary, ELBO**
**Bhubaneswar**

OIPR-04009/11/0002/2122

**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

No. PP-01: ୨୦୨୨-୨୩ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ **ତା୩୦।୦୪।୨୦୨୨** ସୁଦ୍ଧା Online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧. | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P.) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାରପ୍ରାପ୍ତ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ରାଜ୍ୟ ନମୁନା ପୁରସ୍କାରପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/-। ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ - ୬ମାସ ଓ ଗ୍ରୁପ B ହସ୍ତଶିଳ୍ପ - ୪ମାସ। |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empanelled MCM)ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇ ନ ଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ: ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/-। ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ - ୧୨ମାସ ଓ ଗ୍ରୁପ B ହସ୍ତଶିଳ୍ପ - ୬ମାସ। |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft Village Programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ। ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। କାରିଗରମାନଙ୍କ ବୟସ ସୀମା ୧୮ରୁ ୫୦ବର୍ଷ। ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/-। ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ - ୧୨ମାସ ଓ ଗ୍ରୁପ B ହସ୍ତଶିଳ୍ପ - ୬ମାସ। |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed-cum-Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା/ ବାର୍ଷିକ ଆୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇ ନ ଥିବା କାରିଗର ଦରଖାସ୍ତ କରିପାରିବେ। ଆଦିବାସୀ/ହରିଜନ/ମହିଳା/ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାର ପ୍ରଦାନ। ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ବର୍ଷ ଧରି କାର୍ଯ୍ୟରତ ଥିବେ। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଏ ବିଷୟରେ ପ୍ରମାଣ ପତ୍ର ପ୍ରଦାନ କରିବେ। |
| ୩. | ଶିଳ୍ପୀ ଉନ୍ନତି ଯୋଜନା (S.U.Y) | ୧୮ରୁ ୬୦ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/-ଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଡୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। |

ବି.ଦ୍ର.: ଗ୍ରୁପ A ହସ୍ତଶିଳ୍ପ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଡୋକ୍ରା କାମ ଏବଂ କଂସା ଓ ପିତ୍ତଳ କାମ। ଗ୍ରୁପ୍ B ହସ୍ତଶିଳ୍ପ - ଅନୁମୋଦିତ ଅନ୍ୟାନ୍ୟ ୪୪ଗୋଟି ହସ୍ତଶିଳ୍ପ।

ଉପରୋକ୍ତ ସମସ୍ତ ଯୋଜନା ଗୁଡ଼ିକର ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତା ପାଇଁ Online ମାଧ୍ୟମରେ **https://crafts.odisha.gov.in/**ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରି ତା୩୦।୦୪।୨୦୨୨ ସୁଦ୍ଧା ଆବେଦନ କରିପାରିବେ। ଆବଶ୍ୟକସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

Help Desk Support: 7847965018 (ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫.୩୦ ମଧ୍ୟରେ)।

OIPR-31034/11/0001/2223 **ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

**ସୂଚନା**

**No.11299, Dt.28.03.22**

No.CAD-36:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଲକ୍ଷ୍ମୀସାଗର ଗୃହ ପ୍ରକଳ୍ପ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ.B-1& B-2, Stage-IIIକୁ ଶ୍ରୀ ନବକିଶୋର ପାତ୍ର, ପିତା-କାଶୀନାଥ ପାତ୍ର, ଗ୍ରାମ-ମହିପୁର, ପୋ-ମହିପୁର, ଥାନା-ନୂଆଗାଁ, ଜିଲ୍ଲା-ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ନବକିଶୋର ପାତ୍ର, ତା.୨୧.୯.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି।
ଆବଣ୍ଟନଗ୍ରାହୀ ଶ୍ରୀ ନବକିଶୋର ପାତ୍ରଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ (୧) ଶ୍ରୀ ରଞ୍ଜନ କୁମାର ପାତ୍ର ଏବଂ (୨) ରଶ୍ମିତା ଚୌଧୁରୀ ଅଟନ୍ତି। ଉକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ଶ୍ରୀମତୀ ରଶ୍ମିତା ଚୌଧୁରୀ, ତା.୩.୨.୨୦୨୨ ରିଖରେ ଏକ (Registered Deed of Relinquishment) ନାବାଦି ପତ୍ର ମାଧ୍ୟମରେ ତାଙ୍କର ବାସଗୃହରେ ଥିବା ସତ୍ତ୍ୱ /ମାଲିକାନା ଉଚ୍ଛେଦ କରାଯାଇ ଶ୍ରୀ ରଞ୍ଜନ କୁମାର ପାତ୍ରଙ୍କ ନାମରେ ଗୃହ ନଂ. B1 & 2 ର ମାଲିକାନା ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ଶ୍ରୀ ରଞ୍ଜନ କୁମାର ପାତ୍ର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ଗୃହର ସ୍ୱତ୍ୱ/ମାଲିକାନା ଉଚ୍ଛେଦ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ବା ଅଭିଯୋଗ ଶୁଣାଯିବ ନାହିଁ ଏବଂ ବାସଗୃହ B-1 & 2 ରେ ଥିବା ସ୍ୱତ୍ୱ/ ମାଲିକାନା ଶ୍ରୀମତୀ ରଶ୍ମିତା ଚୌଧୁରୀଙ୍କଠାରୁ ଉଚ୍ଛେଦ କରାଯାଇ ଶ୍ରୀ ରଞ୍ଜନ କୁମାର ପାତ୍ରଙ୍କ ନାମରେ ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ସୁକାନ୍ତ କୁମାର ବେହେରା**
**ଆବଣ୍ଟନ ଅଧିକାରୀ**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**
**OIPR-13033/11/0007/2223**

**ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ**

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଆରପଟା ପଞ୍ଚାୟତ ଅଧୀନ ଦାଉଁଡିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ହେଲେ ଚନ୍ଦନ ଜେନା। ସେ ବଡ଼ବଧା ଗ୍ରାମରେ ଅନୁଷ୍ଠିତ ବାରୁଣୀ ଯାତ୍ରା ଦେଖିବା ପାଇଁ ଯାଇଥିବା ବେଳେ ସଞ୍ଜୟ ଜେନା ଓ ଗୁରୁବା ଜେନାଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ସଞ୍ଜୟ ଓ ଗୁରୁବା ମିଶି ଆକ୍ରମଣ କରିବାରୁ ଚନ୍ଦନ ଆହତ ହୋଇଥିଲେ। ଚନ୍ଦନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୮୨/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### 'ବୈଜ୍ଞାନିକ ଗୋକୁଳାନନ୍ଦଙ୍କ ପାଇଁ ଭଦ୍ରକ ମାଟି ଗର୍ବିତ'

**ଭଦ୍ରକ ଅଫିସ, ୪।୪:** ଭଦ୍ରକ ଜିଲାସ୍କୁଲରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଆ ବୈଜ୍ଞାନିକ, ପୂର୍ବତନ ଔପନ୍ୟାସିକ ପ୍ରଫେସର ସ୍ୱର୍ଗତ ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଡ.ଜ୍ୟୋତ୍ସ୍ନା ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସଚିବ ବିଜୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ଚକ୍ରଧର ମଲ୍ଲିକ, ଚରମ୍ପା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ମନୋରମା ରାୟ, ଡ.କମଳାକାନ୍ତ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ, ଅଜୟ ନାୟକ, ଭଦ୍ରକ ସାହିତ୍ୟ ପରିଷଦ ସଭାପତି ଡ.ରାଧାରାଣୀ ମହାପାତ୍ର ଓ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଦୁର୍ଯ୍ୟୋଧନ ଦାସ ଯୋଗ ଦେଇଥିଲେ। ବୈଜ୍ଞାନିକ ଗୋକୁଳାନନ୍ଦଙ୍କ ପାଇଁ ଭଦ୍ରକ ମାଟି ଗର୍ବିତ। ତାଙ୍କ କାଳଜୟୀ ସାଧନା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷକ ଅଶୋକ କୁମାର ଶତପଥୀ, ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ ଓ ସମରେନ୍ଦ୍ର ନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପାଟଣା, ୪।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ଦାଶରଥିପୁର ରାସ୍ତାର ବଲିଆପଶି କଲଭର୍ଟରେ ରବିବାର ବିଳମ୍ବିତ ରାତିରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ବରୁଡ଼ିପଶି ଗ୍ରାମର କୁଳମଣି ନାଏକ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୪୪/୨୨) ରୁଜୁ ହୋଇଛି।

### ସାମୂହିକ ବ୍ରତୋପନୟନ

**ଭଣ୍ଡାରିପୋଖରୀ, ୪।୪ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ଲକ୍ଷ୍ମୀନାରାୟଣ ମନ୍ଦିର ସମ୍ମୁଖରେ ସୂର୍ଯ୍ୟମଣି ଇଛମଣି ସେବା ନିକେତନ ଦ୍ୱାରା ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ସେବା ନିକେତନର ସମ୍ପାଦକ ଆଇନଜୀବୀ ତଥା ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ମହାପାତ୍ର ଓ ଲିନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନେରଡ଼ାରୁ ବିଶ୍ୱଜିତ ଭାରତୀ, କୋଠଶିରାରୁ ଦିବ୍ୟଜିତ ଭାରତୀ, ଧାମନଗର ବ୍ଲକ ମଉଦପୁର ରଇପୁରରୁ ଅଜୟ ଗିରି, ରାକେଶ ଆରଣ ପ୍ରମୁଖଙ୍କ ବ୍ରତୋପନୟନ କରାଯାଇଥିଲା। ପୁରୋହିତ ଶୁକଦେବ ଚଣ୍ଡ ଓ ପୁରୋତ୍ତମ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତାପ ବେହେରା, ପର୍ଶୁରାମ ଶଙ୍ଖୁଆ, ରାଘବ ପ୍ରଧାନ, ମୀରା ମହାପାତ୍ର, ସରପଞ୍ଚ ସାଧନାଞ୍ଜଳି ମହାପାତ୍ର, କୈଳାସ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟ ସେବା ଶିବିର

**ପଦ୍ମପୁର, ୪।୪ (ଡି.ଏନ.ଏ.):** ଭଦ୍ରକ ସଦର ବ୍ଲକ ଏରଡ଼ା ହୋମିଓପାଥିକ ଚିକିତ୍ସାଳୟଠାରେ ଆୟୁଷ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଜାତୀୟ ଆୟୁଷ୍ମାନ ଓ ମିଶନ ନିର୍ଦ୍ଦେଶାଳୟ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମା' ଓ ଶିଶୁମାନଙ୍କର ରକ୍ତହୀନତାର ପ୍ରତିରୋଧ ଓ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା ହୋମିଓପାଥିକ ଚିକିତ୍ସକ ଡା. ପ୍ରେମଲତା ବେହେରା, ଡା. ହରିଶ କୁମାର ପାଣିଗ୍ରାହୀ, ଡା. ସନ୍ତୋଷ କୁମାର ବେହେରା, ଡା. ଦେବାନନ୍ଦ ମହାପାତ୍ର, ଡା. କନିଷ୍କ ମଲ୍ଲିକ, ଡା. ପୂଜା ବେହେରା, ଡା. ସ୍ମରଣିକା ପାତ୍ର, ଡା. ଅରୁପା ନନ୍ଦ, ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ, ସରପଞ୍ଚ ସରସ୍ୱତୀ ସାହୁ, ସମିତିସଭ୍ୟା ପୁଷ୍ପାରାଣୀ ବଳ ପ୍ରମୁଖ ଯୋଗ ଦେଇଥିଲେ।

### ସିଲେଇ ଶିକ୍ଷା ତାଲିମ ଶିବିର

**ଜଳେଶ୍ୱର, ୪।୪(ଡି.ଏନ.ଏ.):** ଜଳେଶ୍ୱର ପୌରପାଳିକାର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ୭ ଦିନ ଧରି ସିଲେଇ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସନ୍ତୀ ମୁର୍ମୁ, ଅପର୍ଣ୍ଣା ସିଂ, ମେରିଆ ହେମ୍ବ୍ରମ, ବୁଲା ସିଂ, ମାମି ମୁର୍ମୁ, ବୁଧୁ କିସ୍କୁ, ସାଲମା ମାରାଣ୍ଡି, ଗଙ୍ଗୋତ୍ରୀ ହେମ୍ବ୍ରମ, ହୀରାମଣି ମୁର୍ମୁ, ଲକ୍ଷ୍ମୀ ଟୁଡୁ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ। ସେକ୍ ଜାମଲ, ଶ୍ରଦ୍ଧାଞ୍ଜଳି ଦତ୍ତ, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ।

# ରନ୍ଧାହେଉନି ମଧ୍ୟାହ୍ନଭୋଜନ

## ନିର୍ଦ୍ଦେଶ ସତ୍ତ୍ୱେ ଦୁଇଦିନ ହେଲା ଜଳୁନି ଚୁଲି

**ଆରଡ଼ି,୪।୪ (ଡି.ଏନ.ଏ.)**

କରୋନା ମହାମାରୀ ପାଇଁ ଦୁଇବର୍ଷ ହେଲା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ରହିଥିଲା। ବିଦ୍ୟାଳୟରେ ପୁଣି ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଚଳିତମାସ ୨ତାରିଖରୁ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରନ୍ଧାଖାଦ୍ୟ ଦିଆଯିବ ବୋଲି ସରକାରୀ ଘୋଷଣାନାମା ପ୍ରକାଶ ପାଇଥିଲା। ଏଥିପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସ୍କୁଲକୁ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଏଥିନେଇ ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଥିବା ମଠଡିହ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅଧୀନରେ ଥିବା ଅଧିକାଂଶ ବିଦ୍ୟାଳୟରେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ କହିଛନ୍ତି।

ଉଭୟ କ୍ଲଷ୍ଟରରେ ଥିବା ଅନେକ ବିଦ୍ୟାଳୟରେ ଶନିବାର ଓ ସୋମବାର ଚୁଲି ଜଳି ନ ଥିବା ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ପାଚିକା କହିଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଯୋଗାଣ ବନ୍ଦ ରହିଥିବାରୁ ଏଭଳି ସମସ୍ୟା ଉପୁଜିଥିବା କୁହାଯାଉଛି। ଉଭୟ କ୍ଲଷ୍ଟରର ସିଆର୍‌ସିସି ଚାଉଳ ଧାର୍ କରି ରୋଷେଇ କରିବାକୁ ପରାମର୍ଶ ଦେବାରୁ କେତୋଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିଥିଲେ। କିନ୍ତୁ ଅଧିକାଂଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାଉଳ ଯୋଗାଣ ନ ହେବା ପର୍ଯ୍ୟନ୍ତ ରୋଷେଇ ବନ୍ଦ ରହିବ ବୋଲି କହିଛନ୍ତି। ରୋଷେଇ ନିମନ୍ତେ ସପ୍ତାହକ ପୂର୍ବରୁ ସରକାରୀ ଘୋଷଣାନାମା ପ୍ରକାଶ ପାଇଥିଲେ ବି କାହିଁକି ଏପର୍ଯ୍ୟନ୍ତ ଏହି ଦୁଇ କ୍ଲଷ୍ଟରର ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ କରାଯାଉ ନାହିଁ ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ୨ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟକୁ ଚାଉଳ ଯୋଗାଣ କରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରଖିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ କହିଛନ୍ତି, ଏ ବିଷୟରେ କୌଣସି ଖବର ତାଙ୍କ ନଜରକୁ ଆସିନାହିଁ। ତେବେ ଖୁବ୍‌ଶୀଘ୍ର ସମସ୍ତ ବିଦ୍ୟାଳୟକୁ ଚାଉଳ ଯୋଗାଣ କରାଯାଇ ସମସ୍ୟାର ସମାଧାନ କରାଯିବ।

# 'ସୀମାନ୍ତବାସୀ ଜାଗ୍ରତ ପ୍ରହରୀ'



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଭୋଗରାଇ, ୪।୪(ଡି.ଏନ.ଏ.)**

ଉତ୍କଳୀୟଙ୍କ ଭାବଧାରା, ଭାଷା, ସଂସ୍କୃତି, ନୌବାଣିଜ୍ୟ, ସାହସିକତା ବିଶ୍ୱବିଦିତ। ହେଲେ ଓଡ଼ିଆଙ୍କ ହୀନ ମାନ୍ୟତା ଓ ସଙ୍କୀର୍ଣ୍ଣତା ଯୋଗୁ ମା' ମାଟି, ମାତୃଭାଷାର ସ୍ଥିତି ବିଗିଡ଼ିବାକୁ ବସିଛି। ଏଥିପାଇଁ ସୀମାନ୍ତବାସୀ ପ୍ରତିକୂଳ ଅବସ୍ଥାରେ ଥାଇ ମଧ୍ୟ ଓଡ଼ିଶା ଭୂଖଣ୍ଡକୁ ସୈନିକ ଭଳି ମାଟି ଓ ମାତୃଭାଷା ନିମନ୍ତେ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରୁଛନ୍ତି ବୋଲି ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇର ଦେଉଳାହାଟଠାରେ ଓଡ଼ିଶା ଦିବସ ଉଦ୍‌ଯାପନୀ ଉତ୍ସବରେ ରବିବାର ବହୁ ବିଶିଷ୍ଟ ଅତିଥି ଯୋଗଦେଇ ମତ ଦେଇଛନ୍ତି। ବରିଷ୍ଠ ସାମାଜିକ କର୍ମୀ ତଥା ଦେଉଳା ସେବା ସମବାୟ ସମିତି ସଭାପତି ହରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଉତ୍କଳ ଦିବସ କମିଟି ସଦସ୍ୟ ଦେବୀ ଦାସ ଗୋସ୍ୱାମୀ ସ୍ୱାଗତ ସୂଚନା ଦେବା ପରେ ସ୍ଥାନୀୟ ସଙ୍ଗୀତ ଗ୍ରୁପ୍ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷକ ସଂଘର ନେତା ତଥା ସୃଜନଶୀଳ ଲେଖକ ରାଜେନ୍ଦ୍ର ବିକାଶ ପାତ୍ର ମୁଖ୍ୟବକ୍ତା ଭାବେ ଓଷ୍ଟାର ସମ୍ପାଦକ ନଟରଞ୍ଜନ ଘରାଇ, ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଭୁବନାନନ୍ଦ ଦାସ, ଜଗନ୍ନାଥ ଚେତନା ସଂସ୍କୃତିର ପ୍ରଚାରକ ମନ୍ମଥ କୁମାର ଦାଶ, ସାମାଜିକ କର୍ମୀ ରାଜକୁମାର ଦାସ ପ୍ରମୁଖ ଉତ୍ସବରେ ଓଡ଼ିଆ ଭାଷା ସଂସ୍କୃତି ଉପରେ ଆଧାରିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଦେଉଳା ଉତ୍କଳ ଦିବସ କମିଟି ସଭାପତି ପ୍ରମଥ କୁମାର ଗିରି, ଉପସଭାପତି ଅନାଦି ରଞ୍ଜନ ମହାପାତ୍ର, ସମ୍ପାଦକ ସୁକୁମାର ଜେନା, ସଦସ୍ୟ ପ୍ରଦୀପ କୁମାର ପାତ୍ର, ମନୋଜ କୁମାର ଦାସ, ଅଚିନ୍ତ ସାହୁ, ହରିହର ରାଉଳ, ପ୍ରଦୀପ ଦିଣ୍ଡାଙ୍କ ସହିତ ମଞ୍ଚ ପରିଚାଳନା କରିଥିଲେ ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ବାରିପଦା ଅଫିସ,୪।୪**

ଅଭାବୀ ଧାନବିକ୍ରିକୁନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାଷ ନିମନ୍ତେ କରାଯାଇଥିବା ଋଣର ବୃଦ୍ଧି ଓ ପରିଶୋଧକୁ ନେଇ ଚାଷୀମାନେ ପ୍ରତିବାଦ ଜଣାଇଥିଲେ। ଧାନ ଦେଇ ଋଣ ପରିଶୋଧ କରିବାକୁ ଶତାଧିକ ଚାଷୀ ଦାବି କରିଥିଲେ। ଜିଲାର କପ୍ତିପଦା, ଉଦଳା, ଖୁଣ୍ଟା, ବଡ଼ସାହି, ବେତନଟୀ, କୁଳିଅଣା, ବାଙ୍ଗିରିପୋଷି ଆଦି ବ୍ଲକର ଚାଷୀମାନେ ଅନଲାଇନରେ ଟୋକନ ପାଇଥିଲେ। ସେଥି ମଧ୍ୟରୁ କେତେକ ଚାଷୀଙ୍କଠାରୁ ଟାର୍ଗେଟ ନ ଥିବା ଦର୍ଶାଇ ଅଳ୍ପ ପରିମାଣର ଧାନ କିଣାଯାଇଥିବା ବେଳେ ବହୁ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ସମବାୟ ସମିତି ଓ ଧାନ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଚାଷୀମାନେ ଦଲାଲଙ୍କ ହାବୁଡରେ ପଡ଼ି ଶାଗମାଛ ଦରରେ ଧାନ ବିକ୍ରି କରୁଛନ୍ତି। ସେହିପରି ମଣ୍ଡିରେ ଏଫଏକ୍ୟୁ ଧାନର ମାନ ଠିକ୍ ନ ଥିବା କହି ମଣ୍ଡି ଓ ମିଲରମାନେ ୧୦ରୁ ୧୫ପ୍ରତିଶତ କଟଣିଛଟଣୀ କରୁଥିବା ଚାଷୀ ସାଲଖାନ ମୁର୍ମୁ, ଶ୍ରବଣ କୁମାର ଛାଟିଆ, ପଦ୍ମଲୋଚନ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଚାଷୀଙ୍କଠାରୁ ନେଉଥିବା ଧାନ ଅଖା ପଇସା ବିଭାଗ ପକ୍ଷରୁ ଦିଆଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ସରକାରଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି ମିଲ୍‌ରେ ଚଢ଼ାଉ କରି ଗଚ୍ଛିତ ଥିବା ଧାନର ତଦନ୍ତ କରିବା ପାଇଁ ଜିଲା ସଂଯୋଜକ ପ୍ରାଣବନ୍ଧୁ ପଲେଇ ଦାବି କରିଛନ୍ତି। ଧାନ ମଣ୍ଡିର ସମସ୍ୟା ଓ ଋଣ ଛାଡକୁ ନେଇ ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି । ସୂଚନା ଥାଉକି, ଜିଲାରେ ୭୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ବର୍ଷ ୫୦ହଜାର ୫୯୮ଜଣ ଚାଷୀ ୧୦୨ଟି ମଣ୍ଡି ଓ ୫୨ଟି ସୋସାଇଟିରେ ଧାନ ବିକ୍ରି କରିଛନ୍ତି। ଅବଶିଷ୍ଟ ୨୦ହଜାର ୪୦୨ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି।




ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଧାନର ଅଭାବୀ ବିକ୍ରି

# ୬ ମଦ ବେପାରୀ ଗିରଫ

**ଉଦଳା,୪।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଅବକାରୀ ବିଭାଗ ଏବଂ ମୋବାଇଲ୍ ସ୍କ୍ୱାଡ୍ ଚଢ଼ାଉ କରି ବିପୁଳ ପରିମାଣର ପୋଚ ନଷ୍ଟ କରିବା ସହିତ ଦେଶୀ ମଦ ଜବତ କରିଛି। ଏହା ସହିତ ଏକ ନକଲି ମଦ ପ୍ୟାକିଂ ୟୁନିଟରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କ ସମେତ ମୋଟ ୬ ମଦ ବେପାରୀଙ୍କୁ ଗିରଫ କରିଛି। କପ୍ତିପଦା ଥାନା ନୁଦଡିହା ଗ୍ରାମରେ ଚଢାଉ ବେଳେ ଅନ୍ତର୍ଯ୍ୟାମୀ ବେହେରାଙ୍କ ଘର ବାଡିରେ ଚାଲିଥିବା ନକଲ୍ ବିଦେଶୀ ମଦ ପ୍ୟାକିଂ ୟୁନିଟ୍ ଠାବ ହୋଇଥିଲା। ସେଠାରୁ ମଦ ପ୍ୟାକିଂରେ ବ୍ୟବହାର ହେଉଥିବା ଲୋଗୋ, ଷ୍ଟିକର ଏବଂ ଫାଙ୍କା ମଦ ବୋତଲ, ଠିପି ଆଦି ଜବତ ହୋଇଛି। ଏହି ଘଟଣାରେ ଅନ୍ତର୍ଯ୍ୟାମୀଙ୍କୁ ଗିରଫ କରାଯାଇଛି। ସେହିପରି ନାବରା ଅଞ୍ଚଳର ଦେଳହ ମୁର୍ମୁ, ଜାରଡାର ଲକ୍ଷ୍ମୀଧର ପ୍ରଧାନ, ଛୋଟରାୟପୁର ଗ୍ରାମର ଜଗତ ଜୀବନ ସାହୁ, ରାଇଦାଣ୍ଡିଆ ଗ୍ରାମର ବିଶୁ ମୁର୍ମୁ ଏବଂ ରଘୁନାଥପୁର ଗ୍ରାମର ବନମାଳୀ ସିଂକୁ ଗିରଫ କରି ସେମାନଙ୍କ ନିକଟରୁ ବିପୁଳ ପରିମାଣର ମଦ ଓ ପୋଚ ଜବତ କରିଛି ଅବକାରୀ ବିଭାଗ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଆରମ୍ଭ ହେଲା ସୋର ମହୋତ୍ସବ

## 'ଲୋକସଂସ୍କୃତି, ଲୋକକଳାକୁ ଉଜ୍ଜୀବିତ କରେ ମହୋତ୍ସବ'



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

**ସୋର, ୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର କାଳୀପଡ଼ିଆ ନିକଟରେ ବନ୍ଦେ ମାତରମ୍ କଲଚୁରାଲ ଆସୋସିଏଶନ ଆନୁକୂଲ୍ୟରେ ୧୪ତମ ସୋର ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡ଼ାଇ ଏହାକୁ ଉଦ୍‌ଘାଟନ କରି ମହୋତ୍ସବ ହେଉଛି ଭାଇଚାରାର ପର୍ବ। ଆଞ୍ଚଳିକ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ କରିବା ପାଇଁ ମହୋତ୍ସବ ଏକ ବଳିଷ୍ଠ ମାଧ୍ୟମ। ଉପଦେଷ୍ଟା କମିଟି ପରିଚାଳନା ମୁଖ୍ୟ ଶଶିକୁମାର ସାହୁ ଯୋଗଦେଇ କରୋନା ଯୋଗୁ ଗତବର୍ଷ ଏହା ଅନୁଷ୍ଠିତ ହେବା ସମ୍ଭବ ହୋଇ ପାରି ନ ଥିଲା ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ସୁମନ୍ତ ମହାନ୍ତି ଯୋଗଦେଇ ମହୋତ୍ସବ ଆଞ୍ଚଳିକ ବନ୍ଧୁତ୍ୱକୁ ବଜାଇ ରଖିବା ସହିତ ଲୋକସଂସ୍କୃତି ଓ ଲୋକକଳାକୁ ଉଦ୍‌ଜୀବିତ ରଖେ ବୋଲି କହିଥିଲେ। ଚଳଚ୍ଚିତ୍ର ନାୟିକା ବବ୍‌ଲି ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହୋତ୍ସବ କଳାକାର ଓ ଦର୍ଶକଙ୍କ ମଧ୍ୟରେ ସମ୍ପର୍କ ଯୋଡ଼ିବାରେ ଉପଯୁକ୍ତ ମାଧ୍ୟମ ହୋଇଥାଏ। ଶେଷରେ ମହୋତ୍ସବ କମିଟି ସମ୍ପାଦକ ଅଜିତ ନାୟକ ଧନ୍ୟବାଦ ଦେଇଥିଲେ।

# ଉନ୍ନତ ଜ୍ଞାନକୌଶଳ ବିନିଯୋଗ କରିବାକୁ ଚାଷୀଙ୍କୁ ତାଲିମ




ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

**ଲଙ୍ଗଳେଶ୍ୱର,୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସାହାଡ଼ା ପଞ୍ଚାୟତର ଜୟନଗରପାଟଣା ଗ୍ରାମରେ ଜିଲା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଜିଲାସ୍ତରୀୟ କୃଷକ ମେଳା ଏବଂ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମେଳାରେ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଞ୍ଜନ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ କୃଷି ଅଧିକାରୀ ଡ. ହରିହର ନାଏକ, ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, ଅମିତା ପାତ୍ର, ଡ. ପ୍ରଭାମଞ୍ଜରୀ ଗିରି, ଡ. ଗାୟତ୍ରୀ ସାହୁ, ନିରୋଜ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମରେ ବସବାସ କରୁଥିବା ଶତପ୍ରତିଶତ ଅନୁସୂଚିତ ଜାତିର ଲୋକେ କିଭଳି ଉନ୍ନତ ପ୍ରଣାଳୀ ଏବଂ ଆଧୁନିକ ଜ୍ଞାନକୌଶଳ ବିନିଯୋଗ କରି କୃଷି କାର୍ଯ୍ୟ କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ଜିଲା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅଭିନବ ପ୍ରୟାସ କରାଯାଇଛି। ଏହି ମେଳାରେ ଜୟନଗର ପାଟଣା ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କର ବିଭିନ୍ନ କୃଷି ଓ ଆନୁଷଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରତ୍ୟେକ ବିଭାଗ ଦ୍ୱାର ଦିଆଯାଉଥିବା ସରକାରୀ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ଚାଷୀମାନେ ସିଧାସଳଖ ଭାବେ ଆଲୋଚନା କରିବା ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ପଚାରି ବୁଝିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ କୃଷି ଯନ୍ତ୍ରପାତି, ମୂଲ୍ୟଯୁକ୍ତ ପଦାର୍ଥ, ପ୍ୟାକେଜିଂ ମେଶିନ, ବଟଲ କ୍ୟାପିଂ ମେଶିନ ବ୍ୟବହାର ବିଷୟରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାବ୍ୟତୀତ ଇଫ୍‌କୋ ବାଲେଶ୍ୱର, ପ୍ରାକୃତିକ କୃଷି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା କୃଷି ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲର ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀମାନଙ୍କୁ ଜିଆଖତ, ପୋଷଣ ବଗିଚା ପାଇଁ ବିହନ ଓ ଅମୃତଭଣ୍ଡା ଚାରା ବଣ୍ଟନ କରାଯିବା ସହ ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାତ ସ୍ୱାଇଁ, ଶ୍ରୀକାନ୍ତ ଦାସ, ରାଜେଶ ବେହେରା, ରମେଶ ଚନ୍ଦ୍ର ଦାସ, ବିଜୟ କୁମାର ଚକ୍ରବର୍ତ୍ତୀ, ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ବର, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ପାତ୍ର ଓ ପୂର୍ବତନ ସରପଞ୍ଚ ଅଞ୍ଜନ ଦଣ୍ଡପାଟ ପ୍ରମୁଖ ସହଯୋଗ କରିଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩ଶହ ପଞ୍ଜୀକୃତ

**ଧାମନଗର, ୪।୪**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଧାମନଗର ବ୍ଲକ ଚୁଡ଼ାକୁଟି ଇନ୍ଦ୍ରମଣି ଉଚ୍ଚବିଦ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ୯ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିବା ସହ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଜିଲାପାଳ ତ୍ରିଲୋଚନ ମାଝି ଓ ଉପଜିଲାପାଳ ମନୋଜ ପାତ୍ର ଶିବିରକୁ ପରିଦର୍ଶନରେ ଆସି ଦିବ୍ୟାଙ୍ଗ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଶେଖର ଚନ୍ଦ୍ର ଜେନା, ସରପଞ୍ଚ କସ୍ତୁରୀ ବିଶ୍ୱାଳ ଓ ସମିତିସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ଼ ଶିବିରକୁ ପରିଚାଳନା କରିଥିଲେ। ବିଡିଓ ଦୁର୍ଗାଚରଣ ମୁର୍ମୁ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପଞ୍ଚାୟତ ଯୁବ ସଭାପତି ଅରୂପାନନ୍ଦ ଦାସ, ଶ୍ରୀକାନ୍ତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ କରିବ ୪ ଜଣିଆ କମିଟି

## ବେଆଇନ ବାଲି ଉତ୍ତୋଳନ

**ବାରିପଦା ଅଫିସ,୪।୪**

ମୟୂରଭଞ୍ଜ ଜିଲା ବୁଢ଼ାବଳଙ୍ଗ ନଦୀର ଆରପଟା ଓ ଡିଙ୍ଗିରା ବାଲି ସଇରାତରୁ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ଓ ପରିବହନକୁ ନେଇ ତଦନ୍ତ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୬ତାରିଖରେ ଏକ ୪ ଜଣିଆ କମିଟି ଉଭୟ ସଇରାତକୁ ଯାଇ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି। ଏହି କମିଟିରେ ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଜିଲାପାଳଙ୍କ ପ୍ରତିନିଧି ଓ ଜିଲା ଖଣି ଅଧିକାରୀ ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ରାଧା ମୋହନ ସିଂଙ୍କ ଅଭିଯୋଗ କ୍ରମେ ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ସ୍ଥହଲେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କ ଉପସ୍ଥିତିରେ ମାମଲାକୁ ନେଇ ୧୬ଜଣ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ତାରିଖକୁ ଧାର୍ଯ୍ୟ କରାଯାଇଛି ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ

**ଭଦ୍ରକ ଅଫିସ, ୪।୪**

ଭଦ୍ରକ ବରପଦାସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଶିକ୍ଷିକା ବିଶ୍ୱବନ୍ଦିତା ନାୟକ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଅଧିକାରୀ ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଉଛି।

# ନିଯୁକ୍ତି ଦାବି କଲେ ଜମିହରା ଗ୍ରାମବାସୀ

**କେନ୍ଦୁଝର, ୪।୪ (ସ୍ୱ.ପ୍ର.)**

ଓଡିଶା ସ୍ପଞ୍ଜ ଲୁହା କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ଝଡାପଶି-ନୁଆଗାଁ-ସରାସକୋଲା ଜମିହରା ପରିବାର ସଂଘ ପକ୍ଷରୁ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ କାରଖାନା ୧୯୮୦ ମସିହାରେ ପଳାଶପଙ୍ଗା ଠାରେ ପ୍ରତିଷ୍ଠା ହୋଇଥିଲା। ସ୍ଥାନୀୟ ଜମିହରା ଲୋକଙ୍କୁ କାମଧନ୍ଦା ଯୋଗାଇଦେବା ପ୍ରତିଶ୍ରୁତି ଦେଇ ଜମି ନେଇଥିବା ସେମାନେ କହିଛନ୍ତି। ତେବେ ବିଭିନ୍ନ କାରଣରୁ ଉକ୍ତ କାରଖାନା ୨୦୧୨ ମସିହାରେ ଲକଡାଉନ ହୋଇ ଯାଇଥିଲା। ଏବେ ଉକ୍ତ କାରଖାନା ପୁନଃ ଖୋଲିବାକୁ ଯାଉଥିବାରୁ ଜମିହରାମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଆସୁଛନ୍ତି।

କାରଖାନା କାର୍ଯ୍ୟକ୍ଷମ ହୋଇ ଉତ୍ପାଦନ କରିବା ପୂର୍ବରୁ ନିଯୁକ୍ତି ଦେବାକୁ ସେମାନେ ଦାବି କରି ଆସୁଛନ୍ତି । କାରଖାନା ଓ କଲୋନୀର ମରାମତି କାମ ଚାଲିଥିବାରୁ ସ୍ଥାନୀୟ ଜମିହରା ଲୋକଙ୍କୁ ଉକ୍ତ କାମ ରେ ନିଯୁକ୍ତ କଲେ ସେମାନେ ପରିବାର ପ୍ରତିପୋଷଣ କରି ପାରିବେ ବୋଲି କହିଛନ୍ତି। ଜମିକ୍ଷତିଗ୍ରସ୍ତଙ୍କ ନାମ ତାଲିକା କାରଖାନା କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ତେବେ ୬୮ ଜଣଙ୍କ ମଧ୍ୟରୁ ମାତ୍ର ୨୮ ଜଣଙ୍କୁ ଗତ ଏକ ବର୍ଷ ମଧ୍ୟରେ ନିଯୁକ୍ତି ଦିଆଯାଇଛି। ଏଣୁ ଏନେଇ ବାରମ୍ବାର ଦାବି କରାଯାଉଥିଲେ ହେଁ ନିଯୁକ୍ତିରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏନେଇ କମ୍ପାନୀର ଏମ୍‌ଡି ସଞ୍ଜୀବ କପୁରଙ୍କୁ ଭେଟିବାପାଇଁ କିଛି ମାସ ତଳେ ସଂଘର ସଭାପତି ମେଡି ଆସଲାମ ଅନସାରୀ ଓ ପ୍ରସନ୍ନ ମହାନ୍ତ ଆଲୋଚନା ପାଇଁ ଯାଇଥିବା ବେଳେ ସେମାନଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସଞ୍ଜୀବ କପୁର କହିଛନ୍ତି, ଏସବୁ ମିଥ୍ୟା ଅଭିଯୋଗ। ସ୍ଥାନୀୟ ଲୋକଙ୍କୁ ନେଇ ଓ ପ୍ରଶାସନ ସହିତ ଆଲୋଚନା କରି କାମ ଚାଲିଛି। ଖୁବ ଶୀଘ୍ର କାରଖାନା କାର୍ଯ୍ୟକ୍ଷମ ହେବ। ଅନ୍ୟପକ୍ଷରେ ଏହାକୁ ନେଇ ମଙ୍ଗଳବାର ପଳାଶପଙ୍ଗା ଠାରେ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକ ମାନେ ନିଯୁକ୍ତି ଦାବିରେ ରାଲି କରିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ଦେବେ ବୋଲି କ୍ଷତିଗ୍ରସ୍ତ ଅନାଦି ପ୍ରଧାନ କହିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଜମିହରା ସଂଘର କର୍ମକର୍ତ୍ତା।

## ଟୁଇଟରରେ ମସ୍କଙ୍କର ୯.୨% ଅଂଶଧନ ରହିଛି

**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରରେ ୯.୨% ଅଂଶଧନ କ୍ରୟ କରିଛନ୍ତି। ଟୁଇଟର ପକ୍ଷରୁ ଆମେରିକା ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, ମସ୍କ ଟୁଇଟରର ୭୩,୪୮୬,୯୩୮ ସଂଖ୍ୟକ ଶେୟାର କ୍ରୟ କରିଛନ୍ତି। ତେବେ ମସ୍କ ନିଜର ଏକ ଟ୍ରଷ୍ଟ ଜରିଆରେ ଟୁଇଟରର ପ୍ୟାସିଭ୍ ଷ୍ଟକ୍ (ପ୍ରତ୍ୟକ୍ଷ ଭାବରେ କମ୍ପାନୀ ନ ଚଳାଇବା ଏବଂ ଦୀର୍ଘ ଅବଧି ପାଇଁ ନିବେଶ କରିବା) କ୍ରୟ କରିଛନ୍ତି। ଏହି ଖବର ପରେ ଟୁଇଟର ଶେୟାରରେ ୨୮% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

## ଆର୍‌କେ ସିଂ ଇଣ୍ଡିଗୋର ମୁଖ୍ୟ ପରାମର୍ଶଦାତା

**ନୂଆଦିଲ୍ଲୀ, ୪।୪:** ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ଆର୍ କେ ସିଂଙ୍କୁ ଇଣ୍ଡିଗୋର ମୁଖ୍ୟ ପରାମର୍ଶଦାତା ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ସୋମବାର ସୂଚନା ଦେଇଛନ୍ତି। ଆର୍‌କେ ୧୯୮୫-୨୦୦୯ ପର୍ଯ୍ୟନ୍ତ ଜଣେ ଆଇଏଏସ୍ ଅଧିକାରୀ ଭାବରେ କାର୍ଯ୍ୟ କରିଥିବା ବେଳେ ପରବର୍ତ୍ତୀ ସମୟରେ ସେ ବିମାନ ଚଳାଚଳ ଆଇନ୍ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଏକ ପାଇଲଟ୍ ପ୍ରଶିକ୍ଷଣ ସଂଗଠନ ସିଏଇ ସିମୁଲେସନ ଟ୍ରେନିଂ ପ୍ରାଇଭେଟ୍ ଲିମିଟେଡ୍ ବୋର୍ଡରେ କାର୍ଯ୍ୟରତ। ସୂଚନାଯୋଗ୍ୟ, ସେ ଅଷ୍ଟ୍ରେଲିଆର ସାଉଥ୍ କ୍ରସ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଏବଂ ନେଦରଲ୍ୟାଣ୍ଡର ଲେଡେନ୍ ବିଶ୍ୱବିଦ୍ୟାଳୟରୁ ଏଭିଏସନ୍ ଆଇନ୍‌ରେ ଏଲ୍.ଏଲ୍.ଏମ୍ ଡିଗ୍ରୀ ହାସଲ କରିଛନ୍ତି।

## ଗ୍ରୀନ୍ ହାଇଡ୍ରୋଜେନ୍ ପାଇଁ ହାତ ମିଳାଇଲେ ୩ କମ୍ପାନୀ

**ନୂଆଦିଲ୍ଲୀ, ୪।୪:** ଦେଶର ସର୍ବବୃହତ ପେଟ୍ରୋଲିୟମ୍ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ(ଆଇଓସି), ଇଞ୍ଜିନିୟରିଂ ଏବଂ ନିର୍ମାଣ କ୍ଷେତ୍ରର ପ୍ରମୁଖ କମ୍ପାନୀ ଲାର୍ସନ୍ ଆଣ୍ଡ୍ ଟୁବ୍ରୋ (ଏଲ୍ ଆଣ୍ଡ୍ ଟି) ଏବଂ ନବୀକରଣ ଶକ୍ତି କମ୍ପାନୀ ରିନ୍ୟୁ ପାୱାର ପକ୍ଷରୁ ଗ୍ରୀନ୍ ହାଇଡ୍ରୋଜେନ୍ ବିକଶିତ ପାଇଁ ହାତ ମିଳାଇଛନ୍ତି। ଏହି ୩ କମ୍ପାନୀ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ବ୍ୟବହାର ହେବାକୁ ଥିବା ବିଦ୍ୟୁତ୍ ଉପଘଟକର ବିନିର୍ମାଣ ଏବଂ ବିକ୍ରି ପାଇଁ ଏକ ଜଏଣ୍ଟ ଭେଞ୍ଚର ପ୍ରସ୍ତୁତ କରିଛନ୍ତି। ଏହି ଜଏଣ୍ଟ ଭେଞ୍ଚର ଜିରୋ କାର୍ବନ ଉତ୍ସର୍ଜକ ହାଇଡ୍ରୋଜେନ୍ ତିଆରି କରିବେ। ଏହି ହାଇଡ୍ରୋଜେନ୍‌ର ଉପଯୋଗ ରିଫାଇନାରିଗୁଡ଼ିକଠାରୁ ଆରମ୍ଭ କରି ଅଟୋମୋବାଇଲ୍ ସେକ୍ଟରରେ ମଧ୍ୟ କରାଯିବ।

# ୧୩୦୦ ଅଙ୍କ ଟପିଲା ସେନ୍‌ସେକ୍ସ

ମୁମ୍ବାଇ, ୪।୪




**ଗତ ଏକ ମାସରେ ନିବେଶକଙ୍କ ପୁଞ୍ଜିରେ ୩୦ ଲକ୍ଷ କୋଟି ବୃଦ୍ଧି**

ସପ୍ତାହର ପ୍ରଥମ କାରବାର ଦିନରେ ଅର୍ଥାତ୍ ସୋମବାର ଶେୟାର ବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସରେ ୧୩୩୫.୦୫ (୨.୨୫%) ଅଙ୍କ ବୃଦ୍ଧି ହୋଇ ୬୦,୬୧୧.୭୪ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୩୮୨.୯୫ (୨.୧୭%) ବୃଦ୍ଧି ହୋଇ ୧୮,୦୫୩.୪୦ ରେ ବନ୍ଦ ରହିଛି। ଦିନର କାରବାରରେ ସେନ୍‌ସେକ୍ସ ସର୍ବାଧିକ ୧୪୦୦ ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲା। ସବୁଜ ସଙ୍କେତରୁ ଦିନର କାରବାର ଆରମ୍ଭ ହୋଇଥିବା ବେଳେ ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଶ୍ରଣ ଖବର ପରେ ବଜାରରେ ଅଧିକ ମାତ୍ରାରେ ବୃଦ୍ଧି ଘଟିଥିଲା। ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାରରେ ୧୦% ବୃଦ୍ଧି ଦେଖିବାକୁ ମିଳିଥିଲା। କାରବାର ଶେଷ ବେଳକୁ ୨୫୩୪ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୭୨୬ ଶେୟାରରେ ହ୍ରାସ ଏବଂ ୧୧୮ ଶେୟାରରେ କୌଣସି ପରିବର୍ତ୍ତନ ଘଟିନାହିଁ। ସୋମବାର ଶେୟାର ବଜାରରେ ଦେଖାଦେଇଥିବା ଜୋରଦାର ବୃଦ୍ଧି ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୨୭୨.୪୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଶେଷ କାରବାର ଦିବସ ଅର୍ଥାତ୍ ଗତ ଶୁକ୍ରବାର ଏହି ପୁଞ୍ଜୀକରଣ ରାଶି ୨୬୭.୮୮ ଲକ୍ଷ କୋଟି ଟଙ୍କା ଥିଲା। ଏହାଛଡ଼ା ପୂର୍ବ ଦିନଗୁଡ଼ିକର ଶେୟାର ବଜାର କାରବାରକୁ ତର୍ଜମା କଲେ, ଗତ ଏକମାସରେ ନିବେଶକମାନେ ଶେୟାର ବଜାରରୁ ଖୁବ୍ ଲାଭ ପାଇଛନ୍ତି। ଗତ ଏକ ମାସ ମଧ୍ୟରେ ବଜାରରେ ଆସିଥିବା ବୃଦ୍ଧି ଦ୍ୱାରା ନିବେଶକଙ୍କ ପୁଞ୍ଜିରେ ୩୦ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ଗତ ଫେବୃଆରୀ ୨୪ ତାରିଖରେ ବିଏସ୍‌ଇ ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୨୪୨.୨୪ ଲକ୍ଷ କୋଟି ରହିଥିଲା। ତେବେ ପରବର୍ତ୍ତୀ ୨୬ ଦିନ ମଧ୍ୟରେ ଏଥିରେ ୩୦ ଲକ୍ଷ କୋଟି ବୃଦ୍ଧି ଘଟିଥିଲା।

## ପ୍ରୋଭୋଷ୍ଟ ଭାବେ ଡ. ଗୁରୁସ୍ୱାମୀ ନିଯୁକ୍ତ

ମୁମ୍ବାଇ,୪।୪



ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଗ୍ରୁପର ସହଯୋଗୀ ଅନୁଷ୍ଠାନ ଜିଓ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସୋମବାର ଘୋଷଣା କରାଯାଇଛି ଯେ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନ ନେତୃତ୍ୱ ମଣ୍ଡଳୀକୁ ସୁଦୃଢ଼ କରିବା ଲାଗି ବରିଷ୍ଠ ଶିକ୍ଷାବିତ ପ୍ରଫେସର ଗୁରୁସ୍ୱାମୀ ରବିଚନ୍ଦ୍ରନଙ୍କୁ ଏହାର ପ୍ରୋଭୋଷ୍ଟ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ ଜୁଲାଇ ପହିଲାରେ ଜିଓ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପ୍ରୋଭୋଷ୍ଟ ଭାବେ ପ୍ରଫେସର ରବିଚନ୍ଦ୍ରନ ଯୋଗଦେବେ। ସେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ କାଲ୍‌ଟେକ୍‌ର ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍‌ସ ଡିଭିଜନ୍‌ର ଓଟିସେ ବୁଥ୍ ଲିଡର୍‌ଶିପ୍ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ କାଲିଫର୍ନିଆ ଇନଷ୍ଟିଚ୍ୟୁଟ୍‌ଅଫ୍‌ଟେକ୍ନୋଲୋଜିର ଗ୍ରାଜୁଏଟ ଏରୋସ୍ପେସ୍ ଲାବୋରେଟୋରିଜ୍‌ର ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ଡ. ରବିଚନ୍ଦ୍ରନ ଆମେରିକାର ବ୍ରାଉନ୍ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂରେ ପିଏଚ୍‌ଡି ଓ ଇଞ୍ଜିନିୟରିଂରେ ଏମ୍‌ଏସ୍ ଏବଂ ରିଜିଓନାଲ ଇଞ୍ଜିନିୟରିଂ କଲେଜ (ଏନ୍‌ଆଇଟି), ତ୍ରିଚିରରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବିଇ (ଅନର୍ସ) ଡିଗ୍ରୀ ହାସଲ କରିଛନ୍ତି। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି ଯେ, ଜିଓ ଇନଷ୍ଟିଚ୍ୟୁଟ ଓ ରିଲାଏନ୍ସ ପରିବାରକୁ ଡକ୍ଟର ରବିଚନ୍ଦ୍ରନଙ୍କୁ ସ୍ୱାଗତ କରିବା ମୋତେ ଅତ୍ୟନ୍ତ ଖୁସି ପ୍ରଦାନ କରିଛି।

# ବିଗ୍ ବାସ୍କେଟର ବଜାର ପ୍ରବେଶ

ଭୁବନେଶ୍ୱର,୪।୪




- ଆଗାମୀ ୬ ମାସରେ ଉପସ୍ଥିତିକୁ ସୁଦୃଢ଼ କରିବ କମ୍ପାନୀ
- ପ୍ରତି ମାସରେ ୫ କୋଟି ରାଜସ୍ୱ ସଂଗ୍ରହ ଲକ୍ଷ୍ୟ

ଟାଟା ଗ୍ରୁପର ସହଯୋଗୀ ସଂସ୍ଥା ବିଗ୍ ବାସ୍କେଟ ବର୍ତ୍ତମାନ ଓଡିଶା ବଜାରରେ କାରବାର ପାଇଁ ଆନୁଷ୍ଠାନିକ ଭାବେ ପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ସମୟରେ ଦେଶର ପ୍ରମୁଖ ଅନଲାଇନ ସୁପରମାର୍କେଟ ଭାବେ ପରିଚିତ। ଏପରିକି ଓଡିଶାର ଭୁବନେଶ୍ୱର ବଜାରରେ ମଧ୍ୟ ଏହାର ଦୈନିକ କାରବାର (ଅର୍ଡର) ରେ ବ୍ୟାପକ ବୃଦ୍ଧି ଘଟୁଛି। ବର୍ତ୍ତମାନ ସହରରେ ଏହାର ଅର୍ଡର ସଂଖ୍ୟା ପ୍ରତି ମାସରେ ପ୍ରାୟ ୧୮,୦୦୦ ଥିବାବେଳେ ରାଜସ୍ୱ ପରିମାଣ ପ୍ରାୟ ୧.୭୩ କୋଟି ଟଙ୍କା ରହିଛି। କମ୍ପାନୀ ଆଗାମୀ ୬ ମାସ ମଧ୍ୟରେ ନିଜର ଉପସ୍ଥିତିକୁ ଓଡିଶା ବଜାରରେ ସୁଦୃଢ଼ କରିବା ସହ ମାସିକ ୫ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଭୁବନେଶ୍ୱର ବ୍ୟତୀତ କମ୍ପାନୀ ପୁରୀ, କଟକ ଏବଂ ଯାଜପୁର-କଳିଙ୍ଗନଗର ଭଳି ପ୍ରମୁଖ ସହରର ଲୋକଙ୍କୁ ଖାଦ୍ୟସାମଗ୍ରୀ ଯୋଗାଇବା ଆରମ୍ଭ କରିବ।

ଏ ସମ୍ପର୍କରେ ବିଗବାସ୍କେଟର ସହ-ପ୍ରତିଷ୍ଠାତା ତଥା ସିଇଓ ହରି ମେନନ କହିଛନ୍ତି, ଭୁବନେଶ୍ୱରବାସୀଙ୍କଠାରୁ ଆମକୁ ଏକ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଆମେ ଏବେ ସହରରେ ଆମର ୩୦ ମିନିଟର ବିତରଣ ସେବା ଶୀଘ୍ର ଆରମ୍ଭ କରିବାକୁ ଯାଉଛୁ। ଆମେ କ୍ରମାଗତ ଭାବେ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରକୁ ଆମର କାରବାର ବିସ୍ତାର କରୁଛୁ। ଯେଉଁଠାରେ ଆମର ଅର୍ଡର ପରିମାଣ ମାତ୍ର ତିନି ମାସ ମଧ୍ୟରେ ୧୪ ଗୁଣା ବୃଦ୍ଧି ପାଇଛି। ସେହିଭଳି ଟାଟା ଷ୍ଟିଲର ଗ୍ରୁପ ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ କହିଥିଲେ, ଏକ ବଡ ଗ୍ରାହକ ଡିଜିଟାଲ ଇକୋସିଷ୍ଟମ ସୃଷ୍ଟି କରିବାର ଦୃଷ୍ଟିକୋଣ ସହିତ ବିଗବାସ୍କେଟର ଗ୍ରାହକ ସେବା ଆଭିମୁଖ୍ୟ ଜାରି ରହିଛି।

## ମିଶ୍ରଣ ହେବ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍

ନୂଆଦିଲ୍ଲୀ, ୪।୪

ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ସହ ହାଉସିଂ ଫାଇନାନ୍ସ କମ୍ପାନୀ, ହାଉସିଂ ଡେଭେଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେଶନ (ଏଚ୍‌ଡିଏଫ୍‌ସି) ମଧ୍ୟରେ ମିଶ୍ରଣ ହେବାକୁ ଯାଉଛି। ଉଭୟଙ୍କ ମିଶ୍ରଣ ପାଇଁ ବୋର୍ଡ ମିଟିଂରେ ମଞ୍ଜୁରୀ ପ୍ରଦାନ କରାଯାଇଥିବା ସୋମବାର କର୍ପୋରେଶନ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ସଂସ୍ଥାର ମିଶ୍ରଣ ଦ୍ୱାରା ୧୨.୮ ଲକ୍ଷ କୋଟି ଟଙ୍କାର ମାର୍କେଟ୍ ମୂଲ୍ୟ ଥିବା ନୂଆ ଏକ କମ୍ପାନୀ ଆରମ୍ଭ ହେବ। ଏହି ମିଶ୍ରଣ ପରେ ଟିସିଏସ୍‌କୁ ପଛରେ ପକାଇ ମାର୍କେଟ୍ କ୍ୟାପ୍ କ୍ଷେତ୍ରରେ ରିଲାଆନ୍ସ ପରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପାଇଁ ୧୨ରୁ୧୮ ମାସ ଲାଗିପାରେ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଉକ୍ତ ପ୍ରସ୍ତାବକୁ ଆର୍‌ବିଆଇ, ସେବି, ପିଏଫ୍‌ଆର୍‌ଡିଏ ଏବଂ ସିସିଆଇ ଭଳି ରେଗୁଲେଟର୍ସମାନଙ୍କର ମଞ୍ଜୁରୀ ପ୍ରଦାନ କରିବା ବାକି ରହିଛି।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର,୪।୪

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ସୁନ୍ଦରଗଡ ଜିଲାର କଳମଙ୍ଗ ଗ୍ରାମବାସୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରକୁ କୋଇଡା ବ୍ଲକ ବିଡିଓ ପଲ୍ଲବୀ ରାଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଇଡା ବ୍ଲକ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ କୁମାର, ଏଏମ୍-ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଏଏମ୍-ଏନ୍‌ଏସ୍ ଇଣ୍ଡିଆର ଟେକ୍ନିକାଲ ସର୍ଭିସେସ୍‌ର ମୁଖ୍ୟ ସତୀଶ ମହାନ୍ତି, କମ୍ପାନୀର ସାଗାସାହି ଖଣିର ମ୍ୟାନେଜର ଏଲ୍.ଡି. ବାବୁ ଏବଂ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ମାଲଦା ପଞ୍ଚାୟତ ଅନ୍ତର୍ଗତ ସାଗାସାହି, ଘୋରାଭୁରାନୀ, କଳମଙ୍ଗ ଗ୍ରାମରେ ବସବାସ କରୁଥିବା ୫୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଏହି କେନ୍ଦ୍ର ଜରିଆରେ ଆବଶ୍ୟକ ସ୍ୱାସ୍ଥ୍ୟସେବାର ସୁବିଧା ପ୍ରଦାନ କରାଯିବ। ଉକ୍ତ କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟ ଏବଂ ଷ୍ଟାଫନର୍ସ ଆଦି ରହିବେ। ଏଠାରେ ରୋଗୀଙ୍କୁ ପରାମର୍ଶ ଦେବା ବ୍ୟତୀତ ଔଷଧ ମଧ୍ୟ ପ୍ରଦାନ କରାଯିବ। ଏହି କେନ୍ଦ୍ରରେ ଏକ ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ମଧ୍ୟ ରହିବ। ଏହାଫଳରେ ଗୁରୁତର ରୋଗୀମାନେ ଜରୁରିକାଳୀନ ପରିସ୍ଥିତିରେ ନିକଟବର୍ତ୍ତୀ ମୁଖ୍ୟ ଚିକିତ୍ସାଳୟକୁ ଯାଇପାରିବେ। ଏହି ଅବସରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଯାଦଭେନ୍ଦୁ କହିଥିଲେ, ଆମେ ନିଜର କାର୍ଯ୍ୟକ୍ଷେତ୍ର ଏବଂ ଆଖପାଖ ଅଂଚଳରେ ସମସ୍ତ ବିକାଶମୁଖୀ କାର୍ଯ୍ୟକ୍ରମ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଆମର ଆଉ ଏକ ପଦକ୍ଷେପ। ଏହି କେନ୍ଦ୍ରକୁ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ଫୁର୍‌ସତ୍**

# ଦେଶର ଆର୍ଥିକ ବିକାଶରେ ନୌବାଣିଜ୍ୟ

**ଜାତୀୟ ନୌବାଣିଜ୍ୟ ଦିବସ**



ମାନବ ସଭ୍ୟତାରେ ନୌବାଣିଜ୍ୟ କାହିଁ କେଉଁକାଳରୁ ଜାରି ରହିଛି। ଏହାଦ୍ୱାରା ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇଥାଏ। ପ୍ରାଚୀନ ଯୁଗରେ ଭାରତର ଚୋଳ, ଚେର୍‌ୟ, ପାଣ୍ଡ୍ୟ ଆଦି ଉପକୂଳବର୍ତ୍ତୀ ରାଜ୍ୟ ନୌବାଣିଜ୍ୟକୁ ପ୍ରାଧାନ୍ୟ ଦେଉଥିଲେ। ଫଳରେ ସେସବୁ ରାଜ୍ୟ ସମୃଦ୍ଧିର ଶିଖରରେ ପହଞ୍ଚି ପାରିଥିଲେ। ପ୍ରତିବର୍ଷ ଭାରତରେ ଜାତୀୟ ନୌବାଣିଜ୍ୟ ଦିବସ ୫ ଏପ୍ରିଲରେ ପାଳନ କରାଯାଇଥାଏ। ନୌବାଣିଜ୍ୟ ଅବସରରେ ସମୁଦ୍ରରେ ବହୁ ମାସ ବିତାଉଥିବା ଲୋକମାନଙ୍କୁ କୃତଜ୍ଞତା ଜଣାଇବା ଏବଂ ଦେଶର ଆର୍ଥିକ ବିକାଶରେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିନ ପାଳିତ ହୋଇଥାଏ। ୧୯୬୪ ଏପ୍ରିଲ ୫ଠାରୁ ଏହି ଦିବସ ପାଳିତ ହୋଇଆସୁଛି।

୧୯୧୯ ଏପ୍ରିଲ୍ ୫ରେ ପ୍ରଥମ ଭାରତୀୟ ବ୍ୟବସାୟିକ ଜାହାଜ ଏସ୍.ଏସ୍. ଲୟାଲିଟି ମୁମ୍ବାଇରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା। ସିନ୍ଧିଆ ଷ୍ଟିମ୍ ନାଭିଗେଶନ କମ୍ପାନୀ ଲିମିଟେଡ୍ ଏହାର ମାଲିକ ଥିଲେ। ଜାତୀୟ ନୌବାଣିଜ୍ୟ ଦିବସ ସମୁଦ୍ର କୂଳର ସେବାକୁ ତଥା ଜାତୀୟ ସାମୁଦ୍ରିକ ଶିଳ୍ପର ପ୍ରୋତ୍ସାହନ ତଥା ବିକାଶ ସହିତ ଜଡ଼ିତ ବ୍ୟକ୍ତି ତଥା ସଂଗଠନର ସେବାକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହି ଅବସରରେ ସେମାନଙ୍କୁ ପୁରସ୍କାର, ବୃତ୍ତି ଏବଂ ସୁବିଧା ପ୍ରଦାନ କରାଯାଇଥାଏ। ବିଶ୍ୱସ୍ତରରେ ଜାହାଜ ନିର୍ମାଣରେ ଭାରତ ଏକବିଂଶ ସ୍ଥାନରେ ରହିଛି। ବିଶ୍ୱ ନୌବାଣିଜ୍ୟ କ୍ଷେତ୍ରରେ ତାଲିମ୍‌ପ୍ରାପ୍ତ ମାନବ ଶକ୍ତି ଯୋଗାଣକୁ ନେଇ ଭାରତ ୫ମ ସ୍ଥାନରେ ରହିଛି। ଭାରତରେ ୧୨ଟି ପ୍ରମୁଖ ବନ୍ଦର ଅଛି। ସେହିପରି ୨୦୦ରୁ ଅଧିକ ସାଧାରଣ ବନ୍ଦର ରହିଛି। ନୌବାଣିଜ୍ୟ କ୍ଷେତ୍ରରେ ଭାରତର ବାଣିଜ୍ୟରେ ୬୫ ପ୍ରତିଶତ ଯୋଗଦାନ ରହିଛି। ଦେଶର ବାଣିଜ୍ୟ କାରବାରର ୯୫ ପ୍ରତିଶତ ସାମୁଦ୍ରିକ କ୍ଷେତ୍ର ମାଧ୍ୟମରେ କରାଯାଇଥାଏ। ଭାରତର ବନ୍ଦରଗୁଡ଼ିକରେ ପରିଚାଳିତ ସମୁଦାୟ କାର୍ଗୋ ମଧ୍ୟରୁ ୫୪ ପ୍ରତିଶତ ମାଲ୍ ପରିବହନ ୧୨ଟି ପ୍ରମୁଖ ବନ୍ଦର ଦ୍ୱାରା ପରିଚାଳିତ ହୋଇଥାଏ। ୪୦ଟି ବିଶ୍ୱସ୍ତରୀୟ କଣ୍ଟେନର ବନ୍ଦର ତାଲିକାରେ ଜବାହରଲାଲ ନେହେରୁ ପୋର୍ଟ ଟ୍ରଷ୍ଟ ୩୩ତମ ସ୍ଥାନରେ ଏବଂ ମୁନ୍ଦ୍ରା ୩୭ତମ ସ୍ଥାନରେ ରହିଛି। ଗତ କିଛିବର୍ଷ ମଧ୍ୟରେ ଭାରତ ଆଭ୍ୟନ୍ତରୀଣ ଜଳ ପରିବହନରେ ଅଭିବୃଦ୍ଧି ହେବାରେ ଲାଗିଛି। ଭାରତରେ ୫,୦୦୦ କିଲୋମିଟରରୁ ଅଧିକ ଆଭ୍ୟନ୍ତରୀଣ ଜଳପଥ ବିକଶିତ ହୋଇ ପାରିଛି। ବିଶ୍ୱସ୍ତରରେ ଜାହାଜ ରିସାଇକ୍ଲିଂ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

## ଅନନ୍ୟାଙ୍କ ବ୍ରେକଅପ୍



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଇଶାନ ଖଟ୍ଟରଙ୍କ ବ୍ରେକ୍‌ଅପ୍ ହୋଇଛି। ଦୁହେଁ ୩ ବର୍ଷ ହେଲା ରିଲେଶନଶିପ୍‌ରେ ରହିଥିବାବେଳେ ଏବେ ସେମାନଙ୍କ ସମ୍ପର୍କରେ ଫାଟ ଦେଖିବାକୁ ମିଳିଛି। କିଛି ଦିନ ହେବ ଉଭୟେ ଏକାଠି ନଜର ଆସୁଥିଲେ। କିନ୍ତୁ ବର୍ତ୍ତମାନ ଦୁହିଁଙ୍କ ରାସ୍ତା ଅଲଗା ହୋଇଯାଇଛି। ପିଙ୍କଭିଲ୍ଲାର ରିପୋର୍ଟ ମୁତାବକ, ଶୁଟିଂ ସମୟରେ ଉଭୟେ ପରସ୍ପରକୁ ଜାଣିବାକୁ ପାଇଥିଲେ। ସେଠାରୁ ହିଁ ସେମାନଙ୍କ ଭଲ ପାଇବା ଆରମ୍ଭ ହୋଇଥିଲା। ଦୁହେଁ ବହୁତ କମ୍ ସମୟରେ ବଲିଉଡ୍‌ରେ ଅନେକ ନାଁ କମାଇଛନ୍ତି। ହେଲେ ଇଶାନ ଏବଂ ଅନନ୍ୟାଙ୍କ ମଧ୍ୟରେ କେତେକ ଚିନ୍ତାଧାରା ମେଳ ଖାଉ ନ ଥିବାରୁ ସେମାନେ ଅଲଗା ଥିବାରୁ ସେମାନେ ଅଲଗା ହେବାର ନିଷ୍ପତ୍ତି ନେଇଥିବା ଜଣାପଡିଛି। ଦୁହେଁ ୨୦୨୦ରେ ଫିଲ୍ମ 'ଖାଲି ପିଲି'ରେ ଏକାଠି ପରଦାରେ ନଜରକୁ ଆସିଥିଲେ। ଅନନ୍ୟାଙ୍କୁ ନିକଟରେ ସିନେମା ଲାଇଗର, ଗେହେରାଇୟାଁରେ ଦେଖିବାକୁ ମିଳିଥିଲା।

## ୧୭ରେ ବିବାହ କରିପାରନ୍ତି ରଣବୀର-ଆଲିଆ

**ମୁମ୍ବାଇ:** ବଲିଉଡ୍‌ର ରୋମାଣ୍ଟିକ ଯୋଡ଼ି ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ଘରେ ଶୀଘ୍ର ହିଁ ସାହାନାଇ ବାଜିବ। କିଛିଦିନ ହେବ ରଣବୀର- ଆଲିଆଙ୍କ ବିବାହ ୨୦୨୨ ଏପ୍ରିଲରେ ହେବା ନେଇ ଚର୍ଚ୍ଚା ଲାଗିରହିଥିଲା। ତେବେ ତାରିଖ ମଧ୍ୟ ପକ୍କା ହୋଇସାରିଛି। ଇ-ଟାଇମ ରିପୋର୍ଟ ଅନୁସାରେ ଏପ୍ରିଲ ୧୭ତାରିଖରେ ରଣବୀର ଆଲିଆଙ୍କୁ ବିବାହ କରିପାରନ୍ତି। ହେଲେ ଆଲିଆଙ୍କ ଅଜା ଏନ୍ ରାଜଦନ୍‌ଙ୍କ ଦେହ ଖରାପ ଥିବାରୁ ବିବାହ ତାରିଖ ଗୋଟିଏ ଦିନ ଏପଟ ସେପଟ କରିବାକୁ ପଡ଼ିପାରେ। ମୁମ୍ବାଇ ଚେମ୍ବୁରର ଆର୍‌କେ ହାଉସ୍‌ରେ ଦୁହିଁଙ୍କ ହାତଗଣ୍ଠି ପଡ଼ିବ, ଯେଉଁଠି ରଣବୀରଙ୍କ ବାପା-ମା' ଋଷି କପୁର ଏବଂ ନୀତୁ କପୁରଙ୍କ ବିବାହ ହୋଇଥିଲା। ଖବର ଅନୁସାରେ ବିବାହରେ କେବଳ ନିକଟ ସମ୍ପର୍କୀୟଙ୍କୁ ମିଶାଇ ୪୫୦ ଜଣଙ୍କୁ ନିମନ୍ତ୍ରଣ ରହିଛି। ଆଲିଆ କହିଛନ୍ତି, ଏହା ଏକ ଛୋଟ ସେଲିବ୍ରେଶନ୍, ଯେଉଁଥିରେ କେବଳ ପରିବାର ଲୋକ ହିଁ ସାମିଲ ହେବେ। ଅଜାଙ୍କ ଇଚ୍ଛା ପୂରଣ ପାଇଁ ବିବାହ କରୁଥିବା ସେ କହିଛନ୍ତି।



## ଭଉଣୀଙ୍କୁ କୋଳରେ ଧରି ସ୍କୁଲରେ ପାଠପଢ଼ା

ଇମ୍ଫାଲ



ସ୍କୁଲ ଯିବା ସମୟରେ ସାଙ୍ଗରେ ଥାଏ ତାଙ୍କ ୨ ବର୍ଷର କୁନି ଭଉଣୀ। ବୟସ ୧୦ ବର୍ଷ ହେଲେ ମଧ୍ୟ ସାନ ଭଉଣୀଙ୍କୁ ଏକୁଟିଆ ଛାଡନ୍ତି ନାହିଁ ସେ। ୪ର୍ଥ ଶ୍ରେଣୀରେ ପଢୁଥିବା ତାମେଲଙ୍ଗଲୋଙ୍ଗ୍ ଜିଲାର ମେଇନିଂସିନଲ୍ୟୁ ଡଲୋଙ୍ଗ୍ ପ୍ରାଇମେରୀ ସ୍କୁଲ ଗଲାବେଳେ ପ୍ରତିଦିନ ସାଙ୍ଗରେ ଛୋଟ ଭଉଣୀଙ୍କୁ ଧରି ଯାଇଥାନ୍ତି। ସ୍କୁଲରେ କୋଳରେ ଧରି ପାଠ ପଢ଼ନ୍ତି ସେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଣିପୁରର ମନ୍ତ୍ରୀ ବିଶ୍ୱଜିତ ସିଂ ଏହି ଫଟୋକୁ ଶେୟାର କରିବା ସହ ଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ସେ ସେମାନଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମେଇନିଂସିନଲ୍ୟୁଙ୍କ ବାପା ମା' ଚାଷ କରିବା ପାଇଁ ବାହାରକୁ ଚାଲି ଯାଆନ୍ତି। ସାନ ଭଉଣୀର ଦେଖାରଖା କରିବା ପାଇଁ ସେ ତାକୁ ନିଜ ସହିତ ସ୍କୁଲ ନେଇ ଯାଇଥାନ୍ତି। ଘଟଣା ସାମ୍ନାକୁ ଆସିବା ପରେ ମନ୍ତ୍ରୀ ସିଂ ମେଇନିଂସିନଲ୍ୟୁଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଛନ୍ତି। ଝିଅଟିର ସ୍ନାତକ ପର୍ଯ୍ୟନ୍ତ ସମସ୍ତ ପାଠପଢା ଖର୍ଚ୍ଚ ସେ ବୁଝିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

## କନଷ୍ଟେବଲଙ୍କ ସାହସିକତା



**ଜୟପୁର:** ରାଜସ୍ଥାନରେ ଦଙ୍ଗା ମଧ୍ୟରେ ଭୟଙ୍କର ନିଆଁରୁ କନଷ୍ଟେବଲ ଜଣେ ଛୋଟ ପିଲାକୁ ଉଦ୍ଧାର କରିଛନ୍ତି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସହ କନଷ୍ଟେବଲଙ୍କୁ ଅନେକ ପ୍ରଶଂସା ମିଳିଛି। ସୂଚନା ମୁତାବକ, ରାଜସ୍ଥାନର କରାଉଲିରେ ହୋଇଥିବା ଦଙ୍ଗାରେ ଏକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା। ସେହି ବିଲ୍ଡିଂ ଭିତରେ ଜଣେ ଶିଶୁ ନିଆଁରେ ଫସି ଯାଇଥିଲେ। ସେଠାର ଜଣେ କନେଷ୍ଟବଳ ଛୋଟ ପିଲାର ଜୀବନ ବଞ୍ଚାଇବା ପାଇଁ ବିଲ୍ଡିଂରେ ଲାଗିଥିବା ନିଆଁ ମଧ୍ୟକୁ ପ୍ରବେଶ କରିଥିଲେ। ସେଠାରୁ ପିଲାଟିକୁ ଉଦ୍ଧାର କରି ଆଣିବା ସମୟରେ କେହି ଏହି ଫଟୋଟିକୁ ଉଠାଇଥିବା ଜଣାପଡିଛି। ତେବେ ଏହି ଫଟୋକୁ ଆଇପିଏସ୍ ଅଫିସର ସୁକୀର୍ତ୍ତି ମାଧବ ମିଶ୍ର ଟୁଇଟ୍ କରି ଶେୟାର କରିଛନ୍ତି। ସେ କ୍ୟାପଶନ୍‌ରେ ଲେଖିଛନ୍ତି, କନଷ୍ଟେବଲ ନେତ୍ରେଶ ଶର୍ମାଙ୍କ ପାଇଁ ଆମେ ଗର୍ବିତ। ଏହି ଦଙ୍ଗାରେ ୪୨ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ପୋଲିସ ଅଧିକାରୀ ଥିବା ମଧ୍ୟ ସୂଚନା ମିଳିଛି। ଏପ୍ରିଲ ୨ ତାରିଖରେ ହିନ୍ଦୁ ନବବର୍ଷ ଅବସରରେ ଏକ ଧାର୍ମିକ ରାଲି ସମୟରେ କିଛି ସନ୍ଦିଗ୍ଧ ବ୍ୟକ୍ତି ରାଲିରେ ଯାଉଥିବା ଲୋକଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଫଳରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ କିଛି ଦୋକାନ ଗୃହ ଏବଂ କିଛି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ।

# ଟ୍ରଷ୍ଟ ହାତରେ ବିଶ୍ୱବିଦ୍ୟାଳୟ ପଢ଼ାକୁ ବିରୋଧ

■ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି କାର୍ଯ୍ୟାଳୟ ଘେରିଲେ ନର୍ସିଂ ଛାତ୍ରୀଛାତ୍ର
■ ଦାବିପତ୍ରରେ ବଡ଼ ଧରଣର ଆନ୍ଦୋଳନ ଚେତାବନୀ
■ ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ଚଣ୍ଡିଖୋଲସ୍ଥିତ ଦ୍ୱିତୀୟ କ୍ୟାମ୍ପସରେ ଗତ ୨ବର୍ଷ ହେବ ବିଏସ୍‌ସି ନର୍ସିଂ କୋର୍ସ ଆରମ୍ଭ ହୋଇଛି। ହେଲେ ଏହାର ପରିଚାଳନା ଓ ପାଠପଢ଼ା ଦାୟିତ୍ୱ ରହିଛି ଏକ ଟ୍ରଷ୍ଟ ହାତରେ। ଫଳରେ ନାନା ସମସ୍ୟା ଉପୁଜୁଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ସେମାନେ ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍‌କୁ ଆସି ପ୍ରତିବାଦ ଜଣାଇଥିଲେ। କୁଳପତିଙ୍କ କାର୍ଯ୍ୟାଳୟକୁ ଘେରାଉ କରିବା ସହ ପ୍ରଶାସନିକ ବ୍ଲକ୍‌ର ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ।

ସେମାନେ ଅଭିଯୋଗ କରିଛନ୍ତି, ବିଏସ୍‌ସି ନର୍ସିଂ କୋର୍ସ ପରିଚାଳନା ଦାୟିତ୍ୱ ଶ୍ରୁଶ୍ରୁତମ ଚାରିଟେବଲ୍ ଟ୍ରଷ୍ଟ ନେଇଛି। କୋର୍ସ ବାବଦରେ ପିଲାଙ୍କଠାରୁ ୭୫ହଜାର ଟଙ୍କା ନିଆଯାଉଥିବା ବେଳେ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ଦ୍ୱିତୀୟ ବର୍ଷର ପ୍ରତି ପିଲାଙ୍କଠାରୁ ବେଆଇନ ଭାବେ ୮ହଜାର ଟଙ୍କା ନିଆଯାଉଛି। ସେହିପରି ବିଭାଗରେ ମାତ୍ର ୩ ଜଣ ଷ୍ଟାଫ୍ ଥିବାରୁ ନିୟମିତ କ୍ଲାସ ହୋଇପାରୁ ନାହିଁ। ଏହା ବାଦ୍ ଲାବରେଟୋରିରେ ଆବଶ୍ୟକ ଉପକରଣ ନ ଥିବା ବେଳେ ଲାଇବ୍ରେରି, ହଷ୍ଟେଲ ଏବଂ ଖାଇବା ପିଇବା ସମସ୍ୟା ରହୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଟ୍ରଷ୍ଟ ହାତରୁ ଉକ୍ତ ଦାୟିତ୍ୱ ବାହାର କରି ନିଜେ ପରିଚାଳନା କରିବାକୁ ସେମାନେ ଦାବି କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏଥିସହ ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେହି ଟ୍ରଷ୍ଟ ହାତରୁ ଦାୟିତ୍ୱ ହଟା ନ ଯାଏ, ତେବେ ଆଗକୁ ବଡ଼ ଧରଣର ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟର ଓଏସ୍‌ଡି କବୀର ମୋହନ ସେଠୀ ପିଲାଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ମାମଲାର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ କ୍ୟାମ୍ପସରେ ନର୍ସିଂ କୋର୍ସ ଦାୟିତ୍ୱ ଯେଉଁ ଟ୍ରଷ୍ଟ ନେଇଛି, ପୂର୍ବରୁ ଉକ୍ତ ସଂସ୍ଥା ନାଁରେ ବାରମ୍ବାର ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ଟ୍ରଷ୍ଟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।



ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଦୁଇଜଣଙ୍କ ମୃତ୍ୟୁ

କୁଚିଣ୍ଡା,୪।୪(ଡି.ଏନ.ଏ.): ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ରଙ୍ଗିଆଟିକିରା ପଞ୍ଚାୟତରେ ଦୁଇଟି ପୃଥକ୍ ଘଟଣାରେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଘଟଣାରେ ରଙ୍ଗିଆଟିକିରା ଗ୍ରାମର ନମିତା ରାଜ ନାମ୍ନୀ ୮ବର୍ଷର ଝିଅ ରବିବାର ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଶାମୁକା ଓ ଗେଣ୍ଡା ଧରିବାକୁ ଯାଇଥିଲେ। ସାଙ୍ଗମାନେ ଫେରିଆସିଥିବାବେଳେ ନମିତା ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସୋମବାର ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ପୋଖରୀରୁ ନମିତାର ମୃତଦେହ ଉଦ୍ଧାର କରିଥିଲା। ଦ୍ୱିତୀୟ ଘଟଣାରେ ରଙ୍ଗିଆଟିକିରା ପଞ୍ଚାୟତ ତୁରିପଡାର ବୁଧବାରୀ ବାଘ (୮୫) ସୋମବାର ସକାଳୁ ମହୁଲଫୁଲ ଗୋଟାଇବାକୁ ବାହାରିଥିଲେ। ବିଲ ମଧଦେଇ ଯିବା ସମୟରେ ଅସାବଧାନତା ବଶତଃ ସେ ମୁକୁଳା ପଡିଥିବା ପରିତ୍ୟକ୍ତ କୂଅରେ ପଡିଯାଇଥିଲେ। କୂଅ ଭିତରୁ ବାହାରି ନ ପାରି ସେ ମୃତ୍ୟୁବରଣ କରିଥିଲେ। ଗାଁର କେତେଜଣ ଲୋକ ସେହିବାଟ ଦେଇ ଯିବାବେଳେ ବୁଧବାରୀ କୂଅ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳବାହିନୀ ସହାୟତାରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି ବାମରା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଅଭିଯୁକ୍ତ ଗିରଫ

ଚାନ୍ଦବାଲି, ୪।୪ (ଡି.ଏନ୍.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଥାନା ଅଧୀନ ଚନ୍ଦିନୀପାଳଠାରେ ଦୁଇ ମତ୍ସ୍ୟଜୀବୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସିଙ୍ଗିଟି ଗାଁର ରତ୍ନାକର ଦାସ, ପାଇକସାହିର ଗୌତମ ଦାସ, ଟୁକୁନା ଦାସ ଓ ପ୍ରକାଶ ଦାସ। ଏନେଇ ଧାମରା ଥାନାରେ ହତ୍ୟା ମାମଲା (ନଂ.୫୦/୨୨) ରୁଜୁ କରାଯାଇଛି। ପ୍ରକାଶ ଯେ, ଚନ୍ଦିନୀପାଳ ଉଡ଼ାବାଲି ନିକଟରେ ନଦୀରେ ଜାଲ ବେଢ଼ମରାକୁ କେନ୍ଦ୍ରକରି ଗତ ୨୯ ତାରିଖରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ମତ୍ସ୍ୟଜୀବୀମାନେ ୩୧ ତାରିଖରେ ଚନ୍ଦିନୀପାଳସ୍ଥିତ ସଙ୍ଗଠନ ନିକଟରେ ଫେରାଦ ହୋଇଥିଲେ। ଏହି ସମୟରେ ସଙ୍ଗଠନ କାର୍ଯ୍ୟାଳୟ ଆଗରେ ପ୍ରତିପକ୍ଷର ୧୫ରୁ ୨୦ଜଣ ସଂଘବଦ୍ଧ ଭାବେ ଲୁହା ରଡ୍ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ୬ ମତ୍ସ୍ୟଜୀବୀ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଚାନ୍ଦବାଲି ଥାନା ଅଧୀନ ସିଙ୍ଗିଟି ଗାଁର ଜଡ଼ା ଦାସଙ୍କୁ ବାସୁଦେବପୁର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଡ଼ା କାମ କରୁଥିବା ମାଲିକ ପାଇକସାହିର ରମେଶ ଦାସ ଥାନାରେ ଅଭିଯୋଗ କରିଥିଲେ।

1st Birthday Wish

(Prachi)
Saanvi Mahapatra
Jharpara, Bhubaneswar
Well, little princess, your reign over the kingdom of our hearts has reached a full year.
Spcl. Wishes From: Jeje, Bou, Aja, Aai, Apa & Peesa, Mamu & ur loving Brother Swaroop.
ଧ-୦୧୯

ଜନ୍ମଦିନ ଶୁଭେଚ୍ଛା

ଶ୍ରୀ ହରି ନାରାୟଣ ବେବର୍ତ୍ତା
(RLY- Retd.), Office Secretary, All India Central Govt. Pensioners Association, Cuttack
ଆଜି ତୁମର ଜନ୍ମଦିନ, ୭୦ବର୍ଷରେ ପାଦଦେଲେ। ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୁମକୁ ଦୀର୍ଘଜୀବୀ ରଖନ୍ତୁ।
ଶୁଭେଚ୍ଛା ସହ: ଭାରତୀ, ସୁମିତ, ସସ୍ମିତା, ନାନନା, ସତ୍ୟ, ସୋମୁ, T.Suba Rao, ତୁମକି ପାଣ୍ଡେ, S.K. Behera, D.K. Das, Tapan Kumar Das, R.N. Tripathi (V.P) Members of all India Pensioners Association, Cuttack.
ଧ-୦୩୧

## ବନ୍ଧୁକ ମୁନରେ ୭ ଲକ୍ଷ ଟଙ୍କା, ୯୦୦ ଗ୍ରାମ୍ ସୁନା ଲୁଟ୍

ରାୟଗଡ଼ା ଅଫିସ,୪।୪

ବନ୍ଧୁକ ମୁନରେ ଜଣେ ସୁନା ବ୍ୟବସାୟୀ (ଏଜେଣ୍ଟ)ଙ୍କଠାରୁ ୭ ଲକ୍ଷ ଟଙ୍କା ଏବଂ ୯୦୦ ଗ୍ରାମ୍ ସୁନା ଲୁଟି ନେଇଛନ୍ତି ଲୁଟେରା। ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଠ ନିକଟ କାଞ୍ଚିକାୱାଲସା ଛକ ନିକଟରେ ଏଭଳି ଘଟଣା ଘଟିଛି। ଲୁଟର ଶିକାର ହୋଇଥିବା ସୁନା ବ୍ୟବସାୟୀ ହେଲେ ଆନ୍ଧ୍ରପ୍ରଦେଶର ବାଲାଜି ରାଓ।

ସୂଚନା ଅନୁଯାୟୀ, ବାଲାଜି ଏବଂ ତାଙ୍କ ସହଯୋଗୀ ଶ୍ରୀନିବାସ ରାୟଗଡ଼ା ସହରର ବିଭିନ୍ନ ସୁନା ଦୋକାନରେ ଦେଇଥିବା ସୁନାର ଟଙ୍କା ଆଦାୟ ପାଇଁ ସ୍କୁଟି ଯୋଗେ ଆନ୍ଧ୍ରର ଶ୍ରୀକାକୁଳମରୁ ଆସିଥିଲେ। ସଂଗ୍ରହ ହୋଇଥିବା ଟଙ୍କା ଏବଂ ବଳକା ସୁନା ନେଇ ଅପରାହ୍ଣରେ ଦୁହେଁ ଶ୍ରୀକାକୁଳମ ଅଭିମୁଖେ ବାହାରିଥିଲେ। ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଠ ପେଟ୍ରୋଲ ପମ୍ପରେ ତେଲ ପକାଇ ଫେରୁଥିବାବେଳେ କାଞ୍ଚିକାୱାଲସା ଛକ ନିକଟରେ ବିପରୀତ ଦିଗରୁ କଳା ରଙ୍ଗର ବୁଲେଟରେ ଆସୁଥିବା ୨ ମୁଖାପିନ୍ଧା ଦୁର୍ବୃତ୍ତ ସ୍କୁଟିକୁ ଧକ୍କା ଦେଇଥିଲେ। ବାଲାଜି ଓ ଶ୍ରୀନିବାସ ଗାଡ଼ିରୁ ତଳେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଓ ସୁନା ଥିବା ବ୍ୟାଗ୍ ଲୁଟି ନେଇଥିଲେ। ଏ ନେଇ ବାଲାଜି ଶେଷଖାଲ ଥାନାରେ ଅଭିଯୋଗ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ଓ ଶେଷଖାଲ ଥାନା ଅଧିକାରୀ ନୀଳାମ୍ବର ଜାନି ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।



ପବିତ୍ର ରମ୍‌ଜାନ୍ ମାସରେ ଉପବାସ ଅବସରରେ ସୋମବାର କଟକ କେଶରପୁର ଅଞ୍ଚଳରେ ଏକ ଦୋକାନରୁ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ଲଚ୍ଛା ଓ ଫଳ କିଣୁଛନ୍ତି।

## ଆଉ ୬ ଜିଲାରେ ଜାତୀୟ ନବନ୍ୱେଷୀ ଜଳବାୟୁ ନମନୀୟ କୃଷି ପ୍ରକଳ୍ପ ଆରମ୍ଭ

ଭୁବନେଶ୍ୱର, ୪।୪(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୋଲକାତାସ୍ଥିତ ଆଇସିଏଆର୍-ଅଟାରୀର ମିଳିତ ଆନୁକୂଲ୍ୟରେ ରାଜ୍ୟର ଆଉ ୬ ଜିଲାରେ ଜାତୀୟ ନବନ୍ୱେଷୀ ଜଳବାୟୁ ନମନୀୟ କୃଷି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସୋମବାର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିଲା। ଏହି ପ୍ରକଳ୍ପ କେନ୍ଦ୍ରାପଡ଼ା, ଗଞ୍ଜାମ ଓ କଳାହାଣ୍ଡିରେ କାର୍ଯ୍ୟକ୍ଷମ ହୋଇଆସୁଛି। ବର୍ତ୍ତମାନ ଅନ୍ୟ ୬ ଜିଲା ଭଦ୍ରକ, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ବଲାଙ୍ଗୀର ଓ କେନ୍ଦୁଝରକୁ ସମ୍ପ୍ରସାରିତ ହେବ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓୟୁଏଟି କୁଳପତି ଡ. ପୱନ କୁମାର ଅଗ୍ରୱାଲ ପରିବର୍ତ୍ତିତ ଜଳବାୟୁରେ ଚାଷୀମାନେ କିପରି ନୂତନ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଚିରନ୍ତନ ଆୟ ପାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଉକ୍ତ ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ବୈଷୟିକ କ୍ଷେତ୍ର ପ୍ରଦର୍ଶନର ଲାଭ ଓ ଆମ ରାଜ୍ୟର ସାମ୍ପ୍ରତିକ ଜଳବାୟୁ ପରିସ୍ଥିତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଇସିଏଆର୍-ଅଟାରୀର ନିର୍ଦ୍ଦେଶକ ଡ. ଏସ୍.କେ. ରାଏ ପ୍ରକଳ୍ପରେ ନୂତନ ଭାବେ ଅନ୍ତର୍ଭୁକ୍ତ ଜିଲାଗୁଡ଼ିକର ବୈଷୟିକ କାର୍ଯ୍ୟାବଳୀକୁ ଠିକ୍ ଭାବେ ନିର୍ଦ୍ଧାରଣ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଘରୋଇ କଳିରୁ ଗଛକୁ ଚଢ଼ିଲେ ମହିଳା

ବାରିପଦା ଅଫିସ, ୪।୪: କୁହାଯାଏ ରାଗ ବ୍ରହ୍ମଚଣ୍ଡାଳ। କ୍ରୋଧ ସମ୍ବରଣ କରି ନ ପାରି ବେଳେ ବେଳେ କେହିକେହି ଅଦ୍ଭୁତ ଧରଣର ଆଚରଣ ପ୍ରଦର୍ଶନ କରିବା ଅନେକ ନଜିର ରହିଛି। ପାରିବାରିକ ଅଶାନ୍ତିକୁ ନେଇ ଜଣେ ମହିଳା ୪୦ ଫୁଟ ଉଚ୍ଚ ଗଛ ଉପରେ ଚଢ଼ି ପରିବାର ଲୋକଙ୍କ ସହ ଦମକଳ ବାହନୀ କର୍ମଚାରୀଙ୍କୁ ନାକେଦମ କରିବା ଚର୍ଚ୍ଚାର ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଆମ୍ବଡିହା ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି।


ଗଛରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି।

ଗ୍ରାମର ସଞ୍ଜୟ ସିଂ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର ଚୁଲବୁଲି ସିଂ(୨୩)ଙ୍କୁ ପ୍ରେମ ବିବାହ କରି ଘରକୁ ଆଣିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ରବିବାର ରାତିରେ ଝଗଡ଼ା ହେବାରୁ ଚୁଲବୁଲି ରାଗି ଯାଇ ଘର ପାଖ ୪୦ ଫୁଟ ଉଚ୍ଚ ଏକ ଉପରୁ ଚଢ଼ିଯାଇଥିଲେ। ଶାଶୁଘର ଲୋକେ ଯେତେ ବୁଝାଇଲେ ମଧ୍ୟ ସେ ତଳକୁ ଓହ୍ଲାଇ ନ ଥିଲେ। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ତାଙ୍କୁ ତଳକୁ ଓହ୍ଲାଇବାରେ ସକ୍ଷମ ହୋଇଥିଲେ।

## ବିଦେଶୀ ଶିକ୍ଷାନୁଷ୍ଠାନ ସହ ଏମ୍‌ଓୟୁ ପ୍ରଥମ ଘଟଣା

■ ମାଲେସିଆର ସେଗୀ-ଏସ୍‌ୟୁ ମଧ୍ୟରେ ବୁଝାମଣା
■ ଉପକୃତ ହେବେ ଛାତ୍ରୀଛାତ୍ର

ସମ୍ବଲପୁର,୪।୪(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଓ ମାଲେସିଆର ସେଗୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏସ୍‌ୟୁ ଦେଶ ବାହାର ଶିକ୍ଷା ଅନୁଷ୍ଠାନ ସହିତ ଏମ୍‌ଓୟୁ କରିବା ପ୍ରଥମ ଘଟଣା। ଏଥିରେ ଉଭୟ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର, ଫେକଲ୍ଟି ଷ୍ଟାଫ୍ ଉପକୃତ ହୋଇପାରିବେ। ଶିକ୍ଷାଦାନ ସହିତ ଶିକ୍ଷା ପ୍ରଣାଳୀ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଚାଲିଚଳନ ଆଦି ଦିଗରେ ଉଭୟ ଅନୁଷ୍ଠାନର ଛାତ୍ରୀଛାତ୍ର ଜାଣିବାରେ ସୁବିଧା ହେବ। ଏହା ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସୁଯୋଗ ସୃଷ୍ଟି କରିବ। ସ୍ୱୀକୃତିପତ୍ର ପାଇବା ପରେ ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ଏମ୍‌ଓୟୁ ହେବା ଫଳରେ ଦୁଇ ବିଶ୍ୱବିଦ୍ୟାଳୟ ଭିତରେ ଶିକ୍ଷା, ତାଲିମ ଓ ଅନ୍ୟ ସବୁ ଦିଗରେ ଆଦାନପ୍ରଦାନ କରାଯିବ। ଆନ୍ତର୍ଜାତୀୟ ସେମିନାର ଗୁଡ଼ିକରେ ଛାତ୍ରୀଛାତ୍ର ଯୋଗ ଦେଇପାରିବେ। ଗବେଷଣା କ୍ଷେତ୍ରରେ ମଧ୍ୟ ସୁବିଧାସୁଯୋଗ ମିଳିବ ବୋଲି କହିଥିଲେ।

ମିଳିଥିବା ରିପୋର୍ଟ ଅନୁସାରେ ଏମ୍‌ଓୟୁ ପାଇଁ ମାଲେସିଆ ସେଗୀ ବିଶ୍ୱବିଦ୍ୟାଳୟ ସହ ୩ମାସ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମସ୍ତ ଗାଇଡ୍‌ଲାଇନ ପାଳନ କରି ଏମ୍‌ଓୟୁ ସ୍ୱାକ୍ଷର ହୋଇ ସୋମବାର ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଏମ୍‌ବିଏ ବିଭାଗର ବିଶ୍ୱଜିତ ଶତପଥୀ କହିଛନ୍ତି, ଉଭୟ ବିଶ୍ୱବିଦ୍ୟାଳୟ ଭିତରେ ପାଠ୍ୟକ୍ରମରେ କି ବିଷୟ ରହିଛି ସେ ବିଷୟରେ ଆଦାନପ୍ରଦାନ କରାଯିବ। ସେଗୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ଫେକଲ୍ଟିମାନେ ଏସ୍‌ୟୁ ପରିଦର୍ଶନ କରି ତାଲିମ ପ୍ରଦାନ କରିବେ। ଏସ୍‌ୟୁ ଛାତ୍ରୀଛାତ୍ର ମଧ୍ୟ ମାଲେସିଆ ଗସ୍ତ କରି ଶିକ୍ଷାଗ୍ରହଣ ସହ ଶିକ୍ଷାଦାନ କରିପାରିବେ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଏକ ନିଆରା ଅନୁଭୂତି ମିଳିପାରିବ। ଏହା ଏସ୍‌ୟୁର ମାନକୁ ଆହୁରି ବଢାଇ ଦେବ। ଏହା ସହ ନାକ୍ ର୍ୟାଙ୍କିଂ ପାଇବାରେ ସହଯୋଗ କରିବ।

## ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ବଡ଼ବିଲ, ୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ଜଣେ ୮ବର୍ଷର ଶିଶୁକନ୍ୟା ବଳାତ୍କାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏକୋଇଶିଆ ଚାଲିଥିବା ବେଳେ ସେଠାରେ ଥିବା ଶିଶୁ କନ୍ୟାଙ୍କୁ ଜଣେ ଯୁବକ ଟେକି ନେଇଥିବା ପରିବାର ଲୋକେ ଜାଣିବାକୁ ପାଇ ଖୋଜାଖୋଜି କରିଥିଲେ। ବହୁ ସମୟ ପରେ ଅଭିଯୁକ୍ତ ଜଣକ ଶିଶୁ କନ୍ୟାଙ୍କୁ ଆଣି ଛାଡି ଦେଇଥିଲେ। ଶିଶୁଟି ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ବାପାଙ୍କ ଋଣ ଶୁଝିବାକୁ ଦିବ୍ୟାଙ୍ଗ ଝିଅଙ୍କୁ ନୋଟିସ୍

ଉଦଳା,୪।୪(ଡି.ଏନ.ଏ.): ଋଣ କରିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଦିବ୍ୟାଙ୍ଗ ଝିଅ ପାଖକୁ ପରିଶୋଧ ନୋଟିସ ପଠାଇଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ତେବେ ଅସହାୟ ଅବସ୍ଥାରେ ଜୀବନ ବିତାଉଥିବା ଦିବ୍ୟାଙ୍ଗ ଝିଅ ଏବେ କିପରି ଋଣ ପରିଶୋଧ କରିବେ ତାହା ଚର୍ଚ୍ଚାର ବିଷୟ ହୋଇଛି।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଫୁଲଝରି ଗ୍ରାମର କୁଶଧର ନାଏକ ଆଜକୁ ୧୫ ବର୍ଷ ତଳେ ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଛେଳି ଋଣ କରିଥିଲେ। ୧୦ ବର୍ଷ ହେଲା କୁଶଧରଙ୍କର ମୃତ୍ୟୁ ହୋଇସାରିଛି। ତାଙ୍କର ୪ ଝିଅଙ୍କ ମଧ୍ୟରୁ ୩ଜଣ ବାହା ହୋଇ ସାରିଛନ୍ତି। ଏକ ମାତ୍ର ପୁଅ ମଧ୍ୟ ଆରପାରିକୁ ଚାଲି ଯାଇଛନ୍ତି। ଏବେ ଘରେ କେବଳ ଦିବ୍ୟାଙ୍ଗ ଝିଅ ରଞ୍ଜିତା ରହୁଛନ୍ତି। ଯିଏକି ୮୦ ପ୍ରତିଶତ ଭିନ୍ନକ୍ଷମ। ସେ କଥା କହି ପାରନ୍ତିନି କିମ୍ବା କିଛି ବୁଝି ପାରନ୍ତିନି। ହେଲେ କିଛି ଦିନ ତଳେ ବ୍ୟାଙ୍କ କର୍ତ୍ତୃପକ୍ଷ କୁଶଧର ନେଇଥିବା ଋଣ ଟଙ୍କା ପରିଶୋଧ ନିମନ୍ତେ ରଞ୍ଜିତାଙ୍କ ପାଖକୁ ଏକ ନୋଟିସ୍ ପଠାଇଛନ୍ତି। ଋଣ ବାବଦକୁ ମୋଟ ୪୬ ହଜାର ୯୧୦ ଟଙ୍କା ପରିଶୋଧ କରିବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି। କିଛିଦିନ ହେଲା ରଞ୍ଜିତାଙ୍କ ପାଖରେ ରହୁଥିବା ବିଧବା ଭଉଣୀ ସୁଭଦ୍ରା ଏହି ନୋଟିସ୍ ଦେଖି ତାଜୁବ୍। ଋଣ ଟଙ୍କା ତୁରନ୍ତ ପରିଶୋଧ ନ କଲେ ଘରେ ନାଲି ପତାକା ଲଗାଇ ଦେବେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଧମକ ଦେଇଥିବା କହିଛନ୍ତି ସୁଭଦ୍ରା। ଏ ସଂକ୍ରାନ୍ତରେ ବ୍ୟାଙ୍କ ଶାଖା ପରିଚାଳକ ଚିନ୍ତାମଣି ଦାସଙ୍କୁ ପଚାରିବାରୁ ଏକ୍ଷେତ୍ରରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି କୁଶଧରଙ୍କ ବିଦ୍ୟାଙ୍ଗ ଝିଅ କିପରି ଋଣ ମୁକ୍ତ ହୋଇ ପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ୯ ଜିଲାର ରାଜସ୍ୱ ସମସ୍ୟା ସମୀକ୍ଷା କଲେ ସଚିବ

**ରାଜସ୍ୱ ବିଭାଗ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ପ୍ରତି ମାସରେ ଦରକାର**

ଭୁବନେଶ୍ୱର,୪।୪(ବ୍ୟୁରୋ)

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହିତ ଦକ୍ଷିଣାଞ୍ଚଳର ଅନ୍ୟ ଜିଲାଗୁଡ଼ିକର ମୁଖ୍ୟ ରାଜସ୍ୱ ସମସ୍ୟାଗୁଡ଼ିକ ସମ୍ପର୍କିତ ଆଲୋଚନା ହୋଇଛି। ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗଞ୍ଜାମ ଜିଲା ଗସ୍ତ କରି ସେଠାର ରାଜସ୍ୱ ବିଭାଗ କାର୍ଯ୍ୟର ସମୀକ୍ଷା କରିବା ସହିତ ଅନ୍ୟ ୯ ଜିଲାର ମୁଖ୍ୟ ରାଜସ୍ୱ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସମୀକ୍ଷା ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଆପାଙ୍ଗ ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଞ୍ଚାସୀନ ଥିବାବେଳେ ଜିଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଏହି ଅବସରରେ କହିଛନ୍ତି, ଜିଲାପାଳମାନେ ଜିଲାର ସବୁ ବିଭାଗର ଉନ୍ନୟନ କାର୍ଯ୍ୟ ଦେଖି ସବୁ ଯୋଜନାର ସଫଳ ରୂପାୟନ କରିବା ସେମାନଙ୍କ ଦାୟିତ୍ୱ। ଜିଲାପାଳମାନେ ସମସ୍ତ ଉନ୍ନୟନ କାର୍ଯ୍ୟ ସହିତ ଜନହିତକର ଯୋଜନାଗୁଡ଼ିକ କିଭଳି ଠିକ୍ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେନେଇ ଗୁରୁତ୍ୱ ଦେବା ଜରୁରୀ। ରାଜସ୍ୱ ବିଭାଗର କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ପ୍ରତି ମାସରେ ହେବା ଉଚିତ, ତେବେ ଯାଇ ସମସ୍ୟାଗୁଡ଼ିକରେ ସୁଧାର ଆସିବ। ଜମିଜମା ମାମଲାର ସମାଧାନ, ରାଜସ୍ୱ ଆଦାୟ ସମେତ ଜନସାଧାରଣଙ୍କୁ ଯୋଗାଯାଉଥିବା ସେବାଗୁଡ଼ିକ କିଭଳି ସୀମିତ ସମୟସୀମା ମଧ୍ୟରେ ଯୋଗାଇ ଦିଆଯାଇପାରିବ ପଦକ୍ଷେପ ଗ୍ରହଣ କରନ୍ତୁ। ଜମି ଅଧିଗ୍ରହଣ ଓ ହସ୍ତାନ୍ତର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଦରକାର। ଉନ୍ନୟନ କାର୍ଯ୍ୟ ଲାଗି ଲଘୁ ଖଣିଜ ଦ୍ରବ୍ୟ ଆବଶ୍ୟକ, ତେଣୁ ସେଗୁଡ଼ିକୁ ନିୟମିତ ଯୋଗାଇବା ଦିଗରେ ବିଳମ୍ବ ଯେମିତି ହେବନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ପ୍ରତି ଅଞ୍ଚଳରେ ଆର୍.ଆଇ. କାର୍ଯ୍ୟାଳୟ ନିର୍ମାଣ ହେବ। ଏଣୁ ଜମି ଚିହ୍ନଟ କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ସହ ୨୦୨୩ ମାର୍ଚ୍ଚ, ଏପ୍ରିଲ୍ ସୁଦ୍ଧା କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ଦରକାର। ଓ.ଆର୍.ଏସ୍. ଏବଂ ଓଏଏସ୍. ଅଧିକାରୀମାନେ ସେମାନଙ୍କ ପଦୋନ୍ନତି ସକାଶେ ଭୁବନେଶ୍ୱର ଯିବା ଆବଶ୍ୟକ ନାହିଁ। ଲଘୁ ଖଣିଜ ଦ୍ରବ୍ୟ କିଭଳି ଚୋରାଚାଲାଣ ହେବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ ସେ ଜଣାଇଛନ୍ତି। ସରକାରୀ ବିଦ୍ୟାଳୟ ଏବଂ ଯୁକ୍ତ୨ ବିଦ୍ୟାଳୟଗୁଡ଼ିକ ନିମନ୍ତେ ପଟ୍ଟା ପ୍ରଦାନ କରିବା ଦିଗରେ ବିଳମ୍ବ ନ କରିବାକୁ ସେ କହିଛନ୍ତି। ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟଗୁଡ଼ିକରେ ଅନ୍‌ଲାଇନ୍ ସେବା ଉପଲବ୍ଧ କରାଇବା ସହିତ କେଉଁସେବା ବାବଦକୁ କେତେ ଟଙ୍କା ପଇଠ କରିବାକୁ ପଡିବ ସେନେଇ ତାଲିକା ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଗଲେ ଦଲାଲ୍‌ମାନଙ୍କ ଠକାମିରୁ ଜନସାଧାରଣ ବର୍ତ୍ତିପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

✓ଚୌଧୁରୀ ରାଜକିଶୋର ଦାଶ
ପୁଣ୍ୟ ତିଥି: ୦୫.୦୪.୨୦୨୨
ସତ୍ୟ ସିନା ମୃତ୍ୟୁ ହେଲେ... ଆତ୍ମା ତ ଅମର
ମନରେ - ପ୍ରାଣରେ - ସ୍ମୃତିରେ
ତୁମେ ବିଦ୍ୟମାନ
ହେ ଯଶସ୍ୱୀ ଘେନ ଆମ ଚିର ନମସ୍କାର।
:: ଶୋକସନ୍ତପ୍ତ ::
ସହଧର୍ମିଣୀ: କାନ୍ତିଲତା ଓ ପରିବାରବର୍ଗ
୮୦୨, ମହାବୀର ନଗର, ଝାରପଡ଼ା, ଭୁବନେଶ୍ୱର, ମୋ-୯୪୩୭୪୫୧୩୦୭
ଧ-୦୩୨

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉପକାରୀ ଅଦା



**ମହିଳାମାନେ ସାଧାରଣତଃ ଘରୋଇ ଉପଚାରକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଯଦି ଆପଣ ବି ଏପରି କରୁଥାନ୍ତି ତେବେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରିରହିଥିବା ଅଦାକୁ ନେଇ କିପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବେ ଜାଣିରଖନ୍ତୁ ଟିପ୍ସ...**

- ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।
- ପାଟିରେ ଘା’ ବା ଛାଲ ହେବାଦ୍ୱାରା ଖାଇବାରେ ଅନେକଙ୍କୁ ଅସୁବିଧା ହୋଇଥାଏ। ହେଲେ ଯଦି ଆପଣ ଖଣ୍ଡେ ଅଦାକୁ ଚୋବାଇ ଚୋବାଇ ଖାଇବେ ତେବେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଆପଣଙ୍କୁ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ।
- କାଶ ହେଉଥିଲେ ଅଦା ରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ। ଏହା ଥଣ୍ଡା ମଧ୍ୟ ଦୂର କରିଥାଏ। ଏଥିପାଇଁ ଆପଣ ଅଦା ଚା’ ପିଇପାରିବେ।
- ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭-୮ ଦିନ ମଧ୍ୟରେ ଭୋକ ମଧ୍ୟ ଲାଗିବା ଆରମ୍ଭ ହୋଇଥାଏ।
- ସେହିପରି ବଦହଜମି, ଆମ୍ଳିଆ ହାକୁଟି, ଗ୍ୟାସ୍ ଆଦି ସମସ୍ୟା ଦୂରେଇବାରେ ଅଦା ବେଶ୍ ଉପକାରୀ। ଅଦା ରସରେ ଜୁଆଣି, ସୈନ୍ଧବ ଲବଣ, ଲେମ୍ବୁରସ ମିଶାଇ ପ୍ରତିଦିନ ୨ ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ଏସବୁ ସମସ୍ୟାରୁ ଉପଶମ ମିଳିଥାଏ।

# ଖରାଦିନିଆ ଶାଢ଼ି



**ଖରାଦିନେ ପ୍ରବଳ ଗରମ ଏବଂ ଝାଳ ହେଉଥିବାରୁ ମହିଳାମାନେ କେଉଁ ଭଳି ଶାଢ଼ି ପିନ୍ଧିଲେ ଆରାମଦାୟକ ଲାଗିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି। ଯଦି ଆପଣ ବି କେଉଁ ଶାଢ଼ି ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଆଟ୍ରାକ୍ଟିଭ୍ ଲାଗିବେ ବୋଲି ଚିନ୍ତାରେ ଅଛନ୍ତି ତେବେ ଜାଣିରଖନ୍ତୁ ଏହି ଟିପ୍ସ...**

- କଟନ ଶାଢ଼ି ପିନ୍ଧୁଥିଲେ ଏହା ଆପଣଙ୍କୁ ଖରା ଓ ଗୁଳୁଗୁଳିରୁ ରକ୍ଷା କରିବ। ଏହା ଝାଳକୁ ଆବ୍‌ଜର୍ବ କରିନେବା ସହ ଏହାକୁ ପିନ୍ଧିଲେ ଥଣ୍ଡା ଏବଂ ଆରାମଦାୟକ ଲାଗିଥାଏ। କଟନର ବିଭିନ୍ନ ପ୍ରକାର ଶାଢ଼ି ମାର୍କେଟ୍‌ରେ ଉପଲବ୍ଧ।
- ସିର୍ ଶାଢ଼ି ମୁଖ୍ୟତଃ ଖରାଦିନେ ପିନ୍ଧିବାକୁ ତିଆରି କରାଯାଇଥାଏ। ଏହା ବ୍ରିଟିଶ୍ ଅମଳରୁ ବୁଣାଯାଉଥିବା ଶାଢ଼ି ଯାହାର ଭାରତରେ ସ୍ୱତନ୍ତ୍ର ପରିଚୟ ଅଛି। ଓଢଣି କିମ୍ବା ହାଲୁକା ଝାଳର ପରି ଦେଖାଯାଉଥିବା ଏହି ଶାଢ଼ି ପିନ୍ଧିବାକୁ ଖୁବ୍ ଆରାମଦାୟକ।
- ଖଦି ଶାଢ଼ି ବି ଆପଣ ଖରାଦିନେ ଚାହିଁଲେ ପିନ୍ଧିପାରିବେ। ଏହାର ଲୁକ୍ ସୁନ୍ଦର ହୋଇଥିବାରୁ ଏହାକୁ ଅଧିକାଂଶ ମହିଳା ପିନ୍ଧିବାକୁ ପସନ୍ଦ କରନ୍ତି।
- ଅନେକଙ୍କର ଧାରଣା ଥାଏ ସିଲ୍କ ଶାଢ଼ି ଖରାଦିନେ ପିନ୍ଧିବା ଦ୍ୱାରା ବହୁତ ଗରମ ଲାଗିଥାଏ। କିନ୍ତୁ ବଜାରରେ ଏବେ ଏପରି କିଛି ସିଲ୍କ ଶାଢ଼ି ଉପଲବ୍ଧ ଯାହାକୁ ପିନ୍ଧିବା ଦ୍ୱାରା ଷ୍ଟାଇଲିଶ୍ ଦେଖାଯିବା ସହ ବେଶ୍ କମ୍ଫର୍ଟେବଲ୍ ମଧ୍ୟ ଫିଲ୍ କରିବେ।

## ଖାଦ୍ୟରୁଚି: କୋକୋନଟ୍ କୁକିଜ୍

**ଆବଶ୍ୟକ ସାମଗ୍ରୀ:** ମଇଦା-୧ କପ୍, ବେକିଂ ପାଉଡର- ୧/୨ ଚାମଚ, ଚିନି-୧/୨ କପ୍, ବଟର-୧/୨ କପ୍, ଭାନିଲା ଏସେନ୍ସ- ୨-୩ ଡ୍ରପ୍, ନଡ଼ିଆ ପାଉଡର-୩ କପ୍, କ୍ଷୀର-୧/୨ କପ୍

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଏକ ପାତ୍ରରେ ମଇଦା ଏବଂ ବେକିଂ ପାଉଡର ଏକାଠି ନେଇ ଘାଣ୍ଟି ଦିଅନ୍ତୁ। ଏକ ଛଣାରେ ଭଲ ଭାବେ ଚଲାଇ ଦିଅନ୍ତୁ, ଯେପରି କୌଣସି ବଡ଼ ଦାନା ବା ଖଦଡ଼ା ନ ରୁହେ। ଅନ୍ୟ ଏକ ପାତ୍ରରେ ଚିନି, ଲୁଣ ଏବଂ ବଟରକୁ ଭଲ ଭାବେ ଗୋଳାଇ ଦିଅନ୍ତୁ ଓ ପରେ ଭାନିଲା ଏସେନ୍ସ ଓ ନଡ଼ିଆଗୁଣ୍ଡ ପକାଇ ମିଶାନ୍ତୁ। ଏବେ ପୂର୍ବ ପ୍ରସ୍ତୁତ ମଇଦା ଏବଂ ବେକିଂ ପାଉଡର ପକାଇ ଗୋଳାନ୍ତୁ। ପରେ ସେଥିରେ ଅଳ୍ପ କ୍ଷୀର ପକାଇ ଘାଣ୍ଟନ୍ତୁ, ଯେମିତି ସେଗୁଡ଼ିକୁ ଗୋଲ ଗୁଳା ଆକାରର କରିହେବ। ଏକ ଟ୍ରେରେ ସାମାନ୍ୟ ତେଲ ଲଗାଇ ସେହି ଗୋଲ ଗୁଳାଗୁଡ଼ିକୁ ଅଳ୍ପ ଚେପ୍‌ଟା କରି ସେଥିରେ ରଖନ୍ତୁ। ଏବେ ଟ୍ରେକୁ ନେଇ ଓଭେନ୍‌ରେ ୧୫-୨୦ ମିନିଟ୍ ପାଇଁ ରଖନ୍ତୁ। ଏହା ହାଲ୍‌କା ହଳଦିଆ ରଙ୍ଗ ଆସିବା ପରେ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଓ ଅଳ୍ପ ସମୟ ପାଇଁ ଥଣ୍ଡାରେ ରଖିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କୋକୋନଟ୍ କୁକିଜ୍। ଏହାକୁ ଆପଣ ଯେକୌଣସି ସମୟରେ ଖାଇପାରିବେ।



# ସୌନ୍ଦର୍ଯ୍ୟ

# ଦୂରାନ୍ତୁ ଆଖି ତଳ କଳା...



**ଆଖି ମଣିଷର ସୁନ୍ଦରତା ବଢ଼ାଇଥାଏ। ହେଲେ ବିଭିନ୍ନ କାରଣରୁ ଆଖି ତଳ କଳା ପଡ଼ିଥାଏ। ଯାହାକୁ ଦୂରକରିବା ପାଇଁ ଅନେକେ ବିଭିନ୍ନ କ୍ରିମ୍, ମେଡିସିନ୍ ଆଦି ବ୍ୟବହାର କରିଥାନ୍ତି। ହେଲେ ଆପଣ ଚାହିଁଲେ ବିଭିନ୍ନ ଘରୋଇ ଉପଚାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ...**

- କକୁମ୍ବର ବା କାକୁଡ଼ି ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। କାକୁଡ଼ିକୁ କାଟି ଆଖି ଉପରେ ରଖିବା ଦ୍ୱାରା ଏହା ଆଖିକୁ ଥଣ୍ଡା ରଖିବା ସହ ଆପଣଙ୍କୁ ଆରାମ ପ୍ରଦାନ କରିବ ଏବଂ କଳାଦାଗ ମଧ୍ୟ ଦୂରହୋଇଯିବ।
- ବ୍ୟବହାର କରିସାରିଥିବା ଟି ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ।
- ରାତିରେ ଶୋଇବା ପୂର୍ବରୁ ଅଧା ଚାମଚ ବାଦାମତେଲ ଏବଂ ୨ ବୁନ୍ଦା ମହୁର ମିଶ୍ରଣକୁ ଆଖି ତଳେ ଲଗାଇ କିଛି ସମୟ ପରେ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ।
- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।
- ଆଖିକୁ ରେଷ୍ଟ ନ ମିଳିବା ଦ୍ୱାରା ମଧ୍ୟ ଆଖି ତଳ କଳା ପଡ଼ିଥାଏ। ଏଥିପାଇଁ ଅତି କମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।



# ବ୍ୟବହାର ଦିଏ ପରିଚୟ



**ଉତ୍ତମ ବ୍ୟବହାର ଏବଂ କାର୍ଯ୍ୟକଳାପ ହିଁ ମଣିଷର ପରିଚୟ। କାରଣ ଏହାହିଁ ଅନ୍ୟମାନଙ୍କର ହୃଦୟ ଜିଣି ସଭିଙ୍କ ପ୍ରିୟପାତ୍ର କରାଇବାରେ ସାହାଯ୍ୟ କରିଥାଏ। ହେଲେ ବେଳେ ବେଳେ ବହୁ ଭଲ ଗୁଣ ଥିଲେ ସୁଦ୍ଧା ଅନେକଙ୍କୁ ପ୍ରିୟଭାଜନ ହେବାରୁ ବଞ୍ଚିତ କରିଥାଏ। ତେଣୁ ଯଥା ସମୟରେ ନିଜ ବଦଗୁଣ ସୁଧାରିନେବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...**



ଅଧିକାଂଶ ମହିଳା ଏକାଠି ହେବାମାତ୍ରେ ଗପସପରେ ମସ୍‌ଗୁଲ ହୋଇଯାଆନ୍ତି। ଘର ପରିବାରଠୁ ଆରମ୍ଭକରି ରୋଷେଇବାସ, ଲୁଗାପଟା ଏବଂ ଅନ୍ୟମାନଙ୍କ ସମ୍ପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲେ ଆଲୋଚନା। ଏମିତିରେ ଅଜାଣତରେ କରୁଥିବା କେଉଁ ଭୁଲ୍ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ନିଜେ ବୁଝିବା ସହ ଯଥାଶୀଘ୍ର ଏହାକୁ ସୁଧାରିବା ଆବଶ୍ୟକ...

**ଜରୁରୀ ବାକ୍ ସଂଯମ:** ଅନେକ ମହିଳା ଅଛନ୍ତି ଯେଉଁମାନେ ସାଧାରଣ କଥାରେ ବି ହଠାତ୍ ରାଗିଯାଇ ଯୁକ୍ତିକରିବା, ବାକ୍‌ସଂଯମ ହରାଇ ଅନ୍ୟକୁ ମାସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ବି ପଛାନ୍ତି ନାହିଁ। ଏପରି କରିବା ଦ୍ୱାରା ଯେ ସେମାନେ ନିଜ ପ୍ରତି ଅନ୍ୟମାନଙ୍କ ଦୃଷ୍ଟିରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରୁଛନ୍ତି ଏବଂ ସମସ୍ତେ କଳିହୁଡ଼ି ବୋଲି ଘୃଣା ଦୃଷ୍ଟିରେ ଦେଖୁଛନ୍ତି ସେ ଦିଗରେ ଅବଗତ ନ ଥାନ୍ତି। ତେଣୁ କ୍ରୋଧ ଭାବନା, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣଠାରୁ ଦୂରେଇ ରହି ମିଷ୍ଟଭାଷୀ ହୁଅନ୍ତୁ।

**କୁହନ୍ତୁ ନାହିଁ ଉପରେ ପଡ଼ି:** ଉପରେ ପଡ଼ି ଅନ୍ୟ କଥାରେ ମୁଣ୍ଡ ଖେଳାଇବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ଅନ୍ୟ କେହି ନିଜ ବ୍ୟକ୍ତିଗତ ଜୀବନରେ ମୁଣ୍ଡଖେଳାଇବା ସମସ୍ତଙ୍କୁ ପସନ୍ଦ ନୁହେଁ। ଏପରି





କରିବା ଦ୍ୱାରା ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ତେଣୁ କେହି ଆପଣଙ୍କୁ ପରାମର୍ଶ ନ ମାଗିବା ପର୍ଯ୍ୟନ୍ତ ଉପରେ ପଡ଼ି କାହାର ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ ଆଦୌ କରନ୍ତୁ ନାହିଁ।

**ଅନ୍ୟର ଚର୍ଚ୍ଚା :** ଅନ୍ୟର ଦୋଷତ୍ରୁଟି ଖୋଜିବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ’ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥାଏ, ଏକଥା ଅନେକେ ଭୁଲିଯାଆନ୍ତି। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ଆବଶ୍ୟକ। କାରଣ ଏପରି ନ କଲେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏକ ଭଲ ଭାବନା ସୃଷ୍ଟି ହୋଇପାରିବ।

**ଆତ୍ମପ୍ରଶଂସା:** ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେ ଆପେ ସମସ୍ତଙ୍କ ମୁଖରୁ ପ୍ରଶଂସା ବାହାରେ। ହେଲେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇବୁଲନ୍ତି। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବାଦ୍ୱାରା ପରିହାସର ପାତ୍ରୀ ହେବାକୁ ପଡ଼ିପାରେ ଏକଥା ଅନେକେ ଭୁଲିଯାଆନ୍ତି। କେବଳ ଏତିକି ନୁହେଁ, ଏହାଦ୍ୱାରା ଶିଷ୍ଟାଚାର ଦୃଷ୍ଟିରୁ ଆପଣଙ୍କ କଥା ଶୁଣୁଥିବା ଲୋକମାନେ ମଧ୍ୟ ଧୀରେ ଧୀରେ ଦୂରେଇବା କିମ୍ବା ଅଣଦେଖା କରିବା ଆରମ୍ଭ କରିଦେବେ।

**ଠିକ୍ ନୁହେଁ ପର ନିନ୍ଦା:** କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟିକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଅନ୍ୟର ପ୍ରଶଂସା କରିବା ଶିଖନ୍ତୁ। ହେଲେ ମନେରଖନ୍ତୁ, କାମ ହାସଲ କରିବା ଉଦ୍ଦେଶ୍ୟରେ ମଧ୍ୟ କାହାକୁ ଅଯଥା ପ୍ରଶଂସା କରିବା ବି ଠିକ୍ ନୁହେଁ।



## କ’ଣ କୁହନ୍ତି ଏମାନେ...

**ଅନୁପମା ମିଶ୍ର (ଗୃହିଣୀ, କୋରୁଆ ଶାସନ, ଭଦ୍ରକ)**



କେତେଜଣଙ୍କୁ ଉପରେ ପଡ଼ି କଥା ହେବା କିମ୍ବା କାହାର ଝଗଡ଼ାରେ ମୁଣ୍ଡ ପୂରାଇବାକୁ ଭଲ ଲାଗେ। ସେସବୁ କରିବା ଆଦୌ ଠିକ୍ ନୁହେଁ। ସେମିତି କିଛି ପରିସ୍ଥିତି ଆସିଲେ ମୁଁ ଚୁପ୍ ରହିବାକୁ ଠିକ୍ ମଣିଥାଏ। ଏହାଦ୍ୱାରା ନିଜ ବ୍ୟବହାର ଓ ଚରିତ୍ର ଠିକ୍ ରହିଥାଏ ଏବଂ ଅନ୍ୟ କାହାକୁ ମୋ ବ୍ୟକ୍ତିତ୍ୱ ଉପରେ ଆଙ୍ଗୁଳି ଉଠାଇବାକୁ ସାହସ ହୋଇ ନ ଥାଏ। ନିଜ କାମରେ ନିଜେ ବ୍ୟସ୍ତ ରହେ। ପରିବାର, ସାହି ପଡ଼ିଶା ସମସ୍ତଙ୍କ ସହ ମନ ଖୋଲି ମିଶେ। କିନ୍ତୁ କୌଣସି ଝଗଡ଼ାରେ ଭାଗ ନିଏନି କି କାହା ନାଁ ରେ ଚୁଗୁଲି କରିବାକୁ ଠିକ୍ ଭାବେନି।

**କଲ୍ୟାଣୀ ପଣ୍ଡା** ( ଅଧ୍ୟାପିକା, ଶ୍ରୀହରି ବିହାର, ଜଟଣୀ, ଖୋର୍ଦ୍ଧା)-



ଆତ୍ମସମ୍ମାନ ରକ୍ଷା କରିବା ପ୍ରତ୍ୟେକ ମଣିଷର ଏକ ଗୁରୁଦାୟିତ୍ୱ। କାରଣ ଏହାହିଁ ସମାଜରେ ଏକ ପରିଚୟ ଦିଏ। ଦେଖିଛି, ଅନେକ ମହିଳା ସାମାନ୍ୟ ପ୍ରଶଂସା ପାଇଲେ ଆତ୍ମବିଭୋର ହୋଇ ଅନେକ କଥା ଗପି ଦିଅନ୍ତି, ଯାହାକି ଅପରପକ୍ଷେ ସେମାନଙ୍କ ସମ୍ମାନ ହାନି କରାଇଥାଏ। ମୁଁ ଆଦୌ ସେଭଳି ନ କରିବା ପ୍ରତି ଯତ୍ନଶୀଳ ରୁହେ। କଥା ହେବା ବେଳେ ବାକ୍ ସଂଯମ ରକ୍ଷାକରେ।

# ରାହୁଲ, ହୁଡାଙ୍କ ଦୃଢ଼ ବ୍ୟାଟିଂ

ମୁମ୍ବାଇ, ୪।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଛି। ଅଧିନାୟକ ଲୋକେଶ ରାହୁଲ ଓ ଦୀପକ ହୁଡାଙ୍କ ଦୃଢ଼ ବ୍ୟାଟିଂ ସହାୟତାରେ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**

**ସ୍ଥାନ: ମୁମ୍ବାଇ**

**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଲକ୍ଷ୍ନୌ ଦଳ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଛି।

ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ୮ ରନରେ ପ୍ରଥମ, ୧୬ରେ ଦ୍ୱିତୀୟ ଏବଂ ୨୭ ରନରେ ତୃତୀୟ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ଅଧିନାୟକ ଲୋକେଶ ରାହୁଲ ଓ ଦୀପକ ହୁଡା ୪ର୍ଥ ଉଇକେଟରେ ୬୨ ବଲ୍‌ରୁ ୮୭ ରନ ଯୋଗକରି ଇନିଂସ ସମ୍ଭାଳି ନେଇଥିଲେ। ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳିଥିବା ହୁଡା ୩୩ ବଲ୍‌ରୁ ୩ ଚୌକା ଓ ୩ ଛକା ସହାୟତାରେ ୫୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ହାଇଦ୍ରାବାଦକୁ ବ୍ରେକ୍ ଥ୍ରୁ ଦେଇଥିଲେ ରୋମାରିଓ ଶେଫର୍ଡ। ରାହୁଲ ୫୦ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୬୮ ରନ କରି ଟି. ନଟରାଜନ୍‌ଙ୍କ ୟର୍କରର ଶିକାର ହୋଇଥିଲେ। ରାହୁଲ ରିଭ୍ୟୁ ନେଇଥିଲେ ହେଁ ଫଳାଫଳ ନଟରାଜନଙ୍କ ସପକ୍ଷରେ ଯାଇଥିଲା। ଭଲ ଫର୍ମରେ ଥିବା ଆୟୁଷ ବୋଦୋନି ୧୯ ରନକରି ଇନିଂସର ଶେଷ ବଲ୍‌ରେ ରନ୍‌ଆଉଟ ହୋଇ ଯାଇଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର, ରୋମାରିଓ ଶେଫର୍ଡ ଓ ଟି. ନଟରାଜନ ୨ଟି ଲେଖାଏ ଉଇକେଟ ନେଇଥିଲେ।



ପାର୍ଟନରଶିପ୍ ଅବସରରେ ଲୋକେଶ ରାହୁଲ ଓ ଦୀପକ ହୁଡା।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୯/୭ (ଲୋକେଶ ରାହୁଲ-୬୮, ଦୀପକ ହୁଡା-୫୧, ୱାଶିଂଟନ ସୁନ୍ଦର-୨/୨୮, ରୋମାରିଓ ଶେଫର୍ଡ-୨/୪୨, ଟି. ନଟରାଜନ-୨/୨୬)।

## ପୁରୁଷ ଟ୍ରାପ୍‌ରେ ଭାରତକୁ ବ୍ରୋଞ୍ଜ

**ଲିମା, ୪।୪ (ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପରେ ଭାରତ ପଦକ ଖାତା ଖୋଲିଛି। ପୁରୁଷ ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତର କିନାନ ଚେନାଇ, ମାନବାଦିତ୍ୟ ସିଂ ରାଠୋର ଓ ଶପଥ ଭରଦ୍ୱାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ମୁକାବିଲାରେ ଭାରତୀୟ ଦଳ ବ୍ରାଜିଲକୁ ଶୁଟ୍-ଅଫ୍ ମାଧ୍ୟମରେ ପରାଜିତ କରିଥିଲା। ୫ଟି ସିରିଜରେ ୫ଟି ଲେଖାଏ ଶୁଟ୍ ପରେ ୫-୫ ସ୍ଥିତିରେ ମ୍ୟାଚ ଟାଇ ରହିଥିଲା। ଶୁଟ୍-ଅଫ୍ ପର୍ଯ୍ୟାୟରେ ଭାରତ ଶୁଟ୍ କରିବାରେ ସକ୍ଷମ ହୋଇଥିବାବେଳେ ବ୍ରାଜିଲ ମିସ୍ କରିଥିଲା। ୧୧ ଦଳବିଶିଷ୍ଟ କ୍ୱାଲିଫିକେଶନ ରାଉଣ୍ଡରେ ଭାରତ ୨୨୫ରୁ ୨୦୫ ସ୍କୋର କରି ୪ର୍ଥ ସ୍ଥାନରେ ରହିଥିଲା। ଫଳରେ ୨୦୭ ସ୍କୋର କରି ତୃତୀୟ ସ୍ଥାନରେ ଥିବା ବ୍ରାଜିଲ ସହିତ ବ୍ରୋଞ୍ଜ ପଦକ ମୁକାବିଲା ହୋଇଥିଲା। ଟାଇଟଲ ପର୍ଯ୍ୟାୟରେ ସ୍ପେନ୍‌କୁ ହରାଇ ଆମେରିକା ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ଟ୍ରାପ୍ ଇଭେଣ୍ଟରେ ଭାରତର ଭେଟେରାନ ଶଗୁନ ଚୌଧାରୀ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟରେ କିନାନ ଚେନାଇ ଓ ରାଜେଶ୍ୱରୀ କୁମାରୀ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨-୬ରେ ହାରିଯାଇଥିଲେ। ପ୍ରତିଯୋଗିତା ବୁଧବାର ଶେଷ ହେବ।

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୪।୪
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଏଲିଟ ଗ୍ରୁପ୍-ବି ମ୍ୟାଚ ତ୍ରିଭେନ୍ଦ୍ରମଠାରେ ଚଳିତ ମାସ ୧୮ରୁ ମେ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ ହୋଇଛି। ମଧୁସ୍ମିତା ବେହେରାଙ୍କୁ ଦଳର ଅଧିନାୟିକା ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ ୧୫ ତାରିଖରେ ତ୍ରିଭେନ୍ଦ୍ରମ ଯିବ। ସେଠାରେ ୨ ଦିନ ଅଭ୍ୟାସ କରିବାପରେ ୧୮ ତାରିଖରେ ଛତିଶଗଡ଼ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଏହାପରେ ଦଳ ୧୯ରେ ବିହାର, ୨୧ରେ ତ୍ରିପୁରା, ୨୨ରେ ଝାଡ଼ଖଣ୍ଡ ଓ ୨୪ରେ ତାମିଲନାଡୁ ବିପକ୍ଷରେ ମୁକାବିଲା କରିବ। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

**ବିସିସିଆଇ ସିନିୟର ମହିଳା ଟି୨୦**



ମଧୁସ୍ମିତା ବେହେରା

**ଓଡ଼ିଶା ଦଳ:** ମଧୁସ୍ମିତା ବେହେରା (ଅଧିନାୟିକା), କାଜଲ ଜେନା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ, ପ୍ରଜ୍ଞାପାରମିତା ମହାନ୍ତି (ଉଇକେଟ କିପର), ତନ୍ମୟୀ ବେହେରା, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ମାଧୁରୀ ମେହେଟା, ପୁନମ ନାୟକ, ମୋନାଲିସା ରାଉତ (ଉଇକେଟ କିପର), ରାମେଶ୍ୱର ନାଏକ, ସୁଜାତା ମଲିକ, ତରାନ୍ନା ପ୍ରଧାନ, ବନଲତା ମଲିକ, ପ୍ରିୟଙ୍କା ସାହୁ, ରସନାରା ପରୱିନ, ଲକ୍ଷ୍ମୀପ୍ରିୟା ନାଏକ, ସୁନୀତା ମୁର୍ମୁ, ସରୋଜିନୀ ଗିରି, ଶିଳ୍ପା ସ୍ୱାଇଁ। ଷ୍ଟାଇଣ୍ଡବାଇ: ରଶ୍ମିତା ଚିହ୍ନାରା, କୁନି ବଦରା, ରାଜଶ୍ରୀ ସ୍ୱାଇଁ, ଅଞ୍ଜଳି ସିଂ, ଶୁଭଲକ୍ଷ୍ମୀ ରାଉତ। ମୁଖ୍ୟ କୋଚ୍: ସୁରେଶ କୁମାର, କୋଚ୍: ବିକାଶ ସ୍ୱରୂପ ପତି, ଫିଜିଓ: ଅମ୍ରିତା ତ୍ରିପାଠୀ, ଫିଟ୍‌ନେସ ଟ୍ରେନର: ଶ୍ୱେତା ସାମନ୍ତରାୟ।

**ଓଡ଼ିଶାର କାର୍ଯ୍ୟସୂଚୀ**

ଏପ୍ରିଲ ୧୮: ବନାମ ଛତିଶଗଡ଼
ଏପ୍ରିଲ ୧୯: ବନାମ ବିହାର
ଏପ୍ରିଲ ୨୧: ବନାମ ତ୍ରିପୁରା
ଏପ୍ରିଲ ୨୨: ବନାମ ଝାଡ଼ଖଣ୍ଡ
ଏପ୍ରିଲ ୨୪: ବନାମ ତାମିଲନାଡୁ

## ଆଜି ରୟାଲ୍ସ ଲଢ଼େଇ

ମୁମ୍ବାଇ, ୪।୪ (ପି.ଟି.)

ଆଇପିଏଲ୍-୧୫ରେ ମଙ୍ଗଳବାର ରୟାଲ୍ସ ଲଢ଼େଇରେ ରାଜସ୍ଥାନ ଓ ବାଙ୍ଗାଲୋର ମଧ୍ୟରେ ମୁକାବିଲା ହେବ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୩ ରନର ବିଜୟ ପରେ ରାଜସ୍ଥାନ ଏହି ମ୍ୟାଚ ଖେଳିବାକୁ ଯାଉଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଏହାର ପୂର୍ବ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସକୁ ୩ ଉଇକେଟରେ ପରାସ୍ତ କରିଛି। ଫାଫ୍ ଡୁପ୍ଲେସିଙ୍କ ନେତୃତ୍ୱରେ ଆର୍‌ସିବି ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ଖେଳିବାରେ ସମର୍ଥ ହୋଇ ନ ଥିଲେ ହେଁ ଆଗାମୀ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ୱାଙ୍ଖେଡେ ପିଚ୍ ଆରମ୍ଭରେ ଦ୍ରୁତ ବୋଲରଙ୍କୁ ସହାୟକ ହେବ। ଉଭୟ ଦଳ ଏଥିରୁ ଫାଇଦା ନେବାକୁ ଚେଷ୍ଟା କରିବେ।

ପୂର୍ବ ମ୍ୟାଚରେ ଚଳିତ ଆଇପିଏଲ୍‌ର ପ୍ରଥମ ଶତକ ହାସଲ କରିଥିଲେ ରାଜସ୍ଥାନ ଓପନର ଜୋଶ୍ ବଟଲର। ତେବେ ଦୁଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଦେବଦତ୍ତ ପଡ଼ିକାଲ ରନ ସଂଗ୍ରହ ଧାରାକୁ ଫେରିବା ଆବଶ୍ୟକ ହେଉଛି। ସେହିପରି ଅଧିନାୟକ ସଞ୍ଜୁ ସାମସନ ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ପରେ ଭଲ ଆରମ୍ଭ ପାଉଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି।




# ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିଜୟୀ

ଡର୍ବାନ, ୪।୪ (ଏପି)

ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୨୦ ରନରେ ବାଂଲାଦେଶକୁ ପରାସ୍ତ କରିଛି। ୨୭୪ ରନ ବିଜୟ ଲକ୍ଷ୍ୟନେଇ ବାଂଲାଦେଶ ଦ୍ୱିତୀୟ ଇନିଂସରେ ମାତ୍ର ୫୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୬୭ ଓ ଦ୍ୱିତୀୟ ଇନିଂସରେ ୨୦୪ ରନ କରିଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ୨୯୮ ରନ କରିଥିଲା।

**ମହାରାଜଙ୍କୁ ୭ ଉଇକେଟ**

ଦ୍ୱିତୀୟ ଇନିଂସରେ ବାଂଲାଦେଶର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ମୁଖ୍ୟ ଭୂମିକା ନେଇଥିଲେ ବାମହାତୀ ସ୍ପିନର କେଶବ ମହାରାଜ। ସେ ମାତ୍ର ୩୨ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିଲେ। ଅଫ୍‌ସ୍ପିନର ସିମନ ହାର୍ମର ଅବଶିଷ୍ଟ ୩ଟି ଉଇକେଟ ନେଇଥିଲେ। ଅର୍ଥାତ୍ ଦକ୍ଷିଣ ଆଫ୍ରିକା କେବଳ ଦୁଇଜଣ ସ୍ପିନରଙ୍କୁ ବ୍ୟବହାର କରି ବାଂଲାଦେଶକୁ ଅଲ୍‌ଆଉଟ କରିଥିଲା। ବାଂଲାଦେଶର ଦ୍ୱିତୀୟ ଇନିଂସ କେବଳ ୧୯ ଓଭର ତିଷ୍ଠିଥିଲା। ଦଳ ପକ୍ଷରୁ କେବଳ ନଜମୁଲ ହୋସେନ ସାଣ୍ଟୋ (୨୬) ଓ ତାସକିନ ଅହମଦ (୧୪) ଦୁଇଅଙ୍କ ସ୍ପର୍ଶ କରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ଫଳରେ ଦକ୍ଷିଣ ଆଫ୍ରିକା ୨ ମ୍ୟାଚବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। କେଶବ ମହାରାଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୫୩ ରନ ଟେଷ୍ଟ କ୍ରିକେଟରେ ବାଂଲାଦେଶର ଦ୍ୱିତୀୟ ସର୍ବନିମ୍ନ ସ୍କୋର।



କେଶବ ମହାରାଜ

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୬୭। ବାଂଲାଦେଶ ପ୍ରଥମ ଇନିଂସ: ୨୯୮। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୦୪। ବାଂଲାଦେଶ ଦ୍ୱିତୀୟ ଇନିଂସ: ୫୩/ଅଲ୍‌ଆଉଟ (ନଜମୁଲ ହୋସେନ ସାଣ୍ଟୋ-୨୬, କେଶବ ମହାରାଜ-୭/୩୨, ସିମନ ହାର୍ମର-୩/୨୧)।

# ଶେଷ ମ୍ୟାଚ ଖେଳିଲେ ଟେଲର

ହାମିଲଟନ, ୪।୪ (ଏପି)

ନ୍ୟୁଜିଲାଣ୍ଡର ରସ୍ ଟେଲର ସୋମବାର କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସେ ୧୪ ରନ କରି ବିଦାୟ ନେବାବେଳେ ଉଭୟ ଦଳର ଖେଳାଳି ତାଙ୍କୁ ସମ୍ମାନ ଜଣାଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୪୫୦ତମ ଅନ୍ତର୍ଜାତୀୟ ଏବଂ ନ୍ୟୁଜିଲାଣ୍ଡ ପାଇଁ ଶେଷ ମ୍ୟାଚ। ଏଥିସହ ତାଙ୍କର ୧୬ ବର୍ଷ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ୩୮ ବର୍ଷୀୟ ଟେଲର ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ବିପରେ ଶେଷ ଟେଷ୍ଟ ଖେଳିଥିଲେ ହେଁ ଘରୋଇ ପଡ଼ିଆ ଶେଡନ ପାର୍କରେ ବିଦାୟୀ ମ୍ୟାଚ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଟେଲର କ୍ୟାରିୟରରେ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ।

## ସ୍ୱିଟେକ ନମ୍ବରୱାନ

**ପ୍ୟାରିସ, ୪।୪ (ଏପି):** ଇଗା ସ୍ୱିଟେକ ଡବ୍ଲ୍ୟୁଟିଏ ର୍‍ୟାଙ୍କିଂର ନମ୍ବରୱାନ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପୋଲାଣ୍ଡର ପ୍ରଥମ ଖେଳାଳିଭାବେ ସେ ଟେନିସ ର୍‍ୟାଙ୍କିଂର ଶୀର୍ଷସ୍ଥାନ ମଣ୍ଡନ କରିଛନ୍ତି। ସୋମବାର ପ୍ରକାଶିତ ର୍‍ୟାଙ୍କିଂରେ ୨୦ ବର୍ଷୀୟା ସ୍ୱିଟେକ ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟିଙ୍କ ସ୍ଥାନ ନେଇଛନ୍ତି। ୩ ଗ୍ରାଣ୍ଡସ୍ଲାମ ବିଜୟିନୀ ବାର୍ଟି ଗତ ମାସରେ ଟେନିସରୁ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ସେ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି। ସେ ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ନମ୍ବରୱାନ ସ୍ଥାନରେ ଥିଲେ।




# ରାଜ୍ୟସ୍ତରୀୟ କବାଡ଼ି: ରେଲୱେ, କଟକ ଚାମ୍ପିୟନ

ପୁରୀ ଅଫିସ, ୪।୪

ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା କବାଡ଼ି ମହାସଂଘ ମିଳିତ ଆନୁକୂଲ୍ୟରେ ବ୍ଲୁ ଫ୍ଲାଗ ବିଚ୍‌ରେ ଆୟୋଜିତ ୩ଦିନିଆ ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ- ୨୦୨୨ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗରେ ଢେଙ୍କାନାଳ ଓ କଟକ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୨୭ ପଏଣ୍ଟ ପାଇ ଚାମ୍ପିୟନ ଓ ଢେଙ୍କାନାଳ ୧୬ ପଏଣ୍ଟ ପାଇ ରନର୍ସଅପ୍ ହୋଇଛି। ସେମି ଫାଇନାଲରେ କଟକଠାରୁ ଓଡ଼ିଶା ପୋଲିସ ୩୪-୩୨ ପଏଣ୍ଟରେ ଏବଂ ଢେଙ୍କାନାଳଠାରୁ ନୂଆପଡ଼ା ୨୭-୨୫ ପଏଣ୍ଟରେ ହାରିଯାଇଥିଲା। ଫଳରେ ଉଭୟ ଓଡ଼ିଶା ପୋଲିସ ଓ ନୂଆପଡ଼ା ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ ପୂର୍ବତଟ ରେଲୱେ ଓ ଢେଙ୍କାନାଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପୂର୍ବତଟ ରେଲୱେ ୩୮ ପଏଣ୍ଟ ପାଇ ଚାମ୍ପିୟନ ଓ ଢେଙ୍କାନାଳ ୧୩ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲା। ମହିଳା ବିଭାଗ ସେମିଫାଇନାଲରେ ପୂର୍ବତଟ ରେଲୱେ ୪୫ ପଏଣ୍ଟ ଓ କିଟ୍ ବିଶ୍ୱବିଦ୍ୟାଳୟ ୮ ପଏଣ୍ଟ ପାଇଥିଲା। ଢେଙ୍କାନାଳ ୨୯ ପଏଣ୍ଟ ପାଇ ଗଞ୍ଜାମକୁ ୨୬ ପଏଣ୍ଟରେ ହରାଇଥିଲା। ଫଳରେ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଗଞ୍ଜାମ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ଚାମ୍ପିୟନ ଟିମ୍‌କୁ ୩୦ ହଜାର, ରନର୍ସ ଅପ୍ ଦଳକୁ ୨୦ ହଜାର, ତୃତୀୟ ସ୍ଥାନ ହାସଲ କରିଥିବା ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କୋଚ୍ ଏବଂ ଅଫିସିଆଲମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଖେଳାଳି ଓ କବାଡ଼ି ପ୍ରଶିକ୍ଷିକା ସଂହିତା ଦାସ, ଜୁଡ଼ୋ ପ୍ରଶିକ୍ଷିକା ସବିତା ନନ୍ଦଙ୍କ ସମେତ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।







ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପର ମହିଳା ବିଭାଗରେ ଚାମ୍ପିୟନ ପୂର୍ବତଟ ରେଲୱେ ଏବଂ ପୁରୁଷରେ ଟାଇଟଲ ବିଜୟୀ କଟକ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ